
ସମ୍ପତ୍ତି ତାଲିକା ଲୁଚାଇଛନ୍ତି
ପୃଷ୍ଠା ୫

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 269 | ଭାଗ ୩୨ | ସଂଖ୍ୟା ୨୬୯ | Bhubaneswar | Monday 23 December 2024 | Page 8 Rs. 4.00 | ଭୁବନେଶ୍ୱର ସୋମବାର ୨୩ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଓଡ଼ିଆ ଅସ୍ମିତାର ସୁରକ୍ଷା ଗଣମାଧ୍ୟମର ଦାୟିତ୍ୱ



### ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଆସୁ ଆଇନ୍: ଧର୍ମେନ୍ଦ୍ର

- ସାମ୍ବାଦିକ ସୁରକ୍ଷା, ମାନ୍ୟତା ଓ ପେନସନ ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ
- ନିର୍ବାଚନ ଖବର ପ୍ରସାରଣରେ ଓଡ଼ିଶାର ସାମ୍ବାଦିକମାନଙ୍କର ରହିଥିଲା ବଡ ଭୂମିକା
- ଜବାହରଲାଲ ନେହରୁ ସମ୍ବିଧାନର ସଂଶୋଧନ କରାଇଥିଲେ, ଯାହାର ବଡ ଶିକାର ହୋଇଥିଲେ ସାମ୍ବାଦିକ
- ଓଡ଼ିଶାର ବଣମଲ୍ଲିମାନଙ୍କୁ ଆଗକୁ ଆଣିବାର ଦାୟିତ୍ୱ ନେଉ ଗଣମାଧ୍ୟମ

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାରେ ସାମ୍ବାଦିକ ବନ୍ଧୁମାନେ ଖବର ପ୍ରସାରଣ ସହ ବିଭିନ୍ନ କାର୍ଯ୍ୟରେ ଗୁରୁ ଦାୟିତ୍ୱ ନିର୍ବାହ କରୁଛନ୍ତି । ଓଡ଼ିଶାର ଅଧିକାରରେ ସାମ୍ବାଦିକ ବନ୍ଧୁମାନଙ୍କର ବି ଦାୟିତ୍ୱ ଅଛି। ଏହି ସାମ୍ବାଦିକ ବନ୍ଧୁମାନଙ୍କର ସୁରକ୍ଷା, ଅଧିକାର ଓ ସୁବିଧା ପାଇଁ ସାମ୍ବାଦିକ ସୁରକ୍ଷା ଅଧିନିୟମ ଆଣିବା ସହ ସେମାନଙ୍କୁ ବିଧିବଦ୍ଧ ଭାବରେ ମାନ୍ୟତା ପ୍ରଦାନ କରିବା ତଥା ପେନସନ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ)ର ୫୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସାମ୍ବାଦିକମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ସଂଘର୍ଷକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା ଓଡ଼ିଶା ସାମ୍ବାଦିକ ୟୁନିୟନର କାର୍ଯ୍ୟ ପ୍ରଶଂସନୀୟ। ସମ୍ବିଧାନର ଗୌରବମୟ ୭୫ ବର୍ଷ ପୂର୍ତ୍ତି ହୋଇଛି। ତେବେ ସମ୍ବିଧାନ ପ୍ରଣୟନ ହେବା ପରେ ଦେଶରେ ପ୍ରଥମ କରି ଯେଉଁ ନିର୍ବାଚନ ହୋଇଥିଲା, ତାହା ପୂର୍ବରୁ ସମ୍ବିଧାନ ସଂଶୋଧନ କରାଗଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ସମ୍ବିଧାନର ସଂଶୋଧନ କରାଇଥିଲେ, ଯାହାର ବଡ ଶିକାର ହୋଇଥିଲେ ସାମ୍ବାଦିକ। ବାକ୍ ସ୍ୱାଧୀନତାକୁ ସଂଶୋଧନ କରାଗଲା, ଯେଉଁ ସଂଶୋଧନ ଥିଲା ସମାଲୋଚନାରୁ ବଞ୍ଚିବା ପାଇଁ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଆମ ଦେଶ ହେଉଛି ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ଗଣତନ୍ତ୍ରର କିଛି ସର୍ତ୍ତ ଅଛି। ସର୍ତ୍ତ ହେଉଛି ୫ ବର୍ଷରେ ଥରେ ଜନପ୍ରତିନିଧିଙ୍କ ପାଇଁ ପରୀକ୍ଷା ସଦୃଶ ନିର୍ବାଚନ ହେବା। ସମସ୍ତ ଜନପ୍ରତିନିଧିମାନେ ଗଣତନ୍ତ୍ରର ପୂଜାରୀ। ଅନେକ କଳ୍ପନା ଓ ଯୋଜନାକୁ ନେଇ ସେମାନେ ସମାଜ ପାଖକୁ ଯାଆନ୍ତି। ତେବେ ତାହା ଠିକ୍ ନା ଭୁଲ ଦେଖାଇବାର ଦାୟିତ୍ୱ ସାମ୍ବାଦିକମାନଙ୍କର।

ଜନପ୍ରତିନିଧିଙ୍କ କଥାର ନିର୍ଣ୍ଣୟ ସମାଜ କରିବ। ମାତ୍ର ଆଜି ଦଳେ ଲୋକ ସତ୍ୟକୁ ସାମ୍ନା କରିବାର ସାହସ ରଖୁନାହାନ୍ତି । ହାରିଲେ ଇଭିଏମକୁ ଦୋଷ ଦେଉଛନ୍ତି । ପ୍ରଜାତନ୍ତ୍ରକୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ । ଏହିପରି ଭାବରେ ଗତ ନିର୍ବାଚନରେ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଲୋକଙ୍କ ସୁରକ୍ଷା ପାଇଁ ନିର୍ବାଚନ ଥିଲା । ଓଡ଼ିଆ ଲୋକ ଜିତିବ ନା ହାରିବ, ତାହା ହିଁ ଥିଲା ମୂଳ ପ୍ରସଙ୍ଗ, ଯେଉଁଥିରେ ସାମ୍ବାଦିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ➺ପୃଷ୍ଠା-୬

## ବିଶ୍ୱ ନଜରରେ ଓଡ଼ିଶା

### ସଜେଇ ହେଉଛି ରାଜଧାନୀ
### ଗଣମାଧ୍ୟମ ପାଇଁ ମହାକୁମ୍ଭ

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହେଉଥିବା ପ୍ରବାସୀ ଭାରତୀୟ ଦିବସ ଉପରେ ଏବେ ସାରା ବିଶ୍ୱର ନଜର। ପୃଥିବୀର କୋଣ ଅନୁକୋଣରେ ଥିବା ଭାରତୀୟମାନେ ଏଠାରେ ପହଁଚିବାକୁ ସଜବାଜ ହେଉଥିବା ବେଳେ ଦେଶ ଓ ରାଜ୍ୟ ପ୍ରତି ସେମାନଙ୍କ ଆଭିମୁଖ୍ୟ ଓ ଅବଦାନ କଣ ରହିବ ତାହାକୁ ସମସ୍ତେ ଚାହିଁ ବସିଛନ୍ତି। ପ୍ରବାସୀମାନଙ୍କର ଏହି ସମାଗମକୁ ଦୃଷ୍ଟିରେ ରଖି ଉଭୟ ଜାତୀୟ ଓ ଆନ୍ତର୍ଜାତିକ ଗଣମାଧ୍ୟମ ଏଠାକୁ ଆସିବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ସେମାନଙ୍କ ପାଇଁ ଏହି ସମ୍ମିଳନୀ ଏକ ମହାକୁମ୍ଭ ପଲଟିବାକୁ ଯାଉଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଆରମ୍ଭ କରି ଦେଶର ବହୁ ବିଶିଷ୍ଟ ରାଜନେତା, ବିଶିଷ୍ଟ ଶିକ୍ଷାବିତ, ବୈଜ୍ଞାନିକ, ଗବେଷକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ପାଳନ ହେଉଥିବା ବେଳେ ଏହାକୁ ସଫଳ କରିବାକୁ ସବୁ ମହଲରେ ଉଦ୍ୟମ ହେଉଛି। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କୁଏତରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅପିଲ କରିଛନ୍ତି। ପ୍ରବାସୀ ଭାରତୀୟ ଦିବସ ପାଇଁ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ପର୍ଯ୍ୟଟନସ୍ଥଳୀଗୁଡିକୁ ଦିପାବଳୀ ଭଳି ସଜେଇ ହେଉଥିବା ବେଳେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି।

ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପାଇଁ ଗତ ଡିସେମ୍ବର ୯ ତାରିଖରେ ଜନତା ମଇଦାନ ଠାରେ ଭୂମି ପୂଜନ କରାଯାଇଛି । କାର୍ଯ୍ୟକ୍ରମ ସ୍ଥଳରେ ଭି.ଭି.ଆଇ.ପି, ଅତିଥି, ପ୍ରବାସୀ ଭାରତୀୟ, ସ୍ଥାନୀୟ ଦର୍ଶକମାନଙ୍କ ବସିବା ବ୍ୟବସ୍ଥା, ଯାନବାହାନ ପାର୍କିଂ ସ୍ଥଳ, ପ୍ରବାସୀ ଭାରତୀୟଙ୍କ ଖାଦ୍ୟ ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି, ନକ୍ସା ଉପସ୍ଥାପନ ଓ ଅନୁମୋଦନ ମୁତାବକ କାର୍ଯ୍ୟ ଅଗ୍ରଗତି ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବିଭାଗୀୟ ସଚିବମାନେ ନିଜ ନିଜ ସ୍ତରରେ ନିୟମିତ ଏହି କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି।

> **ପହିଲାରେ ମୁଖ୍ୟମନ୍ତ୍ରୀ କରିବେ ସମୀକ୍ଷା**

ପ୍ରବାସୀ ଭାରତୀୟ ଦିବସରେ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କେଉଁମାନେ ଅଂଶ ଗ୍ରହଣ କରିବେ, ତାହା ଓଡ଼ିଆ ଭାଷା ଓ ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଚୂଡ଼ାନ୍ତ କରାଯାଇଛି । ଜାନୁଆରୀ ୭ରୁ ୧୧ ପର୍ଯ୍ୟନ୍ତ ରାଜାରାଣୀ ମ୍ୟୁଜିକ୍ ଫେଷ୍ଟିଭାଲ, ମୁକ୍ତେଶ୍ୱର ନୃତ୍ୟ ଉତ୍ସବ , ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଏବଂ ଏକାମ୍ର କାନନ ଠାରେ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ୮ ଜାନୁଆରୀରେ ସାଂସ୍କୃତିକ ଫ୍ୟୁଜନ ନୃତ୍ୟ ପରିବେଷଣ, ୫ ରୁ ୧୫ ଜାନୁଆରୀ ପର୍ଯ୍ୟନ୍ତ ଆଦିବାସୀ ମେଳା, ୬ରୁ ୧୨ ଜାନୁଆରୀ ପର୍ଯ୍ୟନ୍ତ ଚିଲିକା ପକ୍ଷୀ ଉତ୍ସବ, ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଖାଦ୍ୟ ମେଳା, ପଥ ଉତ୍ସବ ଏବଂ ରାତ୍ରୀକାଳୀନ ବଜାର (ନାଇଟ୍ ମାର୍କେଟ୍) ଅନୁଷ୍ଠିତ ହେବ।




ଏହି ଅବସରରେ ପ୍ରାଚୀନରୁ ଆଧୁନିକ ପର୍ଯ୍ୟନ୍ତ ଓଡ଼ିଶାର ଗୌରବ (ଗ୍ଲୋରିଅସ୍ ଓଡ଼ିଶା ଫ୍ରମ୍ ଆନସିଏଣ୍ଟ ଟୁ ମଡର୍ଣ୍ଣ) ଉପରେ ଆଧାରିତ ଓଡ଼ିଶା ଥିମ୍ ପାଭିଲିଅନ ଆୟୋଜିତ ହେବ । ଏହାର ରୂପରେଖ କିପରି ରହିବ, ସେଥିପାଇଁ ପ୍ରସ୍ତୁତି ଜାରି ରହିଛି । ପ୍ରଥମ ଦିନ ଜାନୁଆରୀ ୮ ତାରିଖରେ ଯୁବ ପ୍ରବାସୀ ଭାରତୀୟ ଦିବସ, ଜାନୁଆରୀ ୯ରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଏବଂ ଶେଷ ଦିନ ଜାନୁଆରୀ ୧୦ ତାରିଖରେ ଉଦଯାପନୀ ଦିବସ ସହିତ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମର ପ୍ରସାର ପ୍ରଚାର ପାଇଁ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ମିଡିଆ ପ୍ଲାନ ପ୍ରସ୍ତୁତି ପୂର୍ବକ ଆବଶ୍ୟକ ପ୍ରସ୍ତାବ ଦିଆଯାଇଛି ।

ସହରରେ ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଚିହ୍ନଟ ହୋଇଥିବା ୫୫ଟି ରାସ୍ତାର ସୌନ୍ଦର୍ଯ୍ୟକରଣ କରାଯାଉଛି । ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା, ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତି ଜାରି ରହିଛି । ଅତିଥି, ପ୍ରବାସୀ ଭାରତୀୟ ଏବଂ ବୈଦେଶିକ ବ୍ୟାପାର ବିଭାଗ ଅଧିକାରୀମାନଙ୍କ ଏହି ସମ୍ମିଳନୀରେ ଯୋଗଦାନ କରିବାକୁ ଥିବା ପରିପ୍ରେକ୍ଷୀରେ ବିଭିନ୍ନ ହୋଟେଲରେ ରହଣି ପାଇଁ ପ୍ରକୋଷ୍ଠ ବୁକିଂ କରାଯାଇଛି ଏବଂ ଯୋଗଦେବାକୁ ଥିବା ପ୍ରବାସୀ ଭାରତୀୟମାନଙ୍କ ତରଫରୁ ପଞ୍ଜୀକରଣ ଜାରି ରହିଛି । ସମ୍ମିଳନୀରେ ଯେପରି ଅଧିକରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବେ, ସେ ନେଇ ➺ପୃଷ୍ଠା-୬



### ଟ୍ରେଣ୍ଡିଂ ନ୍ୟୁଜ୍

- ପ୍ରିୟଙ୍କା ଗାନ୍ଧି ଭଦ୍ରା ନିର୍ବାଚନ ସତ୍ୟପାଠରେ ସଠିକ ତଥ୍ୟ ଦେଇନାହାନ୍ତି ବୋଲି ତାଙ୍କ ବିରୋଧରେ ଲଢ଼ିଥିବା ବିଜେପି ପ୍ରାର୍ଥୀ ନବ୍ୟା ହରିଦାଶଙ୍କ ଅଭିଯୋଗ।
- ଦେଶର ଜଣାଶୁଣା ୟୁଗାର୍ଟ ବ୍ରାଣ୍ଡ ଇପିଜେମିଆର ସହପ୍ରତିଷ୍ଠାତା ରୋହନ ମୀରଚନ୍ଦାନି(୪୨)ଙ୍କ ହୃଦଘାତରେ ପରଲୋକ।
- ମଧ୍ୟପ୍ରଦେଶ ଲୋକାୟୁକ୍ତଙ୍କ ଦ୍ୱାରା ଆରଟିଓ କନେଷ୍ଟବଳ ସୌରଭ ଶର୍ମାଙ୍କ ୭.୯୮ କୋଟି ଟଙ୍କାର ସଂପତ୍ତି ଜବତ ମାମଲାର ନିରପେକ୍ଷ ତଦନ୍ତ ଦାବି କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସଂହ।
- ଆମ୍ବେଦକର ପ୍ରସଙ୍ଗ ନେଇ କଂଗ୍ରେସ ଦେଶବାସୀଙ୍କୁ ଧୋକା ଦେଇଛି ବୋଲି କହିଲେ ବିଏସ୍‌ପି ସୁପ୍ରିମୋ ମାୟାବତୀ।
- ପୁଷ୍ପା-୨ ହିରୋ ଅଲ୍ଲୁ ଅର୍ଜୁନଙ୍କ ଘର ଉପରେ ଓସ୍‌ମାନିଆ ଛାତ୍ରଛାତ୍ରୀଙ୍କ ଟମାଟୋ ମାଡ଼ ଓ ଭଙ୍ଗାରୁଜା।



### କାନ ଡେରିଥା

ୱାନ ନେସନ ୱାନ ଇଲେକ୍ସନ
ସବୁଠି ହୁଏ ସ୍ୱାଗତ
ବିଜେଡିରେ ଏହା ବ୍ୟତିକ୍ରମ
ଘଟେ
ଦଳ ମଧ୍ୟେ ଦିଶେ ଫାଟ
କାହିଁକି ଏ ସବୁ ନାଟ...
ମୁଖିଆ କାହିଁକି ଚୁପ୍ ଅଛନ୍ତି
କିଏ କରେ ଲଟପଟ ।

■ ଦେବାଶିଷ

## ବାଦଲଙ୍କୁ ମାରିଦେଲେ ମାମଲତକାର !

- ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିଲେ
- ସହିପାରିଲେନି ହତାଦର ରାଜନୀତିକୁ



**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ପୂର୍ବତନ ବିଧାୟକ ବିଜୟ ମହାନ୍ତି ଓରଫ ବାଦଲ ମହାନ୍ତିଙ୍କ ମୃତ୍ୟୁରେ ଶୋକବାର୍ତ୍ତାର ସୁଅ ଛୁଟୁଥିବାବେଳେ ତାଙ୍କର ମୃତ୍ୟୁପାଇଁ ଅନେକାଂଶରେ ବିଜେଡିର ମାମଲତକାରମାନେ ଦାୟୀ ବୋଲି ଆଲୋଚନା ହେଉଛି । ଭୁବନେଶ୍ୱରର ଜଣେ ଲୋକପ୍ରିୟ ବିଧାୟକଙ୍କୁ ଏମାନେ ଏଭଳି ହତାଦର କଲେ ଯେ ଶେଷରେ ଅତ୍ୟନ୍ତ ଦୁଃଖଦ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଗଲା ବୋଲି କୁହାଯାଉଛି।

ବିଜୟ ତାଙ୍କର ରାଜନୈତିକ ଜୀବନଯାତ୍ରା ଆରମ୍ଭ କରିଥିଲେ ଛାତ୍ର ରାଜନୀତିରୁ । ୧୯୮୨ ମସିହାରେ ସେ ଥିଲେ ଜନତା ଦଳ ଭୁବନେଶ୍ୱରର ସମ୍ପାଦକ। ଏହାପରେ ୧୯୮୮ ରୁ ୧୯୯୨ ପର୍ଯ୍ୟନ୍ତ ଯୁବ ଜନତା ଦଳର ଭୁବନେଶ୍ୱର ସଭାପତି ରହିଥିଲେ । ୧୯୯୨ରୁ ୧୯୯୮ ପର୍ଯ୍ୟନ୍ତ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଏବଂ ୧୯୯୮ ରୁ ୨୦୦୦ ପର୍ଯ୍ୟନ୍ତ ବିଜୁ ଯୁବ ଜନତାଦଳର ରାଜ୍ୟ ସମ୍ପାଦକ ଥିଲେ। ବିଜେଡି ଗଠନ ପରେ ମଧ୍ୟ ସେ ଏହାର ଯୁବ ଛାତ୍ର ଶାଖାର ମୁଖ୍ୟ ପରାମର୍ଶଦାତା ଭଳି ପଦରେ ରହିଥିଲେ ।

୨୦୦୯ ଓ ୨୦୧୪ରେ ଦୁଇଥର ପାଇଁ ବିଜୟ ସମ୍ମାନଜନକ ଭୁବନେଶ୍ୱର ମଧ୍ୟ ଆସନରୁ ବିଧାୟକ ହୋଇଥିଲେ। ବିଧାୟକ ଭାବେ ସେ ଥିଲେ ରାଜଧାନୀର ସାଧାରଣ ଲୋକ ବିଶେଷକରି ବସ୍ତି ଅଞ୍ଚଳରେ ରହୁଥିବା ଲୋକଙ୍କର ଅତ୍ୟନ୍ତ ପ୍ରିୟ। ➺ପୃଷ୍ଠା-୬

### ବିଜୟ ମହାନ୍ତିଙ୍କ ପରଲୋକ


ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିରୋଧୀଦଳ ନେତାଙ୍କ ଶୋକ

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ଆଉ ନାହାନ୍ତି ପୂର୍ବତନ ବିଧାୟକ ବିଜୟ ମହାନ୍ତି। ରବିବାର ତାଙ୍କର ପରଲୋକ ଘଟିଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ତେବେ ତାଙ୍କର ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ସୂଚନା ଅନୁଯାୟୀ, ବିଜୟ ମହାନ୍ତି ଭୁବନେଶ୍ୱରର ଏକ ଗେଷ୍ଟ ହାଉସ୍‌ରେ ଥିବାବେଳେ ଅଚେତ ହୋଇଯାଇଥିଲେ। ତାଙ୍କୁ କ୍ୟାପିଟାଲ ➺ପୃଷ୍ଠା-୬

## ପୁଣି ୨୪ରୁ ବର୍ଷା

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି ଆଉ ଏକ ଲଘୁଚାପ। ଏହା ପ୍ରଭାବରେ ୨୪ ଓ ୨୫ ତାରିଖ ଦୁଇଦିନ ରାଜ୍ୟରେ ବର୍ଷା ହେବ ବୋଲି ଭୁବନେଶ୍ୱର ପାଣିପାଗ ବିଭାଗ ଆକଳନ କରିଛି। ରାଜ୍ରରେ ତିନି ଦିନ ବର୍ଷା ଲାଗି ରହିଥିବା ବେଳେ ରବିବାରରୁ ପାଗରେ ପରିବର୍ତ୍ତନ ହୋଇଛି। ବର୍ତ୍ତମାନ ବର୍ଷାର ବିଶେଷ ପ୍ରଭାବ ନାହିଁ। ପୁଣି ୨୪ ଓ ୨୫ରେ ବର୍ଷା ହେବ ବୋଲି ଆକଳନ କରାଯିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ସେହିପରି ଆଗାମୀ କିଛିଦିନ ରାଜ୍ୟରେ ଘନ କୁହୁଡ଼ି ଦୃଶ୍ୟମାନ ହେବାକୁ ଥିବା ବେଳେ ୫ ଜିଲ୍ଲାକୁ ୱେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ 'ଏକ୍ସ'ରେ ଦେଇଥିବା ସୂଚନା ଅନୁଯାୟୀ, ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ପଶ୍ଚିମ-ଦକ୍ଷିଣପଶ୍ଚିମ ଦିଗରେ ଗତି କରି ୨୪ ତାରିଖ ବେଳକୁ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ➺ପୃଷ୍ଠା-୬

## କ୍ଷୟକ୍ଷତିର ହେବ ଆକଳନ

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପ୍ରଭାବରେ ରାଜ୍ୟରେ ଧାନ, ପନିପରିବା ଓ ରବିଫସଲ ବ୍ୟାପକଭାବେ କ୍ଷତିଗ୍ରସ୍ତ ହୋଇଛି। ଚାଷୀକୂଳର ଆର୍ଥିକ ସ୍ଥିତି ଦେହଲି ଯାଇଛି। ଋଣ କରି ଚାଷ କରିଥିବା ଚାଷୀମାନଙ୍କୁ ଋଣ ପରିଶୋଧ ଚିନ୍ତା ଘାରିଛି। ସରକାରୀ ସହାୟତା ପାଇଁ ଦାବି କରାଯାଉଛି।

ଏହି ପରିପ୍ରେକ୍ଷୀରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ଆଶା ସଂଚାର କରିଛି। ମନ୍ତ୍ରୀ କହିଛନ୍ତି, ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯିବ। ଶନିବାର ଯାଏଁ ବର୍ଷା ଲାଗି ରହିଥିଲା। ଫଳରେ କ୍ଷୟକ୍ଷତି ଆକଳନ ହୋଇ ପାରିନାହିଁ। ମନ୍ତ୍ରୀ ବିଭୂତି ଜେନାଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ସମସ୍ତ ଜିଲ୍ଲାପାଳ ଓ ଆରଡିସିଙ୍କୁ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି । କ୍ଷୟକ୍ଷତି ଆକଳନ ଉଦାରତାର ସହ ➺ପୃଷ୍ଠା-୬

## ସନ୍ୟାସୀଙ୍କୁ ସୁରକ୍ଷା ଦେଉନାହାନ୍ତି ବିଜେଡି ନେତା

- ମଉକା ଦେଖି ବଦଳା ନେଉଛନ୍ତି
- ବାଉଁସର କ୍ରୀତଦାସ ବି ଫେରାର



**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ବିଜେଡିକୁ ଏବେ ବି ଦିଗ୍‌ଦର୍ଶନ ଦେଉଥିବା ସନ୍ୟାସୀଙ୍କୁ ଆଉ ବିଜେଡି ନେତାମାନେ ସୁରକ୍ଷା ଦେଉନାହାନ୍ତି । ଓଲଟା ମଉକା ଦେଖି ଯେତେ ପାରୁଛନ୍ତି ସେତେ ବଦଳା ନେଉଛନ୍ତି । ଗୋଟିଏ ପୁସ୍ତକରେ ସିଧାସଳଖ ସନ୍ୟାସୀଙ୍କୁ ନିଶାଣା ହୋଇଥିବାବେଳେ ସୁରକ୍ଷା ଦେବାକୁ କିନ୍ତୁ କେହି ପଦାକୁ ଆସୁନାହାନ୍ତି ।

ବରିଷ୍ଠ ସାମ୍ବାଦିକ ରୁବେନ ବାନାର୍ଜୀଙ୍କର ଗୋଟିଏ ପୁସ୍ତକ ଗତକାଲି ଉନ୍ମୋଚିତ ହୋଇଛି। ଯଦିଓ ଏହା ନବୀନଙ୍କ ସଂକ୍ରାନ୍ତରେ ଲେଖାଯାଇଛି କିନ୍ତୁ ମୁଖ୍ୟ କଥା ସନ୍ୟାସୀ ଓରଫ ପାଣ୍ଡିଆନଙ୍କ ସଂକ୍ରାନ୍ତରେ ରହିଛି । ଓଡ଼ିଶାର ଶାସନକୁ ନିୟନ୍ତ୍ରଣ କରିବା, ବିଜେଡିକୁ ପରିଚାଳନା କରିବା, ବିଜେଡିକୁ ରାଜନୀତିରେ ହରାଇବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଠାରୁ ଆରମ୍ଭ କରି ବିଜେଡି ନେତାମାନଙ୍କୁ ନିଜର ଅଧିନରେ ରଖିବା ନେଇ ବହୁ କଥା ଲେଖାହୋଇଛି। ଏହାକୁ ନେଇ ରାଜ୍ୟ ରାଜନୀତି ବିଶେଷକରି ବିଜେଡି ରାଜନୀତିରେ ଗୁଞ୍ଜରଣ ସୃଷ୍ଟି ହୋଇଛି ।

ହେଲେ ଏଥର ଆଉ ପୂର୍ବଭଳି ସନ୍ୟାସୀଙ୍କୁ ସୁରକ୍ଷା ଦେବାକୁ କେହି ଆଗକୁ ଆସୁନାହାନ୍ତି। ପୂର୍ବରୁ ବିଧାନସଭା ➺ପୃଷ୍ଠା-୬

### ବିଜ୍‌ଲିୱାଲି ନୂଆ ଆଇଟମ୍



**ସେ** ଛୁଇଁବାକୁ ଦେଉଛନ୍ତି ସତ। ହେଲେ ବିପଦ ବିଷୟରେ ଚିନ୍ତା ନ କରି ଯିଏ କରେଣ୍ଟରେ ହାତ ମାରିଲା, ତାକୁ ୪୪୦ ଭୋଲ୍ଟ ନୁହେଁ ୮୮୦ ଭୋଲ୍ଟ କରେଣ୍ଟ ଲାଗୁଛି । କମିଶନରେଟ ପୋଲିସରେ କାର୍ଯ୍ୟରତ ଏହି ମହିଳା ସବଇନ୍ସପେକ୍ଟରଙ୍କୁ ନେଇ ଏବେ ଭାରି ଚର୍ଚ୍ଚା। ଚର୍ଚ୍ଚା ହୁଅନ୍ତାନି ବା କେମିତି! ସ୍ୱାମୀ ଏହି ବିଭାଗରେ ଥାଇ ମଧ୍ୟ ନିଜର ଚୁଲବୁଲି ଗୁଣ ପାଇଁ ସେ ବଡ଼ବାବୁଙ୍କ କୁଆଡେ ଭାରି ପ୍ରିୟ। ଖାଲି ବଡ଼ ବାବୁ ନୁହନ୍ତି, ଜଣେ ବଡ ମ୍ୟାଡାମଙ୍କର୍ ମଧ୍ୟ ସେ ଏକାନ୍ତ ଖାସ। ମ୍ୟାଡାମ ଜଣଙ୍କ ତାଙ୍କ ଜରିଆରେ କୁଆଡେ ଭଲ ରୋଜଗାର କରନ୍ତି। ତେଣୁକରି ମ୍ୟାଡାମ ଲିଡ୍ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଟିମ୍‌ରେ ସେ ଥିଲେ ସକ୍ରିୟ ମେମ୍ବର । ସୁରକ୍ଷା ଆଳରେ ବଡ଼ବଡ଼ିଆଙ୍କୁ ବଟି ମାଗି ନିନ୍ଦିତ ହେବା ପରେ ଏବେ ସେହି ଟିମ୍ ବନ୍ଦ ହୋଇଯାଇଛି ସତ। କିନ୍ତୁ ଏବେବି ଅଣ୍ଡର କଭର ପୋଲିସ ଅଫିସର କହି ମାଲ ମାଗୁଥିବା ଅଭିଯୋଗ ଖୋଦ କମିଶନର ଙ୍କ ପାଖରେ ପହଁଚିଛି। ରାଜଧାନୀର ଏକ ପ୍ରମୁଖ ଥାନାରେ କାମ କରୁଥିବା ଏହି ସବଇନ୍ସପେକ୍ଟରଙ୍କ ଅନେକ କାରନାମା ରହିଛି । ଖବର ଶିରୋନାମା ପାଲଟିବାକୁ କିଛି ନାଁ କିଛି କରୁଥିବା ଏହି ଏସଆଇଙ୍କୁ ଏବେ କିଛି ଅଫିସର ଡରୁଥିବା ଜଣାପଡିଛି । ଅଫିସର ମହଲରେ ହେଉଥିବା ଚର୍ଚ୍ଚା ମୁତାବକ, ଦୁର୍ବଳ ମୁହୂର୍ତ୍ତରେ ଅଫିସରଙ୍କ ପାଖକୁ ଯାଇ ମ୍ୟାଡାମ କୁଆଡେ ଟିକେ ଘଷି ହେଉଛନ୍ତି । ଆଉ ଯଦି କିଏ ଏହି ଘଷି ହେବାକୁ ଇସାରା ବୋଲି ଭାବିଲା, ତେବେ କଥା ସରିଲା । ପରେ ପରେ ବ୍ଲାକମେଲ ଆରମ୍ଭ କରିଦେଉଛନ୍ତି ଏହି କରିତକର୍ମା ମହିଳା ସବ୍‌ଇନ୍ସପେକ୍ଟର। ଯେଉଁ ଭୟରେ ତାଙ୍କୁ କୁଆଡେ ଭୁବନେଶ୍ୱରରୁ ବଦଳି ହେଉ ନ ଥିବା ଶୁଣିବାକୁ ମିଳୁଛି। ଯଦି ଏକଥା ସତ ହୋଇଥାଏ, ତେବେ ମ୍ୟାଡାମଙ୍କ ସାନିଧ୍ୟ ପାଇଥିବା ବଡ଼ବାବୁମାନେ କିଏ, ତାକୁ ନେଇ ଏବେ ବଢ଼ିଛି ଚର୍ଚ୍ଚା।

## ସପ୍ତମ ବାଟାଲିୟନରେ ଚାଲିଛି କ'ଣ ?

- ବୁଲୁଛି ବେନାମୀ ଦରଖାସ୍ତ
- ବିଜେଡି ମାର୍କା ସଂଘ ନେତା କାଠଗଡ଼ାରେ




**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ରାଜଧାନୀରେ ଥିବା ସପ୍ତମ ବାଟାଲିୟନ ବାରାକ ଭିତରେ ଚାଲିଛି କ'ଣ? ତାହାକୁ ନେଇ ଏବେ ପୁଲିସ୍ ବିଭାଗଠାରୁ ଆରମ୍ଭ କରି ସାଧାରଣରେ ଚର୍ଚ୍ଚା। ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ବାଟାଲିୟନର କିଛି ଯବାନ ଲେଖିଥିବା ପତ୍ରର ନକଲ ବଜାରରେ ବୁଲିବାପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି।

ବାଟାଲିୟନର କିଛି ଅଫିସର ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏହି ପତ୍ର ଲେଖିଥିବା ଉଲ୍ଲେଖ କରିଥିବାବେଳେ ସଂଘ ନେତାଙ୍କ ନାଁରେ ବିଷ ଓଗାଳିଥିବାରୁ କେହି କିନ୍ତୁ ଏଥିରେ ନିଜର ନାମ ଉଲ୍ଲେଖ କରିନାହାନ୍ତି । ଡିଜିପିଙ୍କୁ ଲେଖାଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଦୁଇଜଣ ସଂଘ ନେତା ଏବେ ବାଟାଲିୟନ ପରିସରକୁ କଳୁଷିତ କରୁଛନ୍ତି। ସେମାନେ ଦୈନିକ ବାଟାଲିୟନ ପରିସରରେ ମଦର ଆସର ଜମାଉଛନ୍ତି। ବାହାର ଲୋକେ ଆସି ଏଠାରେ ମଦ ପିଇବା ସହିତ ମେସ୍‌ରେ ଭୋଜିଭାତର ଆସର ଜମୁଛି। ସଙ୍ଗୀନ ଅଭିଯୋଗ ହୋଇଛି ଯେ ବାରାକରେ ମଦର ଆସନର ସହିତ ଜୁଆଖେଳ ବି ହେଉଛି। ଏହି ପଇସାରୁ ସଂଘ ନେତାମାନେ ବି କିଛି ପକେଟସ୍ଥ କରୁଛନ୍ତି । ତେବେ ସଂଘ ନେତାମାନେ ବିଜେଡି ମାର୍କା ହୋଇଥିବାରୁ କିଛି ବିଜେଡି ନେତା ଓ କର୍ମୀ ବି ଏଠାରେ ଆସି ଆସନ ଜମାଇବା ସହିତ ନିଶା ସେବନ କରୁଛନ୍ତି। ସଂଘ ନେତାମାନେ କେବଳ ନିଜର ନିଶାଡି ବନ୍ଧୁମାନଙ୍କୁ ଡାକି ଏଠାରେ ଆସର ଜମାଉ ନାହାନ୍ତି, ନିଜର ସୁରକ୍ଷା ଓ ତଳିଆ କର୍ମୀମାନଙ୍କୁ ହାତରେ ରଖିବାପାଇଁ ସେମାନଙ୍କୁ ମଧ୍ୟ ନିଶାସକ୍ତ କରାଇବାରେ ଲାଗିଛନ୍ତି । କାହାକୁ ମଦ ତ ଆଉ କାହାକୁ ଗଞ୍ଜେଇ ସେବନ ପାଇଁ ସୁଯୋଗ ଦେଉଛନ୍ତି । କ୍ୱାର୍ଟର୍ସ ଗାର୍ଡ ଭଳି ସମ୍ବେଦନଶୀଳ ସ୍ଥାନରୁ ଲୋକମାନଙ୍କୁ ଛୁଟିରେ ଛାଡି ଦିଆଯାଉଥିବା ମଧ୍ୟ ଏହି ଅଭିଯୋଗପତ୍ରରେ ଉଲ୍ଲେଖ ଅଛି।

କିଛି ବିଜେଡି ମାର୍କା ଅଫିସର ଯେଭଳି ସପ୍ତମ ବାଟାଲିୟନ ପରିସରକୁ କଳୁଷିତ କରିବାରେ ଲାଗିଛନ୍ତି ତୁରନ୍ତ ସେଥିରେ ବ୍ରେକ୍ ଲଗାଇବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ଲେଖାଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଚାକିରି ଚାଲିଯିବା ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟରେ ପତ୍ର ଲେଖିଥିବା ଖାକି ବାବୁମାନେ ଅତି ସତର୍କତାର ସହିତ ନିଜର ନାମ ଏଥିରେ ଉଲ୍ଲେଖ କରି ନ ଥିବାବେଳେ ଲେଖାଯାଇଥିବା ପତ୍ରଟି କିନ୍ତୁ ପୁଲିସ୍ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଡିଜିପି କେବେ ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହାକୁ ଅନେକ ଚାହିଁ ବସିଛନ୍ତି।



# ଘର କୁ କରିବା ସରଗ ପୁର

**ପୁଷ୍ପଲତା ମିଶ୍ର**

ଘରକୁ କରିବା ସରଗ ର ପୁର
କଳ୍ପନା ରେ ଆଙ୍କି ହୁଏ,
ଅନୁମେୟ ହୁଏ ଚେତନାର ଛବି
ପବିତ୍ର ର ସ୍ଥାନ ଇଏ ।। ୧ ।।
ସ୍ୱର୍ଗୀୟ ସଂପଦ ମିଳେ ଏହି ଠାରେ
ନ ଥାଏ କୁଟ କପଟ,
ଆମ ପିତା ମାତା ଚଳନ୍ତି ପ୍ରତିମା
ତାଙ୍କ ପାଦେ ଦଣ୍ଡବତ ।। ୨ ।।
ଗୁରୁଜନେ ଭକ୍ତି ସାନ କୁ ଶୁଭେଚ୍ଛା
ସ୍ନେହ ମମତା ରେ ଭରା
ଅତିଥି ମାନଙ୍କୁ ଦେବତା ମଣନ୍ତି
ମନରେ ଆନନ୍ଦ ପରା ।। ୩ ।।
ଅଗଣା ରେ ପୂଜା ହୁଏ ବୃନ୍ଦାଷ୍ୱତୀ
ସଞ୍ଜ ଆଉ ସକାଳ ରେ,
ପୂଜା ତ କରନ୍ତି ପରିବାର ମିଶି
ଆମରି ଠାକୁର ଘରେ ।। ୪ ।।
ତୁଳସୀ ଚଉଁରା ମୂଳେ ସଞ୍ଜ ବତୀ
ଦିଏ ଘର କୁଳ ବଧୂ,
ଭାଇ ଭାଇ ମଧ୍ୟେ ରହେ ସଦ ଭାବ
ସମ୍ପର୍କ ନିବିଡ଼ ସିନ୍ଧୁ ।।୫ ।।
ପରବ ପର୍ବାଣୀ ପାଳନ୍ତି ସରବେ
ଗୃହ ରେ ରଖି ସଂସ୍କାର ,
ବୈକୁଣ୍ଠ ସମାନ ଅଟେ ଆମ ଘର
ଶାନ୍ତି ଥାଏ ନିରନ୍ତର ।।୬ ।।
ଆମ ଘର ଅଟେ ଆମର ନିଜର
ହେଉ ପଛେ ଚାଳ ଘର,
ଶାନ୍ତି ସଦଭାୱ ଥାଏ ନିରନ୍ତର
ସତେ କି ସରଗ ପୁର ।।୭ ।।

**ଭୁବନେଶ୍ୱର**
**ମୋବାଇଲ୍: ୯୩୩୮୨୯୪୬୫୭**



# ମୁଁ

**ସନ୍ତୋଷ କୁମାର ସାହୁ**

ମୁଁ ନିଜ ଅନ୍ତରେ ଅମାପ ଶକ୍ତିଟେ
ମୁଁ ମୋ ମନର ମିତ
ମୁଁ ଆଶା ବିଶ୍ୱାସ ଭରସା କରୁଣା
ପ୍ରୀତି ସନ୍ତୁଷ୍ଟତା ମତ...
ମୁଁ କାହା ଅଧରେ ମୁକ୍ତା ଝରା ହସ
ହୃଦେ ଦିଏ ପ୍ରେମ ଭରି
ସୁଖି କି ଦୁଃଖରେ ଲୋତକ ହୋଇ
ମୁଁ
କା ନୟନେ ଯାଏ ଝରି...
ମୁଁ ଏକ ଶ୍ରାବଣ ମନ କଳଙ୍କକୁ
ପୋଛି ଧୋଇ କରେ ସଫା
ମୁଁ କାହା ପ୍ରେରଣା ଉତ୍ସାହ ଆନନ୍ଦ
କାବ୍ୟିକ ଭାବନା ତୋଫା...
ମୁଁ ଛାର ମଣିଷ ମଧୁର ଶବ୍ଦଟି
ଭାବନାରେ ଯାଏ ବୁଡ଼ି
ମୁଁ ଏକ ଅତୀତ ଭବିଷ୍ୟ ସମ୍ଭାର
କବିତା ମୁଁ ଦୁଇ ଧାଡ଼ି...
ମୁଁ ମଧୁର ସ୍ୱର ସଙ୍ଗୀତ ରାଗିଣୀ
ନାହିଁ ମନେ ଅହଂକାର
ମୁଁ କେବେ କାହାର ଭଲ ଆଉ ମନ୍ଦ
କେବେ ପର ଆପଣାର...
କବି ନୁହେଁ ସିନା ରଚେ ମୁଁ କବିତା
ଅନୁଭୂତି କଥା ଭାବି
କେତେ ସମ୍ବର୍ଦ୍ଧନା ସମ୍ମାନିତ ହୁଏ
ସତରେ ମୁଁ କଣ କବି ?...
ମୁଁ ମାତ୍ର କଳ୍ପନା ଭାବୁକ ଭାବନା
ଅକୁହା ସ୍ମୃତିର ଚିହ୍ନ
ମୁଁ ଏକ କବିତା ମଧୁର ଶବ୍ଦଟେ
ନିଃସଙ୍ଗତା ମଲାଜହ୍ନ...

**ଗାନ୍ଧୀନଗର, କୋରାପୁଟ**



# ହେ ଆକାଶ !

**ଜୟଶ୍ରୀ ପଟ୍ଟନାୟକ**

ତୁମ ବିସ୍ତୀର୍ଣ୍ଣତା ଦେଖିଦେଲେ ଥରେ
ମନପକ୍ଷୀ ଉଡ଼ିଯାଏ
ହେ ଆକାଶ ତୁମ ନୀଳ ବକ୍ଷ ଦେଖି
ଉଦାରଚିତ୍ତା ମୁଁ ହୁଏ ।

ଯେତିକି ଉଡ଼ିଛି ଅନନ୍ତ ଆକାଶେ
ସେତିକି ବୁଝିଛି ମୂଲ
ଯେଦିନ କଟିଛି ଡେଣା ଦୁଇ ମୋର
ପ୍ରାଣ ଲାଗେନା ଅମୂଲ
ତଳେ ପଡ଼ି ପୁଣି ଉଠିଛି ସଙ୍ଘର୍ଷେ
ଯେଣୁ ଉଡ଼ିବାକୁ ହୁଏ ।

ଅନୁକରଣ ମୁଁ କରିନି କାହାକୁ
ବାଟ ଚାଲିବାକୁ ଅଧା
ନିଜ ମନ ନେଇ ଉଡ଼ିଛି ଗଗନେ
ପାଇନାହିଁ ତେଣୁ ବାଧା
ଆଗକୁ ଚାଲିବା ଗତି ତୀବ୍ରତାରେ
ସଦା ମୁଁ ହିଁ ଚାଲୁଥାଏ ।

କାହା ରୋକିବାରେ ଅଟକି ଯାଇନି
ଚାଲୁଥାଏ ନିରନ୍ତର
ସମୟ ସାଥିରେ ମିତ ବସିଥିଲେ
କାହାକୁ ନ ଥାଏ ଡର
ଉଦାର ଭାବନା ତୁମଠୁ ଶିଖିଛି
ତେଣୁ ହୃଦ ଜିଣି ଯାଏ ।

**ଗଙ୍ଗନଗର, ଭୁବନେଶ୍ୱର**
**ମୋବାଇଲ୍: ୭୯୭୮୧୧୦୪୭୪**



# ଭାଇ ପରା ଏକ ମହାନ୍ ଶକ୍ତି

**ଡ. ନାରାୟଣ ଚନ୍ଦ୍ର ସେନାପତି**

ଭାଇ ଶବ୍ଦରେ କି କିମିଆଁ ଅଛି କେଜାଣି
ଥରେ କିଏ ମଧୁର ଗଳାରେ ଡ଼ାକିଦେଲେ
ଭାଇର ଅନ୍ତର ଚହଲି ଉଠେ
ହୃଦୟ ଦୋହଲି ଯାଏ
ହୋଇ ନ ଥାଉ ପଛେ ସେ ମା ଗର୍ଭରୁ ଜାତ
ସ୍ନେହ ମମତାର ବନ୍ଧନ ତାହାଠୁ ବଳିଯାଇ
ସମ୍ପର୍କର ନିର୍ମଳ କୋଣାର୍କ ପରା ବନେଇଦିଏ।

ବାପା ମା ହୋଇଥାନ୍ତୁ ପଛେ ଯେତେ ବଳୀୟାନ
ଭଉଣୀ ପାଇଁ ଭାଇ ପରା ସର୍ବ ଶକ୍ତିମାନ
ସେ ପାଖରେ ଥିଲେ
ଡର ପ୍ରାଣ ବିକଳେ ଦଉଡେ
ସେ ମଥାକୁ ଆଉଁସି ଦେଲେ
ଆକାଂକ୍ଷା ହିମାଳୟ ଚଢେ
କେବେ ଯଦି ତା ସରାଗର ହାତ
ଆଖିରୁ ଲୁହ ପୋଛି ଦିଏ
ତା ଜୀବନର ସବୁ ଦୁଃଖ
ପାଣି ଫୋଟକା ପରି
ନିମିଷକେ କୁଆଡେ ଅଦୃଶ୍ୟ ହୋଇଯାଏ।

ଭାଇ ଥିଲେ ଭାଇର ସ୍ୱାଭିମାନ ହୁଏନା କ୍ଷୁର୍ଣ୍ଣ
ଭାଇ ଥିଲେ ଭଉଣୀର କ୍ରନ୍ଦନ ଶୁଣେନା କର୍ଣ୍ଣ
ଯଦି ଜୀବନରେ ମିଳିଯାଏ ଭରତ ଲକ୍ଷ୍ମଣ ପରି ଭାଇ
ଯଦି ବା ସୁଭଦ୍ରା ମାନଙ୍କୁ ମିଳିଥାଏ ଜଗନ୍ନାଥ ପରି ଭାଇ
ପ୍ରକୃତି ବି ନଇଁଯାଏ
ଦୁଷ୍ଟ ଶକ୍ତି କାନ୍ଦିଥାଏ
କେହି କରନ୍ତିନି ଏଥିରେ ଚୁକ୍ତି
କେବଳ ବ୍ରହ୍ମରୁ ଶୁଭୁଥାଏ
ଭାଇ ପରା ଏକ ମହାନ୍ ଶକ୍ତି।





# ସତ୍ୟ

**ପ୍ରତାପ କିଶୋର ରାଉତ**

ସତ୍ୟହିଁ ଶାଶ୍ୱତ ସତ୍ୟ ଚିରନ୍ତନ
ସତ୍ୟ ଉତ୍କୃଷ୍ଟ ଚିନ୍ତନ
ସତ୍ୟଲାଗି ଏଇ ସସା ଗରା ଧରା
ଦିଶେ କେଡ଼େ ଶୋଭାବନ
ଚେତନାର ଅନ୍ତଃସ୍ୱର
ସତେ ଅମୃତ ନିର୍ଝର
ସତ୍ୟ ଲାଗି ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା
ଓ୍ୱିକଶନ୍ତି ସ୍ୱଶରୀର ।୧।
ସତ୍ୟ ପାଇଁ ଦିନେ କୌଶଲ୍ୟା ନନ୍ଦନ
ଲୋକାଭିରାମ ଶ୍ରୀରାମ
ଚତୁର୍ଦ୍ଦଶ ବର୍ଷ ବନେ ବିତାଇଲେ
ଆଚରି ଆପଣା ଧର୍ମ
ସାଥେ ସଉମିତ୍ରୀ ବୀର
ମାତା ଜାନକୀ ଆବର
ଜୀବନ ସଂଗ୍ରାମେ ନିଜକୁ ପରଖି
ହୋଇଛନ୍ତି ଅଗ୍ରସର ।୨।
ସତ୍ୟ ପାଇଁ ଦିନେ ରାଜା ହରିଶ୍ଚନ୍ଦ୍ର
ଶ୍ମଶାନ ରକ୍ଷକ ହେଲେ
ମହାରାଜା ନଳ ରାଜପଦ ଛାଡି
ଘୋଡା ଘାସ କାଟି ଥିଲେ
ସତ୍ୟର ନଥାଏ କ୍ଷୟ
ସତ୍ୟହିଁ ଅମୃତ ମୟ
ସତ୍ୟ ଅବିନାଶୀ  ସତ୍ୟ ସନାତନ
ରଖିବା ସତ୍ୟରେ ଲୟ ।୩।
ସତ୍ୟ ଲୁଚେ ନାହିଁ ପ୍ରକାଶ ହୁଅଇ
କାଳର ଗରଭେ ଦିନେ
ସ୍ମୃତିରେ ସ୍ମୃତିରେ ସତ୍ୟ ରହିଥାଏ
ଅଲିଭା ଗାର ଜୀବନେ
ସତ୍ୟ ଜୀବନେ ଆଚରି
ଧନ୍ୟ ହୁଅ ନର ନାରୀ
ଜୀବନ ପଥରେ ଆଲୋକ ବର୍ତ୍ତିକା
ନଦିଅ ହେଲେ ପାଶୋରି ।୪।
ସତ୍ୟ ଧର୍ମ ପାଇଁ ସୃଷ୍ଟିର ସ୍ଥିତିଯେ
ରହିଛି ଅକ୍ଷୟ ହୋଇ
ସତ୍ୟହିଁ ଜୀବନ ଅମର ସ୍ୱାକ୍ଷର
ସତ୍ୟ ଅଟେ କାଳ ଜୟୀ
ଜୀବନର ପ୍ରତି ପଦେ
ଆଲୋକ ବର୍ତ୍ତିକା ଉଦେ
ମଧୁମୟ କର ଏହି ଜୀବନକୁ
ସୁରକ୍ଷା ଅଟେ ପ୍ରମାଦେ ।୫।

**ତେନ୍ତୁଳିପଦୀ, ହାଟଡିହି, କେନ୍ଦୁଝର**

# ସ୍ମୃତିରେ ସ୍ମିତା

**ଡଃ ତାନଶ୍ରୀ ପାଣିଗ୍ରାହୀ**

ପ୍ରକୃତିର ବର୍ତ୍ତୁଳ ବିଭାରେ ଆତ୍ମ ବିଭୋର ହୋଇ କେଉଁ ଏକ ବରପୁତ୍ର କହିଥିଲେ, ସ୍ମୃତି ତ ନୁହଁଇ କେବେ ଫିଙ୍ଗିବାର... ଫିଙ୍ଗିପାରିଲେ ସେ ଲଭନ୍ତା ନିସ୍ତାର... ମାତ୍ର ମୋ ହୃଦୟରେ ତାହା ସ୍ମୃତି ତ ନୁହଁ... ଏକ ଦୁଃଖଦ ଦୁର୍ଘଟଣାର ଅଶ୍ରୁଳ ପ୍ରିତିଲିପି ମାତ୍ର... ତାକୁ ତ ଫିଙ୍ଗିଦେବା ଦୂରର କଥା... ବରଂ ବୁକୁତଳେ ଚାପିରଖି ଅବଶିଷ୍ଟ ଆୟୁଷକୁ ମାପି ବଞ୍ଚିବାକୁ ଛଳନା କରୁଛି ମାତ୍ର...ଅନ୍ତରାତ୍ମା ବିଦୀର୍ଣ୍ଣ କରି ଏମିତି ଏକ ନିଷ୍ଠୁର ଅନୁଭୂତି... ଯାହା ମନେ ପଡିଲେ ନିଗିଡି ପଡ଼େ ଧାର



ଧାର ଲୁହ...ଆଦୌ ରୋକି ହୁଏ ନାହିଁ । ସେଦିନ ଥିଲା ଦୀପାବଳିର ଏକ ଅଶୁଭ ସନ୍ଧ୍ୟା... ମୋର ଏକମାତ୍ର ଭାଣିଜୀର ଆକସ୍ମିକ ମୃତ୍ୟୁ ଖବର... ଦୀପାବଳି ସନ୍ଧ୍ୟାର ଝିଲି ମିଲି ଆଲୁଅ ମୋତେ ଅନ୍ଧାର ଦେଖା ଗଲା... ମୁଁ କୋଳେଇ କାଖେଇ ପାଠ ପଢାଇଥିବା ମୋର ଆଦରର ଭାଣିଜୀ ସ୍ମିତା ଯେ ଆଉ ଏ ଦୁନିଆରେ  ନାହିଁ... ଏ କଥାକୁ ସହଜରେ ଗ୍ରହଣ କରି ପାରି ନ ଥିଲି... ମହାପାତ୍ର ବାବୁ ମୁଣ୍ଡ ପିଟି କାନ୍ଦୁଥାନ୍ତି...କାନ୍ଦୁ କାନ୍ଦୁ ଚେତା ଚାଲିଗଲା... ମୋର  ଝିଅଟି ଛୋଟ ଥାଏ... ସେ କିଛି ସମୟ ଅବାକ ହୋଇ ଚାହିଁଲା...ତା ବାପାଙ୍କ ମୁହଁରେ ପାଣି ଦେଇ ଚେତା ଆଣିବାକୁ ଚେଷ୍ଟା କରୁଥାଏ... ମୁଁ ଗୋଟା ପଣେ ଥରୁଥିଲି... ଆଖି ଆଗରେ ଭାସି ଯାଉଥିଲା ମୋ ଭାଣିଜୀ ସ୍ମିତାର ପିଲା ଦିନର ଗୁଲୁରୁ ଗୁଲୁରୁ କଥା...ସେ ଜନ୍ମ ହୋଇଥିଲା ଆମ ଘରେ... ଅଜା ଆଈଙ୍କ ପାଖରେ ସେ ଭାରି ଗେହ୍ଲାରେ ବଢ଼ିଥିଲା। ମୁଁ ବାହାହୋଇ ଆସିଲା ପରେ... ମୁଁ ତାର ସବୁ ଦାୟିତ୍ୱ ନେଲି...ଖାଇବାଠାରୁ ପାଠ ପଢିବା ଯାଏ...ତାର ନାମ ସ୍କୁଲରେ ଲେଖାଇଲି... ନାଆଁ ରଖିଲି ସ୍ମିତା... ତା ସହ ମୋର ସମୟ କଟିଯାଉଥିଲା...ମୋ ପାଖରେ ସିଏ ଶୁଏ... ତାପରେ ମୋର ଝିଅଟିଏ ହେଲା... ସେ ଭାରି ଖୁସି ହୋଇଗଲା... କହିଲା ମାଇଁ ଆମ କୁନି ଛୁଆର ନାମ ମୁଁ ଦେବି... ଦେଖନା ମାଇଁ ତାର ରୂପ,ରଙ୍ଗ, ଓଠ ପୁରା ପିଙ୍କ କଲର....ତାର ନାମ ପିଙ୍କି...

ମୋ ଝିଅକୁ ତାର ଅଜା ଆଈ ମାମୁଁ ମାଇଁ ଶ୍ରଦ୍ଧାରେ ମାମା ବୋଲି ଡାକିଲେ...

ଶାଶୁ ଶଶୁର ଡାକିଲେ ରାନୁ... ଗାଁ ଲୋକେ ନାମ ଦେଲେ ଦୁର୍ଗା... ପିଇସୀ ପିଉସା ଡାକିଲେ ଦିପାଲୀ... ଏମିତି ଅନେକ

ନାମ ଦେଲେ... କିନ୍ତୁ ମୋ ଭାଣିଜୀ ସ୍ମିତା ଦେଇଥିବା ନାମଟିରେ ସାଙ୍ଗ ସାଥୀ ଅନ୍ୟମାନେ ସମସ୍ତେ ଏବେ ବି ଡାକନ୍ତି... ଯେତେବେଳେ ବଡ ହେଲା... ବିବାହ ସମୟ ଆସିଲା... ସ୍ମିତାକୁ ତାର ବାପା ମାଆ ଆସି ଆମ ଘରୁ ନେଇ ଗଲେ... କଲେଜ ଶିକ୍ଷା ସମାପ୍ତ ପରେ ଖୁବ୍ ଅଳ୍ପ ଦିନରେ ତାର ବାହାଘର ହୋଇଗଲା... ସେତେବେଳକୁ ତାକୁ ଏକୋଇଶି ବର୍ଷ... ତା ମୁଣ୍ଡରେ ଚନ୍ଦନ ସିନ୍ଦୁର ଟୋପା... ସତେ ଅବା ସ୍ୱର୍ଗର ଅପସରୀ ଟିଏ ...ବିବାହର କେତେଦିନ ପରେ ଜ୍ୱାଇଁ ସହ ଦିଲ୍ଲୀ ଚାଲିଗଲା... ପହଂଚି ଫୋନ କଲା... ମାଇଁ, ମୁଁ  ରାଜଧାନୀରେ ପହଂଚିଯାଇଛି... ମାମୁଁ ସହ ତୁମେ କେବେ ଆସ... ହଁ ହଁ ନିଶ୍ଚୟ ଯିବୁ...ଦିଲ୍ଲୀ ଭଳି ସ୍ଥାନରେ ଖୁବ୍ ସତର୍କ ହୋଇ ଚଳିବୁ... ସଦା ଖୁସିରେ ରୁହ...ଆଶୀର୍ବାଦ

ମଣିଷ ସ୍ୱପ୍ନ ଦେଖେ... ହେଲେ ସମୟର ନିଷ୍ଠୁର ଅଟ୍ଟହାସ୍ୟରେ ସବୁକିଛି ଭାଙ୍ଗିରୁଜି ଚୁରମାର ହୋଇଯାଏ... ଗୋଟିଏ ବର୍ଷ ପରେ...ଆଜି ଏ କଣ ଶୁଣୁଛି...ଦିଲ୍ଲୀରେ ଟ୍ରେନ ଧକ୍କାରେ ସ୍ମିତାର ମୃତ୍ୟୁ...

ତାର ଶବସତ୍କାର ପାଇଁ ଦିଲ୍ଲୀରୁ କାରରେ ଆସି ତାର ଶାଶୁ ଘର ଗାଁରେ ପହଂଚିଲା... ସମସ୍ତେ ତାକୁ ଶେଷ ଦର୍ଶନ ପାଇଁ ଗଲେ... ହେଲେ ମୁଁ ଯାଇ ପାରିଲି ନାହିଁ...ନ ଖାଇ ନ ପିଇ ଖାଲି କାନ୍ଦୁଥାଏ...କେମିତି ଦେଖିବି ମୋ ଝିଅ ଭଳି ପାଳିଥିବା ସ୍ମିତାର ନିସ୍ତେଜ ଶରୀର...ଅଳ୍ପ ଦିନର ବିବାହ ପରେ ସଂସାରର ସୁଖକୁ ମାତ୍ର କିଛି ମୁହୂର୍ତ୍ତ ଅନୁଭବ କରିଥିବା ନିରୀହ କୋମଳ ମୁଖମଣ୍ଡଳଟି... ଶୂନ୍ୟ... ମହାଶୂନ୍ୟରେ ଆଜି ବି ଶୁଣା ଯାଉଛି ତାର ସେଇ ସରାଗ ବୋଳା ମାଇଁ ଡାକ... ମୋ ହୃଦୟରେ ଅଲିଭା ହୋଇ ରହି ଯାଇଛି ସ୍ମିତାର ଅଭୁଲା ସ୍ମୃତି... ତାର ମୃତ୍ୟୁ ପରେ ସତେ ଯେମିତି ଲାଗିଲା ମୋର ମୃତ୍ୟୁ ହୋଇ ସାରିଛି... ଏବେ କେବଳ ମୁଁ ଅନ୍ୟ ପାଇଁ ବଞ୍ଚିବାର ଅଭିନୟ କରୁଛି... ।

**ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**

# ଶବଦ ବାନ୍ଧିଛି ଭାବକୁ ମୋର

**ସ୍ୱାଗତିକା ସାହୁ**



ଦଲକାଏ ପବନ ଲାଗେ ସତେ ଯେମିତି
ଜୋର୍ କରି ଜାବୁଡ଼ି ଧରେ ମୋ ଦେହକୁ...
ସେଇ ଅନାବନା ଶବ୍ଦ ଗୁଡାକ...
କଣ୍ଟା ପରି ଛୁଇଁ ଯାଏ ଦେହକୁ.. !!
ଶବ୍ଦ ଗୁଡାକ ଛନ୍ଦିଛି ସମଗ୍ର ଭାବକୁ ମୋର
କେବଳ ମୋର କାହିଁକି....
ଅନେକଙ୍କ ଭାବନାକୁ ଆକର୍ଷିଛି ଚୁମ୍ବକ ପରି
ମାହିର ଖେଳାଳି ସେ...!
କିଛି ଚକମକିଆ ଶବ୍ଦ ସମ୍ଭାରରେ
ଜାଲ ବିଛାଏ କଳ୍ପନାର ଅନୁରାଗେ
ଶବ୍ଦ ଶବ୍ଦରେ ଛନ୍ଦି ରଖେ ପ୍ରେମ ଶିକୁଳିକୁ
ମନ ପିପାଶାର ତୃଷ୍ଣା ନିବାରିବ...
ଅନେକ ସମ୍ଭୋଗର ଦୁଷ୍ଟାମୀରେ
ଜାହିର କରି ପୌରୁଷତ୍ୱ...
ତା ପାଇଁ କେତେ ବିଧିବଦ୍ଧ ଯୋଜନା
ସେଠୁ ପାଇଯାଏ ବୋଧେ ପ୍ରେମ ନିର୍ମାଲ୍ୟ
ପ୍ରେମ ନିର୍ମାଲ୍ୟ ର ଯୁଗଳବନ୍ଦୀ...
ଗଢିଛି ଅନେକ ଥର ଅନେକ ଜଣକ ସହ
ଏଇଟା ତା ପାଇଁ କିଛି ନୂଆଁ ନୁହେଁ ..!
ଦେହ ଭୋଗୀ ଟିଏ ତ....
ପୁଣି ଏକ ଅସମପୂର୍ଣ୍ଣ କ୍ଷୁଧାକୁ ମେଣ୍ଟାଇବା ପାଇଁ
ବରଗି ନିଏ ବାରବୁଲାର ଜୀବନ
କାହାକୁ ଜଗା ମୋ ଜୀବନ ନୁହେଁ,
ତୁମେ ମୋ ଜୀବନ ପ୍ରାଣ ପ୍ରିୟା କହି
ଖୋଜୁ ଥାଏ ସମୟ ଅବା ଯାତ୍ରାଟିଏ
ମୁହଁ ସଂଜରେ ଖୁନ୍ଦି ବସେ
କୋଟିଏ ଭୋକୋର ଚୁମ୍ବନ ...
ପିନ୍ଧାଇ ଦିଏ ପ୍ରେମ ଫଗୁଣର ଫୁଲମାଳ
ପାଇଁ ଯାଏ ପ୍ରେମର ରସମଲେଇ...
ଲଗାମ ଛଡା ମଣିଷଟେ ସେ...
ନା ଅଛି ପାପ ଭିତି ନା ଦୈବ ପ୍ରୀତି
ସମୟର ଧକ୍କା ତା ପାଇଁ କିଛି ନୁହଁ
ନାରୀ ଏକ ଯୋଗ୍ୟ ନୁହେଁ ଭୋଗ୍ୟ ତା ପାଇଁ
ଆଲିଙ୍ଗନ ଓଠର ଉଷ୍ମ ଛୁଆଁରେ
କାହାକୁ କହିବସେ ଶବ୍ଦ ଆଳରେ
କେବଳ ତୁମରି ପାଇଁ ...ଏ ଜୀବନ
ବଞ୍ଚି ପାରେନା ଏ ଶରୀର ତୁମ ବିନା
ତା ପାଇଁ ଅନେକ କବିତା... ପୁସ୍ତକ
ଧିକ ତା ପୌରୁଷ ପଣ....
ଧିକ୍ ତା ଶବ୍ଦର କୁହୁକ ପଣ,
ଯେଉଁଠି କେବେ ସେ କାହାର ସିନ୍ଦୂର ହୋଇପରେନା
ଅବା ଶବ୍ଦର ଦ୍ୱିତୀୟ ଈଶ୍ୱର ହୋଇପରେନା
ତଥାପି...
ନିଜେ ହିଁ ନିଜ ପାଇଁ ସଜେଇଛି
ଅନେକ କବିତା....
ସ୍ୱୟଂ କୁ ପ୍ରେମିକା ପ୍ରବର ସଜାଇ
ଖୋଜେ ପ୍ରତିକ୍ଷଣେ ଏକ ନୂତନ ନାୟିକା
ବୋଧେ ସେଥିଲାଗି କବିତାର
ନାୟକ ମୋର...
ଆଜି ଏକ ନଷ୍ଟ ଚରିତ୍ର....!!!

**ଉମରକୋଟ,ନବରଙ୍ଗପୁର**

# ଜୀବନର ସ୍ୱପ୍ନ ସଜଡ଼ା

**ବିଷ୍ଣୁ ପ୍ରସାଦ ମିଶ୍ର**



ସ୍ୱପ୍ନ ର ଆଶା ମୋ ମରୁ ମରୀଚିକା
ସାଗର ବୁକୁରେ ବାଲିସ୍ତୁପ ଦେହେ
ଉଚ୍ଛୁଳା ଉର୍ମି ଢ଼େଉ ର କୋଳେ ,,
ସୁଖର ଶେଜ ମୋ ସଜା ହୋଇଲାଣି
ଛ"ଖଣ୍ଡି କାଠରେ ଶେଷ ଖେଳ ସାରି
ପ୍ରଜାପତି ଯୋଗ ପଲଙ୍କ ପରେ ।।
ଜୀବନ ଜୀବିକା ଜଉଘର ସାଜେ
ଜଞ୍ଜାଳ ଜାଲର ଖେଳ ଖାଲି ଏଠି
ଦେଇଯାଏ ଅଭୂଲା ପ୍ରତାରଣା ,,
ଭାବନାର ଭାଷା ଅଭିମାନ ସାଜି
ଝଡ଼ ରଚିଥାଏ ମରୁଭୂମି ରୂପୀ
ହୋଇ ମନେ ମନେ ସେ ଆନମନା ।।
ସ୍ନିଗ୍ଧ ଶୀତଳ ମରୁତ ସାଜଇ
ସ୍ପନ୍ଦନ ଦେହେ ସ୍ମୃତିର ପୁଲକେ
ଅଦିନ ଗ୍ରୀଷ୍ମର ପ୍ରବାହ ଝଡ଼ ,,
ରଜନୀଗନ୍ଧାର ବାସର ଶେଜରେ
ପହିଲି ସୁରୁଜ ମୁରୁଜେ କାଟେ କି
ଆଙ୍କଇ ଜୀବନ ରେଖାର ବାଡ଼ ।।
ଇଚ୍ଛାରେ ବଞ୍ଚିତ କାର୍ଯ୍ୟେ ଇଙ୍ଗିତ
କର୍ମ ଲାଳସାରେ ମର୍ମ ହଜିଛି
କରମ'ର ସାଥେ ଜୀବନେ ଖେଳି ,,
ଖେଳ ନାୟକ କି ସୃଷ୍ଟା 'ତା' ଗଣିଛି
ଜୀବନରେ କେବେ କେତେ ଦିନ ଧରି
କେଉଁଠି ଅବା ମୁଁ ଖେଳିବି ବୋଲି ।।
ଦୁନିଆଁରେ ସତ ଦୁଇଟି ନିଆଁକୁ
ଯିବା ଆସିବାରେ କେଉଁଠି ଲାଗଇ
କେହି ଦେଖିନାହିଁ କେ ଦେଖେ ନାହିଁ ,,
ମାନ, ଅଭିମାନ, କପଟ, ଛଳନା,
ମିଛେ ମିଛେ ଖାଲି ମୋହ,ମାୟା,ଲୋଭେ,
ମୋର ମୋର ବୋଲି ଆଣ୍ଟେ ବୋଲଇ ।।
କିଏ କହିପାରେ ଆସିବା ସମୟ
ଦୁଃଖ ବିତିଲାଣି ସୁଖ ପାଇବାକୁ
ମନେ ମନେ କାହିଁ ହୁଅ ଚଞ୍ଚଳ ,,
କର୍ମ ପଥେ ତୋର ଦିନ ବିତିଯାଏ
ସୁଖର ସପନ ଦେଖିବା ସାର "ତୋ"
ଚାହୁଁ ଚାହୁଁ ଆସି ପହଞ୍ଚିବ କାଳ ।।
ପଦୁଅଁ ପତର ପାଣି ଫୋଟକା ଏ
ଏପଟ ସେପଟ ଟଳମଳ ହୋଇ
ଜୀବନ ନାଟକେ ଖାଲି 'ଯା' ଖେଳ ,,
ଜୀବନ ସଳିତା ସରିସରି ଯାଏ
ସମୟ ଦୀପରେ ଘିଅ ସରିବାକୁ
ଅଛି ଆଉ ତୋର ଅଳପ ବେଳ ।।
ବାହୁଡା ରୋଷଣୀ ବାଜା ଶୁଭିଲାଣି
ଜୀବନର ପଥେ ପ୍ରତି ପଦଧାରେ
କ୍ରମେ କ୍ରମେ ଦେଖ ଅନ୍ଧାର ଘୋଟେ ,,
ଝୁରିବାଟା ଖାଲି ଝରା ଅତୀତ'ର
ହୃଦୟ ଭିତର ସାଇତା ସପନ
ସ୍ପନ୍ଦିତ ଖାଲି ଯା ସ୍ମୃତିର ତଟେ ।।

**ରଥଶର୍ମା କଲୋନୀ**
**କୋରାପୁଟ, ମୋବାଇଲ୍: ୯୧୨୪୦୪୯୧୨୯**

# ଶ୍ରବଣ କୁମାର

**କବି ଜ୍ଞାନ ରଞ୍ଜନ ଦାଶ**

ଶ୍ରବଣ କୁମାର ଚରିତ ଅମର
ହୋଇ ରହିଛି ପୁରାଣେ
ଯେତେ ଆକର୍ଣ୍ଣନ ଅଥବା ବର୍ଣ୍ଣନ
କଲେ ତୃପ୍ତି ନାହିଁ ପ୍ରାଣେ
ଜନକ ଶାନ୍ତନୁ ମାତା ଜ୍ଞାନବତୀ
ବହୁ ଜନ୍ମ ପୁଣ୍ୟ ବଳେ
ଲଭିଥିଲେ ଏହି ସୁଯୋଗ୍ୟ ସନ୍ତାନ
ଧନ୍ୟ ହେଲେ ଧରା ତଳେ
ନୟନରେ ଦ୍ୟୁତି ନଥିଲା ବେନିଙ୍କ
ସୁପୁତ୍ର ଥିଲା ସମ୍ବଳ
ସ୍କନ୍ଧେ ଭାର କରି ହୋଇ ପଦଚାରୀ
ନେଉଥିଲା ତୀର୍ଥ ସ୍ଥଳ
ଏକଦା ସାକେତ ନୃପ ଦଶରଥ
ମୃଗୟାରେ ଘୋର ବନେ
ସନ୍ଧାନ କାଳରେ ମୃଗ ଜଳ ପାନ
ନିଃସ୍ୱନ ଶୁଣିଲେ କାନେ
ନଥିଲା ସେ ମୃଗ, ମୁନି କୁମାରଙ୍କ
ନୀର ଆନୟନ ଧ୍ୱନି
ଜଳ କଳନାଦ ବିଜନ ବିପିନେ
ତୋଳୁଥିଲା ପ୍ରତିଧ୍ୱନି
ପେଷିଲେ ମାର୍ଗଣ ଦଶରଥ ରାଣ
ଭେଦିଲା ଶ୍ରବଣ ବୁକେ
ମୁଖରିତ ହେଲା ଘୋର ବନ ସ୍ଥଳୀ
ମୁନି ତନୟଙ୍କ ଶୋକେ
ବିସ୍ମୟ ବିମୁଢ଼ ନରେଶ ଦେଖିଲେ
ଶରାହତ ପାଶେ ଯାଇ
ଶ୍ରବଣ କୁମାର ରୁଧିର ସ୍ରବଣ
ଦିଏ ବନଭୂମି ଧୋଇ
ମୁର୍ମୁଷୁ କୁମାର ଧରି ନୃପ କର
କହିଲେ କମ୍ପିତ ଗଳେ
ନିବାରଣ କର ପିତାମାତାଙ୍କର
ତୃଷାକୁ କଳସୀ ଜଳେ
ଅଗତ୍ୟା ରାଜନ ମଣିଲେ ଦୁର୍ଜନ
ନିଜକୁ ସ୍ୱଅପରାଧେ
ବାରି କୁମ୍ଭ ଧରି ଗଲେ ଧିର ପଦ
ପାତେ ତୀବ୍ର ଗ୍ଲାନିବୋଧେ
ପୁତ୍ର ଭିନ୍ନ କେହି ଜାଣି ଶୋକ ବହି
କଲେ ପରିଚୟ ଭିକ୍ଷା
ଜାଣିଲେ ନିହତ ସନ୍ତାନ ସହିତ
ଆଉ ହେବ ନାହିଁ ଦେଖା
ରୋଷ କଷାୟିତ ଘୋରାଭିସମ୍ପାତ
ଦିହିଲେ ହେ ଦଶରଥ
ଆମ ପରି ତୁମେ ପୁତ୍ର ବିନା ବରି
ନେବ ପରଲୋକ ପଥ

**ନରସିଂହପୁର, କଟକ**



## ଅସହିଷ୍ଣୁ ବିରୋଧୀ ଅଯଥାରେ ବିଭ୍ରାଟ କରନ୍ତୁ ନାହିଁ



**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ଓଡ଼ିଶାରେ ବିଜେପି ସରକାର ଆସିବା ପରେ କୃଷି ଓ କୃଷକଙ୍କ ଉନ୍ନତି ହେବାରେ ଲାଗିଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷକଙ୍କ ସାମୁହିକ ବିକାଶ ପାଇଁ ବଦ୍ଧପରିକର। ମୋହନ ସରକାରଙ୍କ ନେତୃତ୍ୱରେ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଖରିଫ ଧାନ କିଣାରେ ବ୍ୟାପକ ସ୍ୱଚ୍ଛତା ଅଣାଯିବା ସହ କଟ୍‌ନିଛଟନି ବନ୍ଦ କରିବା, ମିଲରଙ୍କର ଦାଦାଗିରି ବନ୍ଦ କରିବା ଓ ଧାନମଣ୍ଡିଗୁଡ଼ିକୁ ଦଲାଲମୁକ୍ତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଧାନ କିଣା କାରବାରକୁ ଶୃଙ୍ଖଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ବାରମ୍ବାର ଜିଲ୍ଲା ଗସ୍ତରେ ଆସି ଧାନମଣ୍ଡୀ ପରିଦର୍ଶନ କରିବା ସହ ତଦାରଖ କରୁଛନ୍ତି। ମାତ୍ର ଓଡ଼ିଶାର ବିରୋଧୀ ଦଳ ଏଥିରେ ସହଯୋଗ ନ କରି ଧାନ କିଣା କାରବାରରେ ବ୍ୟାଘାତ ଓ ବିଶୃଙ୍ଖଳା କରିବା ପାଇଁ ବ୍ୟାପକ ଭାବେ ଅପପ୍ରଚାର କରି ସରକାରକୁ ବଦନାମ କରିବାକୁ ଅପଚେଷ୍ଟା କରୁଛନ୍ତି। ବିରୋଧୀ ଦଳଗୁଡ଼ିକର ଏଭଳି କାର୍ଯ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ତାଙ୍କ ଚାଷୀମାରଣ ନୀତିକୁ ସ୍ପଷ୍ଟ କରୁଛି। ଅସହିଷ୍ଣୁ ବିରୋଧୀ ଦଳଗୁଡ଼ିକ ଅଯଥାରେ ବିଭ୍ରାଟ କରନ୍ତୁ ନାହିଁ ବୋଲି ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁ କହିଛନ୍ତି। ରାଜ୍ୟର ସମସ୍ତ ୩୦ଟି ରାଜସ୍ୱ ଜିଲ୍ଲାର 'ଧାନ ସଂଗ୍ରହ କମିଟି'ର ଚାଷୀ ପ୍ରତିନିଧିମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲଘୁଚାପଜନିତ ଅଦିନିଆ ଲଗାଣ ବର୍ଷାଜନିତ ଧାନ ଫସଲର କ୍ଷୟକ୍ଷତିର ତୁରନ୍ତ ଆକଳନ କରି ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଆଜିର ବୈଠକରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ସାହୁ ସୁଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କରିଥିବା ଧାନ ଚାଷୀମାନେ ସେମାନଙ୍କ କ୍ଷୟକ୍ଷତିର ସହାୟତା ପାଇବା ନିମନ୍ତେ 'କୃଷି ରକ୍ଷକ ଆପ'ରେ ୭୨ ଘଣ୍ଟା ମଧ୍ୟରେ ତଥ୍ୟ ଦେଇପାରିବେ ଅବା ହେଲ୍ପ ଲାଇନ୍ ନଂ. ୧୪୪୭କୁ କଲ୍ କରି ସୂଚନା ଦେଇପାରିବେ ବୋଲି ବୈଠକରେ କୁହାଯାଇଛି।

# ଆଗାମୀ ଦିନରେ ଜ୍ଞାନ ପ୍ରଗତିର ମୂଳ ଆଧାର ହେବାକୁ ଯାଉଛି

## ଭାରତୀୟ ଶିକ୍ଷା ବ୍ୟବସ୍ଥାର ପରମ୍ପରାକୁ ଆଗକୁ ବଢ଼ାଇଛି ଡିଏଭି

- **୨୦୩୬ ସୁଦ୍ଧା ଓଡ଼ିଶାକୁ ଭାଷାଭିତ୍ତିରେ ୧୦୦ ବର୍ଷ ପୂରିବା ବେଳେ ଡିଏଭି ସ୍କୁଲ ସଂଖ୍ୟା ୬୦ରୁ ୧୦୦କୁ ବଢ଼ାଯାଉ**
- **ଡିଏଭି ଜାତୀୟ ଶିକ୍ଷା ନୀତିକୁ ଅଧିକ ବ୍ୟବହାରିକ ଶୈଳୀରେ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନେବ**

**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ସ୍ତମ୍ଭ ଥିଲେ । ସମାଜ ନିର୍ମାଣ ପାଇଁ ସେ ଶିକ୍ଷାକୁ ଏକ ମାଧ୍ୟମ କରିଥିଲେ । ଡିଏଭି ଭାରତୀୟ ଶିକ୍ଷା ବ୍ୟବସ୍ଥାର ସମାନ ପରମ୍ପରାକୁ ଆଗକୁ ବଢ଼ାଇଛି। ଡିଏଭି ଗବେଷଣା ଆଜି ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ରାଷ୍ଟ୍ରୀୟ ନୀତିର ଏକ ଅଂଶ ହୋଇଛି ବୋଲି ରବିବାର ଭୁବନେଶ୍ୱର ଠାରେ ଷଷ୍ଠ ଡିଏଭି ୟୁନାଇଟେଡ୍ ଫେଷ୍ଟିଭାଲରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି, ଡିଏଭି ଏକ ଭଲ ମଣିଷ ତିଆରି କାରଖାନା । ଦେଶରେ ସ୍କୁଲ ଶିକ୍ଷା ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଡିଏଭି କାମ କରୁଛି । ଛାତ୍ରଛାତ୍ରୀଙ୍କ ପାଠପଢ଼ା, ବିଜ୍ଞାନ ପ୍ରତି ଆକର୍ଷଣ ବଢ଼ାଇବା, ଖେଳ ସହ ସାଂସ୍କୃତିକ ବ୍ୟକ୍ତିତ୍ୱ ତିଆରି କରିବାରେ ଡିଏଭି କାମ କରୁଛି । ବର୍ତ୍ତମାନ ଓଡ଼ିଶାରେ ୬୦ଟି ଡିଏଭି ସ୍କୁଲ ଚାଲୁଛି । ୨୦୩୬ ସୁଦ୍ଧା ଓଡ଼ିଶା ଯେତେବେଳେ ଭାଷା ଭିତ୍ତିକ ରାଜ୍ୟ ଭାବରେ ୧୦୦ ବର୍ଷ ପୂରଣ କରିବ, ସେତେବେଶେ ଓଡ଼ିଶାରେ ଡିଏଭି ସ୍କୁଲ ସଂଖ୍ୟା ୧୦୦ରେ ପହଞ୍ଚିବା ପାଇଁ ଶିକ୍ଷା ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହା ଦ୍ୱାରା ଦୁର୍ଗମ ଅଂଚଳରେ ସାମାନ୍ୟ ଗରିବ ଘରର ପିଲା ମାନେ ଡିଏଭି ସ୍ତରର ପାଠପଢ଼ାର ସୁଯୋଗ ପାଇବେ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡରେ ଅଛୁ । ଆଗାମୀ ଦିନମାନଙ୍କରେ ଜ୍ଞାନ ପ୍ରଗତିର ମୂଳ ଆଧାର ହେବାକୁ ଯାଉଛି । ଆଗାମୀ ୨୫ ରୁ ୫୦ ବର୍ଷ ମଧ୍ୟରେ ଭାରତର ଯୁବଶକ୍ତି ଓ ଡେମୋଗ୍ରାଫିକ୍ ଡିଭିଡେଣ୍ଡ୍ ଏକ ବଡ଼ ଭୂମିକା ଗ୍ରହଣ କରିବ । ଆଜି ଶିକ୍ଷା କ୍ଷେତ୍ରରେ ଡିଏଭିର ଏକ ବିଶାଳ ନେଟୱାର୍କ ରହିଛି । ଏଭଳି ସ୍ଥିତିରେ ଏକବିଂଶ ଶତାବ୍ଦୀ ପାଇଁ ସେମାନଙ୍କର ଦାୟିତ୍ୱ ଆହୁରି ଅଧିକ ହୋଇଛି । ଆଗାମୀ ଦିନରେ ଡିଏଭି ଜାତୀୟ ଶିକ୍ଷା ନୀତିକୁ ଅଧିକ ବ୍ୟବହାରିକ ଶୈଳୀରେ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନେବ, ଏହା ମୋର ବିଶ୍ୱାସ । ଆଗାମୀ ୧୫ ରୁ ୨୦ ବର୍ଷ ମଧ୍ୟରେ



ଆମର ଛାତ୍ରଛାତ୍ରୀମାନେ ବିକଶିତ ଭାରତର ନେତୃତ୍ୱ ନେବେ। ସେହି ସମୟରେ ସେମାନଙ୍କର ଆବଶ୍ୟକତା କ'ଣ ରହିବ ? ଗ୍ଲୋବାଲ ଅର୍ଡର କ'ଣ ହେବ ? ଟେକ୍ନୋଲୋଜି କ'ଣ ହେବ? ଏଭଳି ବିଷୟରେ ଚିନ୍ତା କରି ଆମକୁ ଆମର ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପଡିବ । ସେମାନଙ୍କୁ କେବଳ ନିଯୁକ୍ତି ଅନ୍ୱେଷଣ ଭାବରେ ନୁହେଁ ବରଂ ନିଯୁକ୍ତି ଦାତା ବନାଇବାକୁ ହେବ । ଆଜି ସାରା ବିଶ୍ୱ ଯେଉଁ ପର୍ଯ୍ୟାବରଣ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଛି ତାହାର ଉତ୍ତର ଭାରତୀୟ ଜୀବନଶୈଳୀ ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀଜୀ କହିଯାଇଥିବା କଥାରେ ଅନ୍ତର୍ନିହିତ । ଆମକୁ ଆଜିର ସମୟ ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରିବାକୁ ହେବ ଏବଂ ଏହାକୁ ଆଧାର କରି ଶିକ୍ଷା ବ୍ୟବସ୍ଥା ଗଠନ କରିବାକୁ ପଡିବ । ଓଡ଼ିଶାରେ ଡିଏଭି ଶିକ୍ଷାର ଦ୍ୱିତୀୟ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ଡିଏଭିର ମ୍ୟାନେଜମେଣ୍ଟ୍ ଘୋଷଣା କରିବା ସ୍ୱାଗତଯୋଗ୍ୟ। ନୂଆ ଯୁଗର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ତରଫରୁ ଯଥାସମ୍ଭବ ସହଯୋଗ ଯୋଗାଇ ଦିଆଯିବ ।



ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥି ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀରେ ଅଦିନିଆ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ଧାନ ଫସଲ ଦେଖୁଛନ୍ତି। ଚାଷୀମାନେ କିପରି କ୍ଷତିପୂରଣ ପାଇପାରିବ ସେ ନେଇ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

## ନବୀନଙ୍କ ନେତୃତ୍ୱରେ ଜଙ୍ଗଲ ବୃଦ୍ଧିରେ ଉଲ୍ଲେଖନୀୟ ସଫଳତା



**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ଇଣ୍ଡିଆ ଷ୍ଟେଟ ଫରେଷ୍ଟ ରିପୋର୍ଟ ଅନୁଯାୟୀ ୨୦୨୩ରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ଓଡିଶା ସମସ୍ତ ରାଜ୍ୟଙ୍କ ତୁଳନାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ବିଜୁ ଜନତା ଦଳ ତରଫରୁ ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ଗତ କିଛି ବର୍ଷ ଧରି ଲଗାତର ଭାବେ ଏହି ଦୁଇ କ୍ଷେତ୍ରରେ ଓଡିଶା ପ୍ରଭାବଶାଳୀ ପ୍ରଦର୍ଶନ କରି ଆସୁଛି। ଏହା ନବୀନ ସରକାରଙ୍କ ଅନେକ ଉପଲବ୍ଧି ମଧ୍ୟରୁ ଅନ୍ୟତମ। କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଏହାର ସ୍ୱୀକାରୋକ୍ତି। ଶ୍ରୀ ଯାଦବ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ, ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ସ୍ଥାନ ପାଇଥିବା ପ୍ରଥମ ତିନୋଟି ରାଜ୍ୟ ମଧ୍ୟରେ ପ୍ରଥମ ସ୍ଥାନରେ ଛତିଶଗଡ଼ ୬୮୪ ବର୍ଗ କିଲୋମିଟର, ଯୁଗ୍ମ ଦ୍ୱିତୀୟ ସ୍ଥାନରେ ଉତ୍ତର ପ୍ରଦେଶ ଓ ଓଡିଶା ଉଭୟ ୫୫୯ ବର୍ଗ କିଲୋମିଟର ଓ ତୃତୀୟ ସ୍ଥାନରେ ରାଜସ୍ଥାନ ୩୯୪ ବର୍ଗ କିଲୋମିଟର ବୃଦ୍ଧି ରେକର୍ଡ କରିଛି। ସେହିପରି, ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କ୍ଷେତ୍ରରେ ୨୪୨ ବର୍ଗ କିଲୋମିଟର ବୃଦ୍ଧି କରି ପ୍ରଥମ ସ୍ଥାନରେ ମିଜୋରାମ, ୧୮୦ ବର୍ଗ କିଲୋମିଟର ବୃଦ୍ଧି କରି ଗୁଜୁରାଟ ଦ୍ୱିତୀୟ ସ୍ଥାନରେ ଓ ୧୫୨ ବର୍ଗ କିଲୋମିଟର ବୃଦ୍ଧି କରି ଓଡିଶା ତୃତୀୟ ସ୍ଥାନରେ ରହିଛି। ଶ୍ରୀ ଯାଦବଙ୍କ ତଥ୍ୟ ଜାତୀୟ ସ୍ତରରେ ଓଡିଶାର ପ୍ରଦର୍ଶନକୁ ସ୍ପଷ୍ଟ ଦର୍ଶାଉଛି। ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ କେବଳ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ନୁହେଁ, ଅନ୍ୟାନ୍ୟ କ୍ଷେତ୍ରରେ ରାଜ୍ୟ ଭଲ ପ୍ରଦର୍ଶନ କରିଛି। ଏଥିପାଇଁ କେନ୍ଦ୍ର ସରକାର, ନୀତି ଆୟୋଗ ଓ ଆର୍‌ବିଆଇ ଭଳି ସଂସ୍ଥା ନବୀନ ସରକାରଙ୍କ ଉପଲବ୍ଧିକୁ ସ୍ୱୀକାର କରିଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

## ନକଲି ସାଉଦି ମୁଦ୍ରା ଦେଇ ଠକେଇ, ୪ ବଂଗୀୟ ଗିରଫ



**କଟକ,୨୨।୧୨(ସଂଚାର ବ୍ୟୁରୋ):** ସିଲଭର ସିଟିରେ ସାଉଦି ଆରବର ନକଲି କରେନ୍ସି ଦେଇ ଠକିଥିବା ଅଭିଯୋଗରେ କଟକ ପୁଲିସ ୪ ବଙ୍ଗୀୟ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧.୨୫ ଲକ୍ଷ ଟଙ୍କା ଓ ୧୦ ମୋବାଇଲ ଜବତ କରାଯାଇଛି। ମଙ୍ଗଳାବାଗ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଏହି ଯୁବକମାନେ ଠକିଥିଲେ। ଏ ନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଛାନଭିନ୍ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

## ଅନ୍ତରଙ୍ଗ ଭିଡିଓ ଭାଇରାଲ ଧମକ୍; ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର,୨୨।୧୨ (ସଂଚାର ବ୍ୟୁରୋ):** ଲିଙ୍ଗରାଜ ଥାନା ପୁଲିସ ଉପରୋକ୍ତ ମାମଲାରେ ସଂପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ତଥା ପୀଡ଼ିତା ଜଣକ ପୂର୍ବରୁ ବିବାହ କରିଥିବାବେଳେ ତାଙ୍କର ତିନୋଟି ସନ୍ତାନ ଅଛନ୍ତି । ପୀଡ଼ିତା ଦୈନନ୍ଦିନ ଜୀବିକା ନିର୍ବାହ ପାଇଁ ଦୈନିକ କାମ କରୁଥିବା ବେଳେ, ଅଭିଯୁକ୍ତଙ୍କ ସମ୍ପର୍କରେ ଆସିଥିଲେ। ଅଭିଯୁକ୍ତ ପୀଡ଼ିତାଙ୍କ ସହିତ ପ୍ରଥମେ ବନ୍ଧୁତା ସ୍ଥାପନ କରିବା ସହିତ ତାଙ୍କ ବିଷୟରେ ସବୁକୁଛି ଜାଣିବାକୁ ପାଇଥିଲେ। ଏହାପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ବାହା ହେବାର ଆଶ୍ୱାସନା ଦେବା ସହିତ ପୀଡ଼ିତାଙ୍କ ସହିତ ବାରମ୍ବାର ଶାରୀରିକ ସଂପର୍କ ରଖିଆସୁଥିଲେ । ପୀଡ଼ିତା ଅଭିଯୁକ୍ତଙ୍କୁ ବାହାଘର ସମ୍ପର୍କରେ କହୁଥିଲେ ମଧ୍ୟ, ଅଭିଯୁକ୍ତ ମନଗଢ଼ା କାହାଣୀ କହି ବୁଝେଇ ଦେବା ସହିତ, ତାଙ୍କର ଅନିଚ୍ଛା ସତ୍ତ୍ୱେ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲେ । ପୀଡ଼ିତା ଏହାର ବିରୋଧ କରିବାରୁ, ଅଭିଯୁକ୍ତ ପୀଡ଼ିତାଙ୍କର ଅଜାଣତରେ ଉତ୍ତୋଳନ କରିଥିବା ଫଟୋ ଓ ଭିଡ଼ିଓ ସବୁକୁ ଗଣମାଧ୍ୟମରେ ଭାଇରାଲ କରାଇଦେବା ପାଇଁ ଧମକ ଦେଇଥିଲେ। ଗତ ପାଞ୍ଚଦିନ ପୂର୍ବେ ପୀଡ଼ିତା ଜଣକ ହ୍ୱାଟ୍ସଆପ ଯୋଗେ ନିଜର କିଛି ଆପତ୍ତିଜନକ ଭିଡ଼ିଓ ପାଇଥିଲେ, ଯାହାକି ଅଭିଯୁକ୍ତଙ୍କ ନିକଟରୁ ଭାଇରାଲ ହୋଇଥିଲା । ଏହାପରେ ପୀଡ଼ିତା ଅଭିଯୁକ୍ତଙ୍କୁ ଏସବୁ ଫଟୋ ଭିଡିଓକୁ ଭାଇରାଲ ନକରିବା ପାଇଁ ଅନୁରୋଧ କରିବା ସତ୍ତ୍ୱେ ଅଭିଯୁକ୍ତ ପୀଡ଼ିତାଙ୍କ କୌଣସି କଥା ଶୁଣିନଥିଲେ । ଏହାପରେ ପୀଡ଼ିତା ଜଣଙ୍କ ନିରୁପାୟ ହୋଇ ସଂପୃକ୍ତ ଥାନାରେ ଅଭିଯୋଗ କରିଥିଲେ ।

## ମାରାଥନ୍ କାର୍ଯ୍ୟକ୍ରମ ବେଳେ ଫୁଟିଲା ଗୁଳି; ଯୁବକ ଗୁରୁତର

**ରାଉରକେଲା,୨୨।୧୨(ସଂଚାର ବ୍ୟୁରୋ):** ମାରାଥନ୍ କାର୍ଯ୍ୟକ୍ରମ ବେଳେ ଫୁଟିଲା ଗୁଳି। ଗୁଳିମାଡରେ ଜଣେ ଯୁବକ ଆହତ ହୋଇଛନ୍ତି। ଘଟଣା ଘଟିଛି ରାଉରକେଲା ସେକ୍ଟର ୩ ଥାନା ଅଞ୍ଚଳରେ। ଯୁବକଙ୍କ ପିଠିରେ ଗୁଳି ବାଜିଛି। ଯୁବକଙ୍କୁ ଗୁରୁତର ଅବସ୍ଥାରେ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ହେଲେ ଗୁରୁତର ଯୁବକ ଜଣଙ୍କ ହେଲେ ସଲିଳ କୁମାର ସାହୁ। ସଲିଳ ଜଣକ ରାଉରକେଲାର ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ସେ ମାରାଥନ ଆୟୋଜନ କରିଥିଲେ। ଆଜି ସକାଳେ ମାରାଥନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ହଠାତ୍ ତାଙ୍କ ପିଠିରେ ଗୁଳି ବାଜିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରୁ ଏକ ଖୋକା ଜବତ କରାଯାଇଛି। ତେବେ କିଏ ଓ କାହିଁକି ଯୁବକଙ୍କୁ ଗୁଳିମାଡ଼ କଲା ତାର କାରଣ ଅସ୍ପଷ୍ଟ ରହିଛି। ରାଉରକେଲା ସେକ୍ଟର ୩ ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

# ମଣ୍ଡି ଅବ୍ୟବସ୍ଥାର ଅସଲ ଚିତ୍ର



**ଭୁବନେଶ୍ୱର,୨୨।୧୨ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷା ଚାଷୀଙ୍କୁ ଆଣିଦେଲା ଦୁଃଖ। ଲଘୁଚାପ ଜନିତ ବର୍ଷା ପ୍ରଭାବରେ ରାୟଗଡ଼ା ଗୁଣୁପୁର କୃଷି ଜିଲ୍ଲାର ଧାନ ଚାଷୀ ପ୍ରଭାବିତ ହୋଇଛନ୍ତି। କେଉଁଠି ଚାଷୀ ନିଜର ଅମଳ ଧାନକୁ ସୁରକ୍ଷିତ ଭାବେ ରଖିବା ପାଇଁ ପାଲ ଢାଙ୍କି ରଖୁଥିବା ବେଳେ ଅନ୍ୟ କେଉଁଠି ଚାଷୀର ଅମଳ ଧାନ ଜମିରେ ଭିଜି ନଷ୍ଟ ହେଉଥିବାର ଦେଖିବାକୁ ମିଳିଛି। ଅନ୍ୟପଟେ ମିଲର୍ସଙ୍କୁ ଟାର୍ଗେଟ ଆସିନଥିବାରୁ ମଣ୍ଡିରେ କିଣା ବିକା ହୋଇପାରିନଥିବାରୁ ମଣ୍ଡିରେ ଧାନ ଭିଜିଥିବା ଭଳି ଅଭିଯୋଗ ଆସିଛି ରାମାନାଗୁଡା ବ୍ଲକ କୁଜେନ୍ଦରୀ ଅଂଚଳରୁ। ଧାନ ବିଲରେ ତ ଧାନ ଭାସୁଛି। ମଣ୍ଡିରେ ବି ଚାଷୀଙ୍କ ଅମଳ ଓଦା ହୋଇଛି। ପଲିଥିନ ତଳେ ଥିବା ଧାନ ଭିଜି ଯାଇଛି। ରାୟଗଡା ରାମାନାଗୁଡା ବ୍ଲକ କୁଜେନ୍ଦରୀରେ ମିଲର୍ସଙ୍କୁ ଟାର୍ଗେଟ ଆସିନଥିବାରୁ ଧାନ ବିକ୍ରି ହୋଇପାରିନାହିଁ। ଦୁଇ ପଇସା ଆଶାରେ ମଣ୍ଡିକୁ ଧାନ ଆଣି ହରଡଘଣାରେ ପଡ଼ିଛନ୍ତି। ଖୋଲା ମଣ୍ଡିରେ ଧାନ ଓଦା ହୋଇଯିବାରୁ ମାନକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏମିତିରେ ତ ଧାନ ଏଫଏକ୍ୟୁ ମାନର ନୁହେଁ ବୋଲି କହି କଟନିଛଟନି ପାଇଁ ବାଧ୍ୟ କରାଯାଉଛି। ଏବେ ପୁଣି ଓଦା ଧାନ। ଗୁଣୁପୁର, ରାମାନାଗୁଡ଼ା, ପଦ୍ମପୁର ଓ ଗୁଡ଼ାରୀ ବ୍ଲକକୁ ନେଇ ଗଠିତ ଗୁଣୁପୁର କୃଷି ଜିଲ୍ଲା। ଚଳିତ ବର୍ଷ ଏହି କୃଷି ଜିଲ୍ଲାରେ ୧୫ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଡିସେମ୍ବର ୧୭ ତାରିଖରୁ ଧାନ ମଣ୍ଡି ଆରମ୍ଭ ହୋଇଛି। ଚାଷୀଙ୍କୁ ଟୋକନ ମଧ୍ୟ ଆସିଛି। କିନ୍ତୁ ମିଲର୍ସଙ୍କୁ ଟାର୍ଗେଟ ଆସିନଥିବାରୁ ଧାନ କିଣା ହୋଇପାରିନାହିଁ। ଫଳରେ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ଖଳାରେ ପଡ଼ିରହିଛି। ମଣ୍ଡିରେ ଧାନ ରଖିବା ପାଇଁ ବ୍ୟବସ୍ଥା ନଥିବାରୁ ଲଘୁଚାପ ଲଗାଣ ବର୍ଷାରେ ଓଦା ହୋଇ ଗଜା ହେବା ଭଳି ସ୍ଥିତି ଉପୁଜିଛି। ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣି ଇନପୁଟ୍ ସବସିଡ଼ି ସହାୟତା ରାଶିର ଲାଭ ଉଠାନ୍ତୁ ବୋଲି କହୁଛନ୍ତି ସରକାର। କିନ୍ତୁ ଭିତିଭୂମି ଅଭାବରୁ ମଣ୍ଡିରେ ଓଦା ହୋଇଥିବା ଧାନକୁ ଠିକ୍ ଭାବେ କିଣିବେ ତ? ସରକାରୀ ସହାୟତା ରାଶି ମିଳିବ ତ?

## ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବଲାଙ୍ଗୀର,୨୨।୧୨ (ସଂଚାର ବ୍ୟୁରୋ):** ଜେଲ୍‌ରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟିଛି। ମୃତ ବନ୍ଦୀଙ୍କ ଜଣଙ୍କ ହେଲେ ତୁରକେଲା ଥାନା ତୁରକେଲା ଗାଁର ୮୬ ବର୍ଷୀୟ ଗୁରୁଦେବ ଦୀପ। ୨୦୧୭ ମସିହାର ଏକ ପୋକ୍ସୋ ମାମଲାରେ ଗୁରୁଦେବଙ୍କ ନାଁରେ ବଲାଙ୍ଗିର ପକ୍ସୋ କୋର୍ଟରୁ ୱାରେଣ୍ଟ ଇସ୍ୟୁ ହୋଇଥିଲା। ୱାରେଣ୍ଟ ବଳରେ ତୁରକେଲା ପୁଲିସ ଗତ ୧୯ ତାରିଖ ଦିନ ଗୁରୁଦେବକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୯ ତାରିଖରୁ ସେ ବଲାଙ୍ଗିର ଜେଲ୍‌ରେ ଥିଲେ। ଗତକାଲି ରାତିରେ ଗୁରୁଦେବ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁଦେବଙ୍କ ମୃତ୍ୟୁ ହୋଇଛି। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଏଥିସହ ମୃତ ବନ୍ଦୀଙ୍କ ପରିବାର ଲୋକଙ୍କୁ ଖବର ଦେଇଛି।




## ସ୍କୁଟି-ବାଇକ୍ ମୁହାଁମୁହିଁ ଧକ୍କା; ୨ ମୃତ



**ନବରଙ୍ଗପୁର,୨୨।୧୨ (ସଂଚାର ବ୍ୟୁରୋ):** ସହର ଚାଉଁରିଆଗୁଡ଼ାରେ ଥିବା ଏକ ହୋଟେଲ ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଅମିତ ବାଘ ଓ ତ୍ରିଲୋଚନ ଯାନୀ। ଅମିତଙ୍କ ଘର ନନ୍ଦାହାଣ୍ଡି ବ୍ଲକ ବଡ଼ ଡାଇଭଟ୍ଟାଗ୍ରାମର ହୋଇଥିବା ବେଳେ ତ୍ରିଲୋଚନଙ୍କ ଘର ନବରଙ୍ଗପୁର ସହରରେ ହୋଇଥିବା ସୂଚନା ମିଳିଛି। ତ୍ରିଲୋଚନ ଏକ ଢ଼ାବାରେ କାମ କରନ୍ତି। ଗତକାଲି ସେ କାମ ସାରି ସ୍କୁଟିରେ ଘରକୁ ଫେରୁଥିଲେ। ଅମିତ ଖ୍ରୀଷ୍ଟ ମାସପର୍ବ ସକାଶେ ସାମଗ୍ରୀ କିଣି ବାଇକରେ ବଡ଼ଡାଇ ଭଟ୍ଟାସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଚାଉଁରିଆଗୁଡ଼ା ନିକଟରେ ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

## ବେବି ସାୱାର କାର୍ଯ୍ୟକ୍ରମ ପାଳନ



**ଭୁବନେଶ୍ୱର,୨୨।୧୨(ସଂଚାର ବ୍ୟୁରୋ):** ଭାରତର ପ୍ରଜନନ ସେବା ପ୍ରଦାନକାରୀ ଅଗ୍ରଣୀ ଓଏସିସ୍ ଫର୍ଟିଲିଟି ପକ୍ଷରୁ ଏକ ଡବଲ ଉତ୍ସବ ପାଳନ ଘୋଷଣା କରାଯାଇଛି। ତାହା ହେଉଛି ପ୍ରାୟ ୪୦୦୦ ସନ୍ତାନହୀନ ଦମ୍ପତି ସଫଳତାର ସହ ଚିକିତ୍ସା କରିବା ଏବଂ ଏକ ଆନନ୍ଦଦାୟକ ବେବି ସାୱାର କାର୍ଯ୍ୟକ୍ରମ ଆୟୋଜନ କରିବା ଯାହା ପ୍ରଜନନ ଚିକିତ୍ସା ଏବଂ ଯତ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ଦର୍ଶାଉଛି। ଭୁବନେଶ୍ୱରସ୍ଥିତ ଓଏସିସ୍ ଫର୍ଟିଲିଟି ଏହାର ଅତ୍ୟାଧୁନିକ ପ୍ରଜନନ ସେବା ଏବଂ ରୋଗୀ କୈନ୍ଦ୍ରୀକ ଆଭିମୁଖ୍ୟ ଦ୍ୱାରା ସ୍ଥାନୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି ଏବଂ ଆଖପାଖ ଅଞ୍ଚଳର ଦମ୍ପତିଙ୍କ ବିଶ୍ୱାସ ହାସଲ କରିଛି। ପ୍ରତିଷ୍ଠା ପରଠାରୁ ଭୁବନେଶ୍ୱରସ୍ଥିତ ଓଏସିସ୍ ଫର୍ଟିଲିଟି ପ୍ରାୟ ୪୦୦୦ ସନ୍ତାନହୀନ ଦମ୍ପତି ସଫଳ ଚିକିତ୍ସା କରି ଅନେକ ଦମ୍ପତିଙ୍କୁ ଆଇଭିଏଫ୍, ଆଇସିଏସ୍ଆଇ, ସିଏପିଏ-ଆଇଭିଏମ୍, ପିଜିଟି, ଇଆରଏ, ଟେସା ଭଳି ଉନ୍ନତ ପଦ୍ଧତି ଏବଂ ମାଇକ୍ରୋଫ୍ଲୁଇଡିକ୍ସ ଭଳି ବିଭିନ୍ନ ଶୁକ୍ରାଣୁ ଚୟନ ପଦ୍ଧତି ସହିତ ଓଓସାଇଟ୍ ଏବଂ ଶୁକ୍ରାଣୁ କ୍ରାୟୋପ୍ରିଜର୍ଭେସନ୍ ଏବଂ ପ୍ରଜନନ ବୃଦ୍ଧିକାରୀ ଅସ୍ତ୍ରୋପଚାର ମାଧ୍ୟମରେ ସେମାନଙ୍କ ପିତାମାତା ହେବା ସ୍ୱପ୍ନ ସାକାର କରିବାରେ ସାହାଯ୍ୟ କରିଛି। ୧୦୦୦୦ ଆଇଭିଏଫ୍ ଲ୍ୟାବ୍ ଏବଂ ଅନ୍ତର୍ଜାତୀୟ ମାନର ଉପକରଣ ସମେତ ଅତ୍ୟାଧୁନିକ ସୁବିଧା ଥିବା ଏହି କେନ୍ଦ୍ରର ନେତୃତ୍ୱ ଅଭିଜ୍ଞ ପ୍ରଜନନ ବିଶେଷଜ୍ଞ ଏବଂ ଏକ ସହାୟକ ଦଳ ନେଉଛନ୍ତି। ପିଜିଟି-ଏ ସମେତ ଅତ୍ୟାଧୁନିକ ପ୍ରଜନନ ଚିକିତ୍ସା ପ୍ରଚଳନ ଏହି ଅଞ୍ଚଳରେ ପ୍ରଜନନ ସ୍ୱାସ୍ଥ୍ୟ ସେବାରେ ଓଏସିସକୁ ଏକ ଅଗ୍ରଣୀ ଭୂମିକାରେ ଅବସ୍ଥାପିତ କରିଛି। ରୋଗୀ ସେବାରେ ଗୁଣବତା ଏବଂ ଉତ୍କର୍ଷତା ପ୍ରତି ଅତୁଟ ପ୍ରତିବଦ୍ଧତା ପାଇଁ ଏହା ବିଭିନ୍ନ ମାନ୍ୟତା ଏବଂ ପ୍ରଶଂସା ପାଇଛି।

## ପିକନିକ୍ ଋତୁରେ ବିଗାଡିଲାଣି ଅଦିନିଆ ବର୍ଷା



**ଭୁବନେଶ୍ୱର, ୨୨।୧୨:** ଚଳିତ ବର୍ଷର ପିକ୍‌ନିକ୍ ଋତୁକୁ ବର୍ଷା ବିଗାଡିବାରେ ଲାଗିଛି। ତିନି ଦିନର ଲଗାଣ ବର୍ଷା ଛାଡିବାପରେ ଲଘୁଚାପ ପ୍ରଭାବରେ ପୁଣି ବର୍ଷା ଆସୁଥିବାର ସତର୍କ ସୂଚନା ଏବେ ବଣଭୋଜି ଆୟୋଜକଙ୍କୁ ଅଡୁଆରେ ପକାଇ ଦେଇଛି। ସୋମବାର ଠାରୁ ରାଜ୍ୟର ବିଦ୍ୟାଳୟଗୁଡିକରେ ବଡଦିନ ଛୁଟି ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ କର୍ତ୍ତୃପକ୍ଷ, ବିଭିନ୍ନ ଶିକ୍ଷାନୁଷ୍ଠାନ, ଛାତ୍ରଛାତ୍ରୀ, ଅଭିଭାବକମାନେ ବଣଭୋଜିର ଆୟୋଜନ କରିଥିଲେ। ଏଥିପାଇଁ ଗାଡିମୋଟର ଠାରୁ ଆରମ୍ଭ କରି ବଣଭୋଜି ସ୍ଥାନ ସଂରକ୍ଷଣ ଏବଂ ରୋଷେଇ କରିବାକୁ ଥିବା ଲୋକଙ୍କୁ ଅଗ୍ରୀମ ଦିଆ ସରିଥିଲା। ଅଧିକାଂଶ ବଣଭୋଜି ବଡଦିନ ଅବସରରେ ଆୟୋଜନ ହେବାକୁ ଥିବାବେଳେ ୨୪ ତାରିଖରୁ ରାଜ୍ୟରେ ପୁଣି ବର୍ଷା ହେବ ଏବଂ ସାତଟି ଜିଲ୍ଲାକୁ ଏଥିପାଇଁ ସତର୍କ କରାଯାଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଅଦିନିଆ ବର୍ଷା ଲଗାଣ ଭାବେ ହେଉଥିବାରୁ ଏଥିରେ କିଭଳି ବଣଭୋଜି ଆୟୋଜନ ହେବ ତାହା ଚିନ୍ତାର କାରଣ ହୋଇଛି। କେତେକ ଅନୁଷ୍ଠାନ ବଣଭୋଜି ଘୁଞ୍ଚାଇବାକୁ ଯୋଜନା କରୁଥିବାବେଳେ ନୂଆବର୍ଷରୁ ଶିକ୍ଷାନୁଷ୍ଠାନ ଖୋଲିବାକୁ ଥିବାରୁ ଏହା ସମ୍ଭବପ ହୋଇପାରୁନାହିଁ। ଅନ୍ୟ ପକ୍ଷରେ ଅଧିକାଂଶ ବଣଭୋଜି ସ୍ଥାନ ତିନି ଦିନିଆ ବର୍ଷାରେ କାଦୁଅ ପଚ ପଚ ହୋଇଥିବାବେଳେ ଦୁଇ ଦିନ ପରେ ପୁଣିଥରେ ଏଠାରେ ବର୍ଷା ହେଲେ ଭୋଜି କରିବା ତ ଦୂରରକଥା ସେଠାରେ ବସିବାକୁ ମଧ୍ୟ ସ୍ଥାନ ଟିକେ ମିଳିବ ନାହିଁ। ବଣଭୋଜି ସମୟରେ ବିଭିନ୍ନ ସ୍ଥାନରେ ଲୋକେ ସାଙ୍ଗରେ ଆଣିଥିବା ଦରିପାଲ ଆଦି ପକାଇ ତଳେ ବସିବା ସହିତ ରୋଷେଇବାସ କରିଥାନ୍ତି। ହେଲେ ଏଥରର ଅଦିନିଆ ବର୍ଷା ତାହାକୁ ଧୋଇଦେବାର ଆଶଙ୍କା ସୃଷ୍ଟି ହେଲାଣି। ବର୍ଷ ଶେଷରେ ଏଭଳି ଅଦିନିଆ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ବ୍ୟବସାୟୀମାନେ ହତାଶ ହୋଇପଡ଼ିଛନ୍ତି। କାରଣ ଝିପିଝିପି ବର୍ଷା ସାଙ୍ଗକୁ ପ୍ରବଳ ଥଣ୍ଡା ଯୋଗୁଁ ଲୋକେ ଘରୁ ବାହାରୁ ନାହାନ୍ତି। ଦୁଇଦିନର ବର୍ଷା ସମୟରେ ଶ୍ରୀକ୍ଷେତ୍ର ପୁରୀରେ ମଧ୍ୟ ପର୍ଯ୍ୟଟକମାନଙ୍କୁ ଦେଖିବାକୁ ମିଳିନଥିଲା। ସମୁଦ୍ରକୂଳ ସମେତ ଶ୍ରୀମନ୍ଦିର ଖାଁ ଖାଁ ହୋଇଯାଇଥିଲା। ବର୍ତ୍ତମାନ ପାଣିପାଗ ବିଭାଗ ପକ୍ଷରୁ ଯେଉଁ ସାତଟି ଜିଲ୍ଲାକୁ ବର୍ଷା ସତର୍କତା ଜାରି କରାଯାଇଛି ସେହିସବୁ ଜିଲ୍ଲାରେ ଥିବା ଦେବାଳୟ ଓ ପର୍ଯ୍ୟଟନସ୍ଥଳୀର ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଗଲେଣି। କେବଳ ବର୍ଷା ନୁହେଁ, ପାଣିପାଗ ବିଭାଗ ପକ୍ଷରୁ ଘନ କୁହୁଡି ପାଇଁ ସତର୍କତା ଜାରି କରାଯାଇଥିବାରୁ ରାତିରେ କିମ୍ବା ପାହାନ୍ତାରେ ଦୂର ସ୍ଥାନକୁ ବଣଭୋଜି ପାଇଁ ବାହାରିବାକୁ ଥିବା ଲୋକେ ଓ ଗାଡିଚାଳକମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। କାରଣ ଘନକୁହୁଡି ସମୟରେ ଗାଡି ଚଳାଚଳ କଲେ ଦୁର୍ଘଟଣାର ସମ୍ଭାବନା ଅଧିକ ଥିବାରୁ ଏଥିପ୍ରତି ସତର୍କ ହେବା ସହିତ ଦୂର ଦୂରାନ୍ତକୁ ଯିବାପାଇଁ ଯୋଜନା କରିଥିବା ଲୋକେ ଏବେ ସେଥିରେ କାଣ୍ଟଛାଣ୍ଟ କରିବାକୁ ପ୍ରସ୍ତୁତ ହେଉଥିବା ଲକ୍ଷ୍ୟ କରାଯାଇଛି। (ତଥ୍ୟ)

## ଅଭିନେତ୍ରୀଙ୍କୁ ଠକେଇ: ଯାତ୍ରା ପାର୍ଟି ମାଲିକ ଗିରଫ



**ଭୁବନେଶ୍ୱର,୨୨।୧୨ (ସଂଚାର ବ୍ୟୁରୋ):** ଅଭିନେତ୍ରୀ ମନୋରମା ଦାଶଙ୍କଠାରୁ ୮ ଲକ୍ଷରୁ ଅଧିକ ଟଙ୍କା ନେଇ ଆଉ ନ ଫେରାଇବା ମାମଲାରେ ଗିରଫ ହୋଇଛନ୍ତି 'ଓମ୍ ଶିବଶକ୍ତି' ଯାତ୍ରାପାର୍ଟିର ମାଲିକ ଅମରେଶ ଚନ୍ଦ୍ର ସାହୁ। ଭୁବନେଶ୍ୱରର ଲିଙ୍ଗରାଜ ଥାନା ପୁଲିସ ତାଙ୍କୁ ଗିରଫ କରିଛି। ଗତ ସେପ୍ଟେମ୍ବର ୨୬ ତାରିଖରେ ଅଭିନେତ୍ରୀ ମନୋରମା ଦାଶ 'ଓମ୍ ଶିବଶକ୍ତି' ଯାତ୍ରାପାର୍ଟିର ମାଲିକ ଅମରେଶ ଚନ୍ଦ୍ର ସାହୁଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ। ମନୋରମାଙ୍କ ଅଭିଯୋଗ ଅନୁଯାୟୀ, ସେ ୨୦୨୩ ଫେବୃଆରୀ ମାସରେ 'ଓମ ଶିବଶକ୍ତି'ରେ ଯୋଗ ଦେଇଥିଲେ। ତାଙ୍କୁ ମାସିକ ୮୦ ହଜାର ଟଙ୍କା ଦିଆଯିବ ବୋଲି ଚୁକ୍ତି ହୋଇଥିଲା। ସେ ସେଠାରେ ମାସେ ରହିବା ପରେ ତାଙ୍କୁ ସେହି ଯାତ୍ରା ପାର୍ଟିର ପାର୍ଟନର କରିବାକୁ ପ୍ରସ୍ତାବ ଦେଇଥିଲେ ଅଭିଯୁକ୍ତ ଅମରେଶ। ଯାହା ଲାଭ ହେବ, ତାହା ସେମାନଙ୍କ ମଧ୍ୟରେ ସମାନ ପରିମାଣରେ ଭାଗ ହେବ ବୋଲି ସେ କହିଥିଲେ। ଅମରେଶଙ୍କର ଏହି ପ୍ରସ୍ତାବ ମନୋରମାଙ୍କୁ ପ୍ରଲୋଭିତ କରିଥିଲା ଓ ସେ ଯାତ୍ରାପାର୍ଟିର ଦାୟିତ୍ୱ ନେବାକୁ ରାଜି ହୋଇଯାଇଥିଲେ। ଏହି ଯାତ୍ରା ପାର୍ଟିରେ ଅଭିନେତ୍ରୀ ମନୋରମା ଦାଶ ୫ ମାସ କାମ କରିଥିଲେ। ତା' ଭିତରେ ଅଭିଯୁକ୍ତ ଅମରେଶଙ୍କ ନିର୍ଦ୍ଦେଶକ୍ରମେ ସେ ନିଜ ପକେଟରୁ କିଛି ଥର ଯାତ୍ରା ପାର୍ଟିର କର୍ମଚାରୀମାନଙ୍କୁ ଦରମା ଦେଇଥିଲେ। ସେହିଭଳି ଏହି ସମୟ ମଧ୍ୟରେ ଅମରେଶ ବ୍ୟକ୍ତିଗତ କାମ ପାଇଁ ତାଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇଥିଲେ ଓ ପରେ ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯେହେତୁ ଅମରେଶଙ୍କ ସହିତ ଭଲ ସଂପର୍କ ଥିଲା, ତେଣୁ ମନୋରମା ବିନା ଦ୍ୱନ୍ଦ୍ୱରେ ଟଙ୍କା ଦେଇଥିଲେ। କିନ୍ତୁ ଅମରେଶ ତାଙ୍କୁ ଠକି ଥିଲେ। ଆଉ ଟଙ୍କା ଫେରାଇ ନଥିଲେ। ଅମରେଶ ତାଙ୍କଠାରୁ ୮ ଲକ୍ଷ ୨୫ ହଜାର ୪୦୦ ଟଙ୍କା ଠକି ନେଇଥିବା ଅଭିଯୋଗ କରିଥିଲେ ମନୋରମା।

ଜୀବନ ଅମୃତ ଅନୁଚିନ୍ତା

ସତକର୍ମର ଯଜ୍ଞ-ଜୀବନରେ ସତକର୍ମର ଫଳ ଦିନେ ନା ଦିନେ ନିଶ୍ଚିତ ଭାବେ ମିଳିଥାଏ। ପ୍ରତ୍ୟେକ ସତରର୍ମ ଏକ ଯଜ୍ଞ। ଯଜ୍ଞର ଫଳ କର୍ତ୍ତାଙ୍କୁ ମିଳିବା ଇଶ୍ୱରଙ୍କ ବିଧିର ବିଧାନ।

SANCHAR
ସଂଚାର



# ସୀମା ବିବାଦର ଅନ୍ତ ହେଉ

ପଡ଼ୋଶୀ ଦେଶ ସହ ବିଶ୍ୱର ଅଧିକାଂଶ ଦେଶର ସୀମା ବିବାଦ ରହିଛି। ଭାରତର ମଧ୍ୟ ପଡ଼ୋଶୀ ଚୀନ ଓ ପାକିସ୍ତାନ ସହ ସୀମା ବିବାଦ ରହିଛି। ନେପାଳ ଓ ବାଂଲାଦେଶ ସହିତ ମଧ୍ୟ ସୀମା ବିବାଦ ରହିଥିଲା। କିନ୍ତୁ ଆଲୋଚନା ମାଧ୍ୟମରେ ଏହାର ସମାଧାନ ହୋଇପାରିଛି। କିନ୍ତୁ ଚୀନ ଓ ପାକିସ୍ତାନ ସହ ବିବାଦ ଲାଗି ରହିଛି। ଏବେ ଚୀନ ସହ ସୀମା ବିବାଦର ସମାଧାନ ନିମନ୍ତେ ନୂଆ ଉଦ୍ୟମ ଆରମ୍ଭ ହୋଇଛି। ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଦ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। ଦୀର୍ଘ ୫ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ ରାଷ୍ଟ୍ରମୁଖ୍ୟ ସି ଜିନ ପିଙ୍ଗଙ୍କ ମଧ୍ୟରେ ଆନୁଷ୍ଠାନିକ ଭାବେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ରଷିଆର କାଜାନ ସହରରେ ଅନୁଷ୍ଠିତ ୧୬ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଦୁଇ ନେତାଙ୍କ ମଧ୍ୟରେ ଏହି ଆଲୋଚନା ବୈଠକ ହୋଇଥିଲା। ଆଲୋଚନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁଁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ। ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ। କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ, ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି। ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି। ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି। ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ। ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଂଗଠନ ଗଠନ କରିଛନ୍ତି। ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ୍ୟ ଏହାକୁ ଭୟ କରୁଛି। ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନୀକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ। ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି। ବେଜିଂକୁ ବିଶ୍ୱାସ ନାହିଁ। ଅତୀତରେ ଅନେକ ଥର ଚୀନ ଭାରତକୁ ଧୋକା ଦେଇଛି। ୧୯୬୨ର ଯୁଦ୍ଧ ଥିଲା ଚୀନ ଧୋକାଦାରୀର ନମୂନା। ୧୯୬୨ ତୁଳନାରେ ଭାରତୀୟ ସେନା ଏବେ ଅଧିକ ସୁଦୃଢ଼ ଏବଂ ଶକ୍ତିଶାଳି। ଏବେ ବି ଚୀନ ସହ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ସମକକ୍ଷ ହୋଇପାରିନି। କିନ୍ତୁ ଚୀନ ସେନାର ଜବାବ ଦେବାକୁ ଭାରତ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତ୍ତି, ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଏବଂ ଯୋଜନା ବାସ୍ତବରେ ପ୍ରଶଂସନୀୟ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବେ ଆତ୍ମନିର୍ଭରଶୀଳ। ଏହାକୁ ଚୀନ ଆଉ ହୀନ ଦୃଷ୍ଟିରେ ଦେଖିପାରିବ ନାହିଁ।

## ସମ୍ପାଦକଙ୍କୁ ପତ୍ର

### କୋଣାର୍କକୁ ରେଳ ସଂଯୋଗ ହେଉ

**ମହାଶୟ,**

କେବଳ ଓଡ଼ିଶା ନୁହେଁ, ଭାରତର ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ ଅର୍କ କ୍ଷେତ୍ର କୋଣାର୍କର ସୂର୍ଯ୍ୟ ମନ୍ଦିର ଦେଖିବା ନିମନ୍ତେ ପ୍ରତି ବର୍ଷ ଭାରତର ବିଭିନ୍ନ କୋଣ ଅନୁକୋଣୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଆସନ୍ତି। ବିଶ୍ୱର ବିଭିନ୍ନ ଦେଶରୁ ଆସୁଥିବା ପର୍ଯ୍ୟଟକ ମଧ୍ୟ କୋଣାର୍କର ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବାକୁ ଆସନ୍ତି। କିନ୍ତୁ କୋଣାର୍କକୁ ସଡ଼କ ପଥରେ ଯୋଗାଯୋଗ ବ୍ୟବସ୍ଥା ସେଭଳି ଭଲ ନାହିଁ। ତେଣୁ କୋଣାର୍କ ସହ ରେଳ ସଂଯୋଗ ନିହାତି ଅପରିହାର୍ଯ୍ୟ। ପୁରୀରୁ କୋଣାର୍କକୁ ରେଳ ପଥ ନିର୍ମଣ ପାଇଁ ଅନେକ ଦିନରୁ ପ୍ରସ୍ତାବ ରହିଛି। ଏହା ମଧ୍ୟ ସେପରି ବ୍ୟୟ ସାପେକ୍ଷ ନୁହେଁ। ଏବେ ଏହାକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ଅଛନ୍ତି। ସେ ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ଅନୁରୋଧ।

# ସାମ୍ବାଦିକରୁ ରାଜନେତା



**କିଶୋର ଚନ୍ଦ୍ର ବେହେରା**

ବର୍ତ୍ତମାନ ସ୍ଥିତିରେ ଦେଶରେ ଯେପରି ରାଜନୈତିକ ବୟାନବାଜୀ କଟୁରତାର ରୂପ ଧାରଣ କରିଛି ଏବଂ ନେତାଙ୍କ ତୁଚ୍ଛ ବିଚାରଧାରା ହିଂସାର ରୂପ ଧାରଣ କରିଛି ତେବେ ଏଭଳି ପରିସ୍ଥିତିରେ ରାଜନେତା ଅଟଳ ବିହାରୀ ବାଜପେୟୀଙ୍କ କଥା ବହୁତ ମନେ ପଡ଼ିଯାଏ ଆଜିର ପବିତ୍ର ଜନ୍ମଦିନ ଅବସରରେ। ବାଜପେୟୀଙ୍କ ମଧ୍ୟରେ ରାଜନୈତିକ ବିରୋଧର ଆବାଜକୁ ବି ସମ୍ଭାଳିବାର ଏକ ଅଦଭୁତ ପୂର୍ବ କ୍ଷମତା ଥିଲା, ଯେଉଁଥି ପାଇଁ ତାଙ୍କୁ ସଂସଦୀୟ ରାଜନୀତିରେ ବିରୋଧୀମାନଙ୍କଠାରେ ବି ସେତିକି ଲୋକପ୍ରିୟତା ମିଳିପାରିଛି, ଯେତିକି ଲୋକପ୍ରିୟତା ତାଙ୍କୁ ତାଙ୍କ ନିଜ ଦଳରେ ମଧ୍ୟ ମିଳିଛି। ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ରାଜନୈତିକ ବ୍ୟକ୍ତିତ୍ୱ ନା' ହିଁ କେବଳ ସତ୍ତାଧାରୀ ଭାରତୀୟ ଜନତା ପାର୍ଟି ପାଇଁ ବରଂ ବିରୋଧୀ ଦଳର ନେତାମାନଙ୍କ ପାଇଁ ବି ପ୍ରେରଣାର ଉତ୍ସ। ଆଶ୍ଚର୍ଯ୍ୟର କଥା ରାଜନୀତିରେ ପାଦ ଦେବା ପୂର୍ବରୁ ବାଜପେୟୀ ଜଣେ ଅଭିଜ୍ଞ ସାମ୍ବାଦିକ ଥିଲେ। ତେବେ ବାଜପେୟୀଙ୍କ ସାମ୍ବାଦିକତାରୁ ରାଜନୀତିର ମାର୍ଗ ଚୟନ କରିବା ପଛରେ ଏକ ବହୁତ ବଡ କାହାଣୀ ରହିଛି। ବେଳେ ବେଳେ ଜୀବନର ମୋଡ଼ ବଦଳିଯାଏ କୌଣସି ଏକ ଘଟଣା କ୍ରମରେ। ଜାତୀୟ ଗଣମାଧ୍ୟମର ଜଣାଶୁଣା ସାମ୍ବାଦିକ ତଥା ତବଲୀନ ସିଂହଙ୍କ ନିକଟରେ ଦେଇଥିବା ଏକ ସାକ୍ଷାତକାରରେ ବାଜପେୟୀଙ୍କ ରାଜନୈତିକ ଘଟଣା ସଂପର୍କରେ ଆଲୋଚନା କରିଛନ୍ତି। ସମାୟୁନକ୍ରମେ ଘଟଣାଟି ଘଟିଥିଲା ୧୯୫୩ ମସିହାରେ। ଯେତେବେଳେ ସେ ଦିଲ୍ଲୀରେ ଜଣେ ସାଧାରଣ ସାମ୍ବାଦିକ ଭାବେ କାମ କରୁଥିଲେ। ଆଉ ସେହି ସମୟରେ ଭାରତୀୟ ଜନସଂଘର ନେତା ଡ଼ ଶ୍ୟାମା ପ୍ରସାଦ ମୁଖାର୍ଜି ଜାମ୍ମୁ-କାଶ୍ମୀରକୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯିବା ବିରୋଧରେ ଥିଲେ। ଡ଼ ଶ୍ୟାମା ପ୍ରସାଦ ମୁଖାର୍ଜି ଜାମ୍ମୁ-କାଶ୍ମୀରରେ ଲାଗୁ ହୋଇଥିବା ସ୍ୱତନ୍ତ୍ର ଅନୁମୋଦନ ବ୍ୟବସ୍ଥାକୁ ବିରୋଧ କରିବା ପାଇଁ ସେଠାକୁ ଯାଇଥିଲେ। ଆଉ ଏହି ଘଟଣାକୁ ସର୍ବସାଧାରଣଙ୍କ ଉଦେଶ୍ୟରେ ପ୍ରସାରଣ କରିବା ପାଇଁ ବାଜପେୟୀ ମଧ୍ୟ ତାଙ୍କ ସହ ସାମିଲ ହୋଇଥିଲେ। କୌଣସି ଭାରତୀୟ ନାଗରିକଙ୍କୁ ଜାମ୍ମୁ-କାଶ୍ମୀରରେ ପ୍ରବେଶ କରିବାର ଅନୁମତି ନଥିଲା। ଏହାବ୍ୟତୀତ ଜାମ୍ମୁ-କାଶ୍ମୀର ଯିବା ପାଇଁ ହେଲେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ନିକଟରେ ପରଚୟ ପତ୍ର ଥିବା ଜରୁରୀ ଥିଲା। ଯାହାକୁ ପ୍ରତିବାଦ କରିଥିଲେ ଡ଼ ଶ୍ୟାମା ପ୍ରସାଦ। ଆଉ ସେ ଏହି ନିୟମ ଭାଙ୍ଗି ଶ୍ରୀନଗରରେ ପ୍ରବେଶ କରିଥିଲେ। ଡ଼ ଶ୍ୟାମା ପ୍ରସାଦଙ୍କୁ ପୁଲିସ ଗିରଫ କରିନେଇଥିଲେ ଆଉ ଆମକୁ ବାଧ୍ୟ ହୋଇ ସେଠାରୁ ଫେରିବାକୁ ପଡ଼ିଥିଲା। ଡ଼ ମୁଖାର୍ଜି ତାଙ୍କୁ କହିଥିଲେ କି 'ବାଜପେୟୀ ତୁମେ ଯାଅ ଆଉ ସାରା ଦୁନିଆକୁ ଜଣାଇଦିଅ କି ମୁଁ କାଶ୍ମୀରରେ ପ୍ରବେଶ କରିଛି ବିନା ଅନୁମତି ପତ୍ରରେ'। କାଶ୍ମୀରରେ ନଜରବନ୍ଦୀ ପରିସ୍ଥିତିରେ ଏକ ସରକାରୀ ଡାକ୍ତରଖାନାରେ ଡା. ମୁଖାର୍ଜିଙ୍କର ମୃତ୍ୟୁ ଘଟିଥିଲା। ଯାହା ବାଜପେୟୀଙ୍କ ହୃଦୟକୁ ବହୁତ କଷ୍ଟ ଦେଇଥିଲା। ବାଜପେୟୀ ଖୋଦ ସେହି ସାକ୍ଷାତକାର ରେ ଘୋଷଣା କରିଥିଲେ 'ମୁଁ ଡ଼ ମୁଖାର୍ଜିଙ୍କ ଅଧୁରା କାମକୁ ପୂରା କରିବାକୁ ଉଚିତ୍ ମନେକଲି'। ଆଉ ଘଟଣା ପରେ ପରେ ହିଁ ସାମ୍ବାଦିକ ଅଟଳ ବିହାରୀ ବାଜପେୟୀ ରାଜନୀତିରେ ପ୍ରବେଶ କରିବାକୁ ନିଷ୍ପତି ନେଇଥିଲେ ଏବଂ ୧୯୫୭ରେ ଉତ୍ତର ପ୍ରଦେଶର ବଳରାମପୁର ଲୋକ ସଭା ଆସନରୁ ପ୍ରଥମ ଥର ପାଇଁ ସଂସଦକୁ ନିର୍ବାଚିତ ହୋଇ ଆସିଥିଲେ। ରାଜନୀତିର ସାମ୍ରାଜ୍ୟରେ ବାଜପାୟୀ ଥିଲେ ଅଜାତ ଶତ୍ରୁ। ପ୍ରଧାନମନ୍ତ୍ରୀ ଥିବା ବେଳେ ତାଙ୍କର ନୀତିକୁ ଦଳମତ ନିର୍ବିଶେଷରେ ସମ୍ମାନ ଦେଉଥିଲେ ସମକାଳୀନ ନେତାଗଣ। ବାଜପାୟୀଙ୍କ ଉଦାର ହୃଦୟ ଓ ଶାଳିନ ବ୍ୟବହାର ସମସ୍ତଙ୍କ ପ୍ରୀୟପାତ୍ର କରିବାରେ ସକ୍ଷମ ହୋଇଥିଲା। ସେ ନିଜ ବିରୋଧୀଙ୍କୁ ମଧ୍ୟ ସ୍ନେହପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ। ୧୯୫୭ରୁ ୨୦୦୯ ପର୍ଯ୍ୟନ୍ତ ସେ ନଅଥର ଲୋକ ସଭାକୁ ନିର୍ବାଚିତ ହୋଇ ଥିବାବେଳେ ରାଜ୍ୟସଭାକୁ ୧୯୬୨ ଓ ୧୯୮୬ରେ ଦୁଇଥର ନିର୍ବାଚିତ ହୋଇ ମଝିରେ ମାତ୍ର ଦେଢ଼ ବର୍ଷକୁ ଛାଡିଦେଲେ ସଂସଦରେ ୫୦ ବର୍ଷରୁ ଅଧିକ କାଳ ସଦସ୍ୟ ହୋଇ ରହିଛନ୍ତି। ଭାରତବର୍ଷରେ ସେ ଏକମାତ୍ର ସାଂସଦ ଯିଏ ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ଗୁଜରାଟ ଓ ଦିଲ୍ଲୀ ଭଳି ଚାରୋଟି ରାଜ୍ୟରୁ ସଂସଦକୁ ନିର୍ବାଚିତ ହୋଇଛନ୍ତି। ସେ ଲଗାତର ଲକ୍ଷ୍ନୌ ନିର୍ବାଚନ ମଣ୍ଡଳୀରୁ ୬ଥର ବିଜୟୀ ହୋଇଛନ୍ତି। ରାଜନୈତିକ



ଦଳ ଭାରତୀୟ ଜନସଂଘର ପ୍ରତିଷ୍ଠାତାଙ୍କ ମଧ୍ୟରେ ବାଜପେୟୀ ଅନ୍ୟତମ। ଜନସଂଘ ପରେ ଭାରତୀୟ ଜନତା ପାର୍ଟି (ବିଜେପି) ନାମରେ ରାଜନୈତିକ ଦଳର ମାନ୍ୟତା ପାଇଥିଲା। ୧୯୬୮ରୁ ୧୯୭୩ ପର୍ଯ୍ୟନ୍ତ ବାଜପେୟୀ ଜନସଂଘର ଅଧ୍ୟକ୍ଷ ରହିଥିଲେ। ଡ଼ ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପରାମର୍ଶରେ ସେ ରାଜନୀତର ପାଠ ପଢ଼ିଥିଲେ। ୧୯୫୯ ରୁ ୧୯୭୭ ପର୍ଯ୍ୟନ୍ତ ଜନତା ପାର୍ଟି ପ୍ରତିଷ୍ଠା ହେବା ଯାଏଁ ବାଜପେୟୀ ୨୦ ବର୍ଷ ଧରି ଜନସଂଘ ସଂସଦୀୟ ଦଳର ନେତା ଥିଲେ। ମୋରାରଜୀ ଦେଶାଇ ସରକାରରେ ସେ ୧୯୭୭ ରୁ ୧୯୭୯ ପର୍ଯ୍ୟନ୍ତ ବୈଦେଶିକ ମନ୍ତ୍ରୀ ଥିବା ସମୟରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଏକ ବିବୃତି ରଖିଥିଲେ 'ଆପଣ ବନ୍ଧୁମାନଙ୍କୁ ପରିବର୍ତ୍ତନ କରିପାରିବେ, ମାତ୍ର ପଡୋଶୀମାନଙ୍କୁ ପରିବର୍ତ୍ତନ କରିପାରିବେ ନାହିଁ' ଯାହାକି ଆଜି ବୈଦେଶିକ ନୀତିରେ ଏକ ଜନପ୍ରିୟ ବିବୃତି ଭାବେ ଖ୍ୟାତ ହୋଇଛି। ବାଜପେୟୀ ପ୍ରଥମ ବିଦେଶ ମନ୍ତ୍ରୀ ଥିଲେ ଯିଏକି ଜାତିସଂଘରେ ହିନ୍ଦୀରେ ଭାଷଣ ଦେଇ ଭାରତକୁ ଗୌରବାନ୍ୱିତ କରିଥିଲେ। ମହିଳା ସଶକ୍ତିକରଣ ଓ ସାମାଜିକ ସମାନତାର ଜଣେ ଦୃଢ଼ ପ୍ରବକ୍ତା ଭାବେ ଶ୍ରୀ ବାଜପେୟୀ ସଦାବେଳେ ଭାରତର ପ୍ରଗତି ଓ ବିକାଶରେ ବିଶ୍ୱାସୀ। ଭାରତ କିଭଳି ଦୃଢ଼ ସମୃଦ୍ଧ ଭାବେ ବିଶ୍ୱ ସମୁଦାୟ ଓ ବୈଶ୍ୱିକ ସଂଗଠନମାନଙ୍କରେ ତାର ଉପଯୁକ୍ତ ସ୍ଥାନ ପାଇପାରିବ ଏହି ଚିନ୍ତାଧାରାରେ ସେ ଜଣେ ପ୍ରମୁଖ ପ୍ରବକ୍ତା। ସେ ସେହି ଭାରତକୁ ପ୍ରତିନିଧିତ୍ୱ କରନ୍ତି ଯାହା ୫୦୦୦ ବର୍ଷର ସଭ୍ୟତା ମଧ୍ୟରୁ ମୁଣ୍ଡ ଟେକିଛି। ସଦାବେଳେ ଆଧୁନିକତାକୁ ଆପଣାଇବାକୁ ଓ ଅଭିନବତ୍ୱ ତଥା ପୁନର୍ଜାଗରଣ ବଳରେ ଆଗାମୀ ୧୦୦୦ ବର୍ଷ ପାଇଁ ସବୁ ପ୍ରକାର ଆହ୍ୱାନର ମୁକାବିଲା ନିମନ୍ତେ ପ୍ରସ୍ତୁତ। ବାଜପେୟୀ ରାଷ୍ଟ୍ରୀୟ ରାଜମାର୍ଗ ଓ ବିମାନ ବନ୍ଦରର ବିକାଶ, ନୂଆ ଟେଲିକମ୍ ନୀତି ତଥା କୋଙ୍କଣ ରେଳବାଇର ଶୁଭାରମ୍ଭ ମାଧ୍ୟମରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ତୁଲାଇଥିଲେ। ସେ ରାଷ୍ଟ୍ରୀୟ ସୁରକ୍ଷା ସମିତି, ଆର୍ଥିକ ପରାମର୍ଶଦାତା କମିଟି ଏବଂ ବ୍ୟାପାର ଓ ଉଦ୍ୟୋଗ କମିଟି ଗଠନ କରିଥିଲେ।

ଦେଶପ୍ରତି ବାଜପେୟୀଙ୍କ ଅବଦାନକୁ ସମ୍ମାନ ଜଣାଇବା ପରିପ୍ରେକ୍ଷୀରେ ୨୦୧୪ ଡିସେମ୍ବର ୨୫ ତାଙ୍କ ୯୦ତମ ଜୟନ୍ତୀକୁ ସୁଶାସନ ଦିବସ ଭାବେ ପାଳନ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ବାଜପେୟୀଙ୍କ ସମ୍ମାନରେ ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ନବନିର୍ମିତ କ୍ରିକେଟ ଷ୍ଟାଡିୟମକୁ 'ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମ' ନାମରେ ନାମକରଣ କରାଯାଇଛି। ଦେଶ ପ୍ରତି ତାଙ୍କର ନିଃସ୍ୱାର୍ଥପର ନିଷ୍ଠା ଓ ଶ୍ରଦ୍ଧା ଏବଂ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ସମାଜ ଓ ରାଷ୍ଟ୍ର ପ୍ରତି ତାଙ୍କର ସେବାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ୧୯୯୨ ମସିହାରେ ଶ୍ରୀ ବାଜପେୟୀଙ୍କୁ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣରେ ସମ୍ମାନିତ କରାଯାଇଛି। ୧୯୯୩ ମସିହାରେ କାନପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ୧୯୯୪ ମସିହାରେ ଶ୍ରୀ ବାଜପେୟୀଙ୍କ ପାଇଁ ଥିଲା ସୁବର୍ଣ୍ଣ ବର୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ କାରଣ ଉକ୍ତ ବର୍ଷ ଭାରତର ଶ୍ରେଷ୍ଠ ସାଂସଦ ଭାବେ ବିବେଚନା କରାଯାଇଥିଲା। ଏହି ଅବସରରେ ତାଙ୍କୁ ପ୍ରଦତ୍ତ ମାନପତ୍ରରେ ଉଲ୍ଲେଖ ଥିଲା: ' ତାଙ୍କର ନାମକୁ ସତ୍ୟ ବୋଲି ପ୍ରଣାମିତ କରୁଥିବା, ଅଟଳଜୀ ଜଣେ ତୁଙ୍ଗ ଜାତୀୟ ନେତା, ଜଣେ ଧୂରୀଣ ରାଜନୀତିଜ୍ଞ, ଜଣେ ନିଃସ୍ୱାର୍ଥପର ସାମାଜିକ କର୍ମୀ, ବଳିଷ୍ଠ ବକ୍ତା, କବି ଓ ସାହିତ୍ୟିକ, ସାମ୍ବାଦିକ ଏବଂ ନିର୍ବିବାଦରେ ଜଣେ ବିବିଧ ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ଅଟଳଜୀ ଜନସମୂହଙ୍କ ଆଶା ଆକାଂକ୍ଷାର ପ୍ରବକ୍ତା। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଜାତୀୟତାବାଦ ପ୍ରତି ନିଷ୍ଠା ଅଙ୍କୁରିତ ହୋଇଥାଏ'। ଲୋକମାନ୍ୟ ତିଳକ ଓ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେଶ ପାଇଁ ତାଙ୍କର ଅନେକ ଉତ୍ତମ କାରଣ ପାଇଁ ଡିସେମ୍ବର ୨୦୧୪ ରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ମଧ୍ୟ ପ୍ରଦାନ କରାଯାଇଥିଲା।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, କୋରାପୁଟ**
**ଯୋଗାଯୋଗ: ୯୪୩୭୯୫୫୫୬୮**

# ମୋଟା ଲୋକଙ୍କ ପାଇଁ ଶୁଭ ଖବର



**ସୁବାସ ଷଡଙ୍ଗୀ**

ମୋଟା ହେବାକୁ ଆଉ ସୁସ୍ଥ ଲୋକ ହିସାବରେ ଗଣାଯାଉନି। ଏହା ଏକ ଅଭିଶାପ। ଅତି ମୋଟା ଲୋକମାନେ ଏ ସମାଜରେ ଭଲଭାବେ ବଞ୍ଚିବାକୁ ଚାହିଁଲେ ମଧ୍ୟ କଷ୍ଟ ଅନୁଭବ କରୁଛନ୍ତି। କାରଣ ଡାକ୍ତରି ବିଦ୍ୟାରେ ସେମାନେ ଅସୁସ୍ଥ। ଏମାନେ କାମ କରିବାକୁ ଅକ୍ଷମ। ଜଣେ ସୁସ୍ଥ ଲୋକ ଯେଭଳି କାମ କରିପାରେ, ଏମାନେ ସେପରି କାମ କରିପାନ୍ତି ନାହିଁ। ସେଥିପାଇଁ ବିକଶିତ ଦେଶମାନେ ମୋଟାପାକୁ ଏକ ରୋଗ ବୋଲି ମନେ କରନ୍ତି। ଅବଶ୍ୟ ଭାରତରେ ଆମେ ଏହାକୁ ଅଧିକ ଗୁରୁତ୍ୱ ଦେଉ ନାହୁଁ। କାମକୁ ଅଯୋଗ୍ୟ ମୋଟା ଲୋକଙ୍କ ସଂଖ୍ୟା ଏଠାରେ ବହୁତ କମ।

ତେବେ ଆମେରିକା ଭଳି ବିକଶିତ ଦେଶରେ ଏହା ଏକ ବଡ ସମସ୍ୟା। କାରଣ ସେଠାକାର ଜନସଂଖ୍ୟାର ପ୍ରାୟ ଶତକଡା ୪୬ ଭାଗ ହେଉଛନ୍ତି ମୋଟାଲୋକ। ଏମାନଙ୍କ ମଧ୍ୟରୁ ଶତକଡ ୨୫ ଭାଗ ଲୋକ ଏତେ ମୋଟା ଯେ ସେମାନେ ଠିକଭାବେ କାମ କରିପାରନ୍ତି ନାହିଁ। ଏଣୁ କାମ ଉପରେ ପ୍ରଭାବ ପଡେ। ଏବେ କିନ୍ତୁ ଚିନ୍ତାକରିବାର ନାହିଁ। ୨୦୨୩ ମସିହାରେ ମୋଟାଲୋକଙ୍କ ସଂଖ୍ୟା ଆମେରିକାରେ କମିଛି। ହେଲ୍‌ଥ ଫୋରମ ଜର୍ଣ୍ଣାଲରେ ସଦ୍ୟ ପ୍ରକାଶିତ ଏକ ତଥ୍ୟରୁ ଜଣା ପଡ଼ିଛି ଯେ ଆମେରିକାରେ ୨୦୨୩ ମସିହାରେ ମୋଟାଲୋକଙ୍କ ସଂଖ୍ୟା ଶତକଡା ୪୬ ରୁ ୪୫.୬କୁ କମିଛି।ସଂଖ୍ୟାଦୃଷ୍ଟିରୁ ଏହା ବହୁତ କମ ହେଲେ ମଧ୍ୟ ଏହି ହାର ଯେ କମୁଛି, ତାହା ଆମେରିକାବାସୀଙ୍କ ପାଇଁ ଶୁଭ ଖବର।

ଅନ୍ୟ ଏକ ତଥ୍ୟରୁ ଜଣା ପଡିଛି ଯେ ମୋଟା ହେବାର ସଂଖ୍ୟା ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଅଧିକ। ବିଶେଷ କରି ୬୬ ବର୍ଷରୁ ୭୫ ବର୍ଷର ଲୋକମାନେ ଅଧବକ ମୋଟା। ଏମାନେ ହେଉଛନ୍ତି ମୋଟା ଲୋକମାନଙ୍କର ଶତକଡା ୪୦ ଭାଗ।ଆମେରିକାର ଲୋକମାନେ ଅଧିକ ମୋଟା ହେବାର କାରଣ ହେଉଛି, ସେମାନଙ୍କର ଖାଦ୍ୟାଭ୍ୟାସ। ସେମାନେ ଅଧିକ ଫାଷ୍ଟଫୁଡ ଖାଆନ୍ତି। ଶାରୀରିକ ପରିଶ୍ରମ କମ କରନ୍ତି। କିନ୍ତୁ ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଚୀନର ଲୋକମାନେ ମଧ୍ୟ ମୋଟା। ଚୀନରେ ମୋଟା ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଚୀନରେ ଛୋଟପିଲାମାନେ ‌ଧିକ ମୋଟା ହୋଇଯାଉଛନ୍ତି ବୋଲି ଏକ ପରିସଂଖ୍ୟାନରୁ ଜଣା ପଡ଼ିଛି। ବିଶେଷକରି ୫ରୁ ୨୪ ବର୍ଷର ପିଲାମାନେ ଏବେ ଅଧିକ ମୋଟା ହୋଇଯାଉଛନ୍ତି। ଯୁବ ପିଢି ମୋଟା ହୋଇଯିବା ଫଳରେ କର୍ମକ୍ଷେତ୍ର ଉପରେ ଏହାର ପ୍ରଭାବ ପଡୁଛି। ସେଥିପାଇଁ ଚୀନ ସରକାରଙ୍କ ପକ୍ଷରୁ ଯୁବାବର୍ଗଙ୍କୁ ଖାଦ୍ୟାଭ୍ୟାସ ପରିବର୍ତ୍ତନ କରିବାକୁ କୁହାଯାଉଛି। ଚୀନରେ ବାରଘଣ୍ଟା କାମ କରିବାକୁ କୁହାଯାଏ। କିନ୍ତୁ ମୋଟାଲୋକମାନେ ଏତେ ସମୟ ବସିରହି କାମ କରିବା ସମ୍ଭବ ନୁହେଁ।



ଚୀନରେ ଯୁବବର୍ଗଙ୍କ ମଧ୍ୟରେ ମୋଟା ଲୋକମାନଙ୍କ ସଂଖ୍ୟା ମଧ୍ୟ କମୁଛି। ୨୦୧୩ ମସିହାରୁ ୨୦୨୩ ମସିହା ମଧ୍ୟରେ ହୋଇଥିବା ସର୍ଭେରୁ ଜଣାଯାଇଛି, ମୋଟା ହାର କମୁଛି। ଏପର୍ଯ୍ୟନ୍ତ ସେଠାରେ ମୋଟାପା ୧.୬୭ ଭାଗ କମିଛି। ଯାହା ଏକ ଶୁଭ ଲକ୍ଷଣ।

ଭାରତରେ ମୋଟା ଲୋକ ନାହାନ୍ତି, ସେ କଥା ନୁହେଁ। ତେବେ, ଆମର ଖାଦ୍ୟାଭ୍ୟାସ ଯାହା, ସେଥବରେ ଜଣେ ମୋଟା ହେବା ସହଜ ନୁହେଁ। ତଥାପି ଆଜିକାଲି ଯୁବବର୍ଗଙ୍କ ମଧ୍ୟରେ ମୋଟାପା ବଢ଼ିବାରେ ଲାଗିଛି। ଲଣ୍ଡନର ଇମ୍ପେରିଆଲ କଲେଜ ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଦର୍ଶାଯାଇଚି, ଭାରତରେ ପ୍ରାୟ ୪.୪ କୋଟି ମୋଟା ଲୋକ ଅଛନ୍ତି। ୧୪୦ କୋଟି ଲୋକସଂଖ୍ୟାର ଦେଶରେ ମାତ୍ର ଚାରି କୋଟି ଲୋକ ମୋଟା ହେବା କିଛି ବଡ କଥା ନୁହେଁ। ଭାରତରେ ପ୍ରାୟ୨.୬ କୋଟି ପୁରୁଷ ହେଉଛନ୍ତି ମୋଟା।

ଭାରତର ଲୋକମାନେ କାହିଁକି ମୋଟା ନୁହଁନ୍ତି? ମୁଖ୍ୟ କାରଣ ହେଉଛି, ଖାଦ୍ୟ। ସରକାରୀ ହିସାବ ଅନୁସାରେ ଅଶୀ କୋଟି ଲୋକ ଠିକ ଭାବରେ ଖାଇବାକୁ ପାଆନ୍ତି ନାହିଁ। ସେମାନଙ୍କୁ ମାଗଣାରେ ଚାଉଳ ବା ଗହମ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥାଏ। ଭାରତରେ ୨୦୨୨ ମସିହାରେ ମୋଟାପା ନେଇ ସର୍ଭେ କରାଯାଇଥିଲା। ଆମ ଦେଶରେ ଯୁବବର୍ଗଙ୍କ ମଧ୍ୟରେ ମୋଟାଙ୍କ ସଂଖ୍ୟ ବଢୁଛି। କାରଣ ସ୍ୱରୂପ କୁହାଯାଇଛି, ଆଜିକାଲିର ଯୁବବର୍ଗ ଫାଷ୍ଟଫୁଡ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ଅଫସିରେ ବସି କାମ କରୁଛନ୍ତି। ତେଣୁ ମୋଟା ହୋଇ ଯାଉଛନ୍ତି। ୧୯୯୦ରୁ ୨୦୨୨ ମସିହା ମଧ୍ୟରେ ଏମାନଙ୍କ ସଂଖ୍ୟ ବଢ଼ିଛି ବୋଲି କୁହାଯାଉଛି।

ସୁସ୍ଥ ଲୋକଙ୍କ ସଂଖ୍ୟ ବଢ଼ିଲେ, ସମାଜର ଉନ୍ନତି ହୁଏ। କାରଣ ଶ୍ରମଶକ୍ତି ବଢେ। ଶିକ୍ଷାର ପ୍ରସାର ଫଳରେ ଆଇଟି କ୍ଷେତ୍ରରେ ‌ଧିକ ଯୁବକ ନିଯୁକ୍ତି ପାଉଛନ୍ତି। ସେମାନଙ୍କ ଠାରେ ମୋଟାପା ବଢୁଛି। ବର୍ତମାନ ପାଇଁ ସମସ୍ୟାର କୌଣସି କାରଣ ନଥିଲେ ମଧ୍ୟ ଭବିଷ୍ୟତ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏଣୁ ଆମକୁ ସତର୍କ ହେବାକୁ ପଡ଼ିବ। ଖାଦ୍ୟାଭ୍ୟାସ ଉପରେ ନଜର ରଖିବାକୁ ପଡ଼ିବ। ପ୍ରତିଦିନ ବ୍ୟାୟାମ କରିବାକୁ ହେବ। ନଚେତ ଆମେରିକା ବା ଚୀନ ଭଳି ଅବସ୍ଥା ଭବିଷ୍ୟତରେ ଦେଖାଦେଇପାରେ।

ବିକଶିତ ଦେଶଗୁଡିକରେ ଏବେ ନିୟମିତ ବ୍ୟାୟାମ ଉପରେ ଗୁରୁତ୍ୱ ଦିଆଯାଉଛି। ଫାଷ୍ଟ ଫୁଡ କମାଇବାକୁ କୁହାଯାଇଚି। ଯାହା ଫଳରେ ମୋଟାପା କମିଛି। ଚୀନରେ ଖାଦ୍ୟ ଉପରେ ବିଶେ କରି ଯୁବବର୍ଗଙ୍କ ଖାଦ୍ୟ ଉପରେ ନଜର ରଖିଛନ୍ତି ସରକାର। ତେଣୁ ମୋଟାପା ହାର ସେଠାରେ କମୁଛି।

**ମୋବାଇଲ୍: ୯୪୩୯୬୫୨୩୨୨**

# କ୍ରୀଡ଼ା ସ୍ମରଣୀୟ ଛାପରେ ୨୦୨୪

**ଗୋପୀନାଥ ଦାଶ**



କ୍ୟାଲେଣ୍ଡରରେ ବିଦାୟ ନେଇଛି ୨୦୨୪ ତେବେ ୨୦୨୪ଟି କ୍ରୀଡ଼ା କ୍ଷେତ୍ରରେ କିପରି ରହିଥିଲା ସେ ନେଇ ଏହି ବର୍ଷ ଭିତ୍ତିକ ସମୀକ୍ଷା ଆଲେଖ୍ୟ। ଚଳିତ ବର୍ଷ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ ଜାଭେଲିନ ଥ୍ରୋ ତାରକା କିଶୋର ଜେନା। ସେହିପରି ହକି ଅଲମ୍ପିଆନ ଲାଜରୁସବାର୍ଲା ଲାଇଫ ଟାଇମ ଆଚିଭମେଣ୍ଟ ପୁରସ୍କାର ପାଇଥିଲେ। ସେହିପରି ସୁଇମିଂ ପୁଲରେ ଓଡ଼ିଶାର ପ୍ରତ୍ୟାଶା ରାୟ ଏଥର ଜାତୀୟ ସିନିୟର ସନ୍ତରଣରେ ଓଡ଼ିଶାର ପ୍ରଥମ ସୁଇମର ଭାବେ ରୌପ୍ୟ ପଦକ ପାଇ ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ରାଜ୍ୟ ପାରାସ୍ପୋର୍ଟସ୍ ତାରକାମାନେ ୨୨ତମ ଜାତୀୟ ପାରା ଆଥଲେଟିକ ଚମ୍ପିଆନ୍ସିପରେ ନଅଟି ପଦକ ପାଇଛନ୍ତି। ସେହିପରି ଓଡ଼ିଶାର ପ୍ରଥମ ଖେଳାଳି ଭାବେ କ୍ରମାଗତ ଦୁଇଟି ଅଲମ୍ପିକ୍ସରେ ପଦକ ଜିତି ଇତିହାସ ରଚିଛନ୍ତି ଅମିତରୋହି ଦାଶ। ଚେସ କ୍ଷେତ୍ରରେ ବିସ୍ମୟ ଚେସ ପ୍ରତିଭା କୁହାଯାଉଥିବା ସାତ୍ତ୍ୱିକ ସ୍ୱାଇଁ ଜୁନିୟର ବିଶ୍ୱ କପରେ ଆଠ ବର୍ଷରୁ କମ ବର୍ଗରେ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛନ୍ତି। ସେହିପରି ପ୍ରଥମ ମହିଳା ଯୋଡ଼ି ଭାବେ ସମ୍ମାନଜନକ ଅଲ ଇଂଲଣ୍ଡ ଓପନ ଚମ୍ପିଆନ୍ସିପରେ ଅଂଶ ଗ୍ରହଣ କରି ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା। ବର୍ଷର ପ୍ରଥମ ଭାଗରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଭାରତର ପ୍ରଥମ ଇନଡୋର ଆଥଲେଟିକ ସେଣ୍ଟର ଓ ଇନ୍‌ଡୋର ଆକ୍ୱାଟିକ ସେଣ୍ଟର ଉଦଘାଟିତ ହୋଇଥିଲା। ସେହିପରି ଟେନିସ ଖେଳାଳୀ ଆହନ ମିଶ୍ର ଆନ୍ତର୍ଜାତିକ ସ୍ତରରେ ବାଳକ ବର୍ଗରେ ଜୁନିୟର ବିଶ୍ୱ ର୍‌ୟାକିଂରେ ପାଦ ଥାପିଛନ୍ତି। ସେହିପରି ଭାରଉତ୍ତୋଳନ କ୍ଷେତ୍ରରେ ଜାତୀୟ ଯୁଥ ରେକର୍ଡ଼ ସୃଷ୍ଟି କରିଛନ୍ତି ଓଡ଼ିଶାର ଜ୍ୟୋତ୍ନା ସବର। ସେହିପରି ରାଜ୍ୟର ପ୍ରଥମ କୋଚ ଭାବେ ଏଏଫସିପ୍ରୋ ଲାଇସେନ୍ସ ହାସଲ କରିଛନ୍ତି କୋଚ ଶୁଭେନ୍ଦୁ ପଣ୍ଡା। ଏହି ବର୍ଷରେ ରାଜ୍ୟର ପ୍ରତିଭା ସମ୍ପନ୍ନ ସାଇକିଲିଷ୍ଟ ସ୍ୱସ୍ତି ସିଂହ ବିଭିନ୍ନ ପ୍ରତିଯୋଗିତାରେ ଦଶଟି ସ୍ୱର୍ଣ୍ଣ ଓ ଚବିଶରୁ ଉର୍ଦ୍ଧ୍ୱ ପଦକ ହାସଲ କରିଛନ୍ତି। ଜାତୀୟ ସିନିୟର ସ୍ତରରେ ଆଥଲେଟ ଅନିମେଶ କୁଜୁର, ସ୍ୱାଧୀନ ମାଝୀ, ଶ୍ରାବଣୀ ନନ୍ଦ ଆଥଲେଟ ସମ୍ମାନ ରଖିଛନ୍ତି।

ନୂଆ କ୍ରୀଡ଼ାମନ୍ତ୍ରୀ ଭାବେ ସୂର୍ଯ୍ୟବଂଶୀ ସୁରଜ ଦାୟିତ୍ୱ ନେଇଥିବାବେଳେ ନୂଆ କ୍ରୀଡ଼ା ସଚିବ ଭାବେ ଭାସ୍କର ଜ୍ୟୋତି ଶର୍ମା ଦାୟିତ୍ୱ ନେଇଛନ୍ତି। ଯୁବ ପର୍ବାତାରୋହୀ ଆଦିତ୍ୟ ପ୍ରସାଦ ଖାଡଙ୍ଗା ଉଚ୍ଚତମ ଶୃଙ୍ଗ କୋଜିଓସ୍କୋକୁ ସଫଳତାର ସହ ଆରୋହଣ କରିଛନ୍ତି। ତେବେ ବେଶ କିଛି ବର୍ଷ ଧରି ଓଡ଼ିଶା ହକି ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଥିଲେ ବି ଜାତୀୟ ସ୍ତରରେ ଓଡ଼ିଶାର ସଫଳତା ଗୌଣ ରହିଥିଲା। ୨୦୨୨ରେ ମହିଳା ଦଳ ଜାତୀୟ ବରିଷ୍ଠ ବର୍ଗରେ ପ୍ରଥମ ଥର ବିଜେତା ହେବାର ଦୁଇ ବର୍ଷ ପରେ ୨୦୨୪ରେ ଓଡ଼ିଶଶ ପୁରୁଷ ଦଳ ଜାତୀୟ ବରଷ୍ଟେ ଟ୍ରଫି ଜିତିବାର ଅପୂର୍ବ ସୁଯୋଗ ହାତେଇଛି। ପୂର୍ବାଞ୍ଚଳ ଉପକନିଷ୍ଠ ପ୍ରତିଯୋଗିତାରେ ଓଡ଼ିଶା ବାଳିକା ସ୍ୱର୍ଣ୍ଣ ଓ ବାଳକ ରୌପ୍ୟ ପଦକ ଜିତି ଭବିଷ୍ୟତର ଆଶା ବି ଦେଖାଇଛନ୍ତି। ଓଡ଼ିଶାର ଦୌଡ଼କୁଦ ଦୁନିଆ କ୍ରମେ ଦୃଢ଼ ହେଉଛି। ଜାଭଲିନ ତାରକା କିଶୋର ଜେନାଙ୍କ ଅଲିମ୍ପିକ୍ସ ପଦାର୍ପଣ ବର୍ଷରେ ଏକାଧିକ ରାଜ୍ୟ ଆଥଲେଟ ରାଜ୍ୟକୁ ସୁନାମ ଆଣିଛନ୍ତି। ବାପି ହାଁସଦା, ଏମ ଜୟରାମ ଦଣ୍ଡପତି, ରିୟାନ ବାସା, ଅନିମେଷ କୁଜୁର, ପ୍ରଜ୍ଞା ପ୍ରଶାନ୍ତି ସାହୁ, ସ୍ୱାଧୀନ ମାଝୀ, ଯଶବୀର ନାୟକ, ଲାଲୁ ପ୍ରସାଦ ଭୋଇ, ଲକ୍ଷ୍ମୀପ୍ରିୟା କିଶାନ, ପ୍ରତୀକ ମହାରଣା, ସବିତା ଟୋପ୍ପୋ ପ୍ରମୁଖ ବର୍ଷ ସାରା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ସୁଇମିଂ ପୁଲରେ ବିଦାୟୀ ବର୍ଷ ଦେଇଛି ଅପୂର୍ବ ସଫଳତା। ଜାତୀୟ ବରିଷ୍ଠ ବର୍ଗରେ ଓଡ଼ିଶା ଝିଅମାନେ ନୂଆ ଫର୍ଦ ଯୋଡ଼ିଛନ୍ତି ସ୍ୱର୍ଣ୍ଣିମ ସଫଳତା ସହିତ। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ବ୍ୟକ୍ତିଗତ ଓ ଦଳଗତ ଭାବେ ଓଡ଼ିଶାକୁ ବିଜେତା କରାଇବା ସବୁଠାରୁ ଉଲ୍ଲେଖନୀୟ ରହିଛି। ଅନେକ ଖ୍ୟାତି ଅର୍ଜନ କରିଥିବା ଖେଳରତ୍ନ ବିଜେତା ପାରା ବ୍ୟାଡ଼ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ କ୍ରମାଗତ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିବାର ସ୍ୱପ୍ନ ଧୂଳିସାତ କରିଦେଇଥିଲା ଚବିଶ। ସାମାନ୍ୟ ଅବହେଳା ପାଇଁ ବଡ଼ ସୁଯୋଗ ହାତଛଡ଼ା ହୋଇଯାଇଥିଲା। ସନତ ମିଶ୍ରଙ୍କ ଯୁଗାବସାନ ପରେ ଓଡ଼ିଶା ବ୍ୟାଡ଼ମିଣ୍ଟନ ଚର୍ଚ୍ଚାକୁ ଆସିପାରିଛି ଯୁବ ଖେଳାଳିଙ୍କ ପାଇଁ। ଅଭିଜ୍ଞ ପଣ୍ଡା ଭଉଣୀ ଋତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ମର୍ଯ୍ୟାଦାଜନକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଅଲ ଇଂଲଣ୍ଡରେ ଖେଳିବାର ଐତିହାସିକ କ୍ଷଣ ଆଣି ଦେଇଥିଲା ଓଡ଼ିଶା ପାଇଁ।

ଚବିଶରେ ବି ଚମତ୍କାର ଫଳ ମିଳିଛି ଭାରୋତ୍ତୋଳନରୁ। ଲିମାରେ ଅନୁଷ୍ଠିତ ବିଶ୍ୱ ଯୁବ ଭାରୋତ୍ତୋଳନରେ ପ୍ରୀତିସ୍ମିତା ଭୋଇ ଓ ଜ୍ୟୋସ୍ନା ଶବର ୪୦ କିଲୋଗ୍ରାମ ଓଜନ ବର୍ଗରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବା ଅବସରରେ ନୂଆ ଯୁବ ବିଶ୍ୱ ରେକର୍ଡ଼ ସୃଷ୍ଟି କରିଥିଲେ। ସେହିଭଳି ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ମୀନା ସାନ୍ତା (ଏ) ଜାତୀୟ ରେକର୍ଡ଼ ଓ ସ୍ୱର୍ଣ୍ଣ ସହ ମୋଟ ୩ ପଦକ ଜିତିଥିଲେ। ସାଇକ୍ଲିଂରେ କିନ୍ତୁ ଓଡ଼ିଶାର ସଫଳତା ସ୍ୱସ୍ତି ସିଂହଙ୍କ ସଫଳତାରେ ସୀମିତ ରହିଯାଇଛି। ଏକାକୀ ହେଲେ ବି ସ୍ୱସ୍ତୀ ୨୦୨୪କୁ ସ୍ମରଣୀୟ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଦିନକୁ ଦିନ ଅଗ୍ରଗତି କରୁଥିବାବେଳେ ଅନେକ କ୍ରୀଡ଼ା ପ୍ରତିଭା ଓଡ଼ିଶାର ଗର୍ବ ଓ ଗୌରବକୁ ବଢ଼ାଉଛନ୍ତି।

**ସେଣ୍ଟ ଥୋମାସ ଇଂଲିଶ ସ୍କୁଲ, ଝାରସୁଗୁଡ଼ା**

## ପ୍ରିୟଙ୍କାଙ୍କ ନିର୍ବାଚନକୁ ହାଇକୋର୍ଟରେ ଚାଲେଞ୍ଜ

# ସମ୍ପତ୍ତି ତାଲିକା ଲୁଚାଇଥିବା ଅଭିଯୋଗ

**ତିରୁଅନନ୍ତପୁରମ, ୨୨।୧୨:** କେରଳର ୱାୟନାଡ ଲୋକସଭା ଆସନରୁ ଉପନିର୍ବାଚନରେ କଂଗ୍ରେସର ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ନିର୍ବାଚନକୁ ତାଙ୍କ ପ୍ରତିଦ୍ୱନ୍ଦ୍ୱି ବିଜେପି ପ୍ରାର୍ଥୀ ନଭ୍ୟା ହରିଦାସ କେରଳ ହାଇକୋର୍ଟରେ ଚାଲେଞ୍ଜ କରିଛନ୍ତି। ନଭେମ୍ବର ୧୩ରେ ହୋଇଥିବା ଏହି ଉପନିର୍ବାଚନରେ ପ୍ରିୟଙ୍କା ୫ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେଠାରେ ବାମପନ୍ଥୀ ସାମ୍ମୁଖ୍ୟ ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ବିଜେପି ପ୍ରାର୍ଥୀ ନଭ୍ୟା ତୃତୀୟ ସ୍ଥାନରେ ରହିଥିଲେ। ନଭ୍ୟା ତାଙ୍କ ପିଟିସନରେ କହିଛନ୍ତି ଯେ, ପ୍ରିୟଙ୍କା ତାଙ୍କ ପ୍ରାର୍ଥୀପତ୍ରରେ ତାଙ୍କର ଏବଂ ତାଙ୍କ ପରିବାରର ସମ୍ପତ୍ତି ସମ୍ପର୍କରେ ଠିକ ଭାବେ ତଥ୍ୟ ଉପସ୍ଥାପନ କରିନାହାଁନ୍ତି। ନଭ୍ୟାଙ୍କ ପକ୍ଷରୁ ଆଡଭୋକେଟ ହରିକୁମାର ଜି ନାୟାର ହାଇକୋର୍ଟରେ ଏହି ପିଟିସନ ଦାଖଲ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଗତ ସାଧାରଣ ନିର୍ବାଚନରେ ରାହୁଲ ଗାନ୍ଧି ଉଭୟ ରାୟବରେଲୀ ଏବଂ ୱାୟନାଡରୁ ଜିତିବା ପରେ ୱାୟନାଡରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ପ୍ରିୟଙ୍କା ଗାନ୍ଧି ଭଦ୍ର ଉପନିର୍ବାଚନ ଜିତିଛନ୍ତି।

ହାଇକୋର୍ଟରେ ଦାଖଲ କରିଥିବା ପିଟିସନରେ ବିଜେପି ନେତ୍ରୀ ନବ୍ୟା ହରିଦାସ ଅଭିଯୋଗ କରିଛନ୍ତି ଯେ ଉପନିର୍ବାଚନ ସମୟରେ ପ୍ରିୟଙ୍କା ନାମାଙ୍କନ ପତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇନାହାନ୍ତି। ଏପରିକି ସେ ନିଜର ଓ ନିଜ ସମ୍ପତ୍ତିର ପ୍ରକୃତ ତଥ୍ୟ ଲୁଚାଇ ଭୁଲ ତଥ୍ୟ ଦେଇଛନ୍ତି। ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଏନେଇ ସେ ଗଣମାଧ୍ୟମକୁ କହିଛନ୍ତି ଯେ ଆମେ ପ୍ରଥମେ ନିର୍ବାଚନ ଆୟୋଗଙ୍କ ନିକଟରେ ଏହି ଅଭିଯୋଗ କରିଥିଲୁ। ହେଲେ ଆମ ଆଶାନୁଯାୟୀ ସେଭଳି କୌଣସି ପଦକ୍ଷେପ ନିଆଗଲା ନାହିଁ। ଶେଷରେ ଆମେ ହାଇକୋର୍ଟରେ ପିଟିସନ ଦାଖଲ କରିଛୁ। ଏହି ମାମଲାକୁ ନେଇ ବିଜେପି ନେତ୍ରୀଙ୍କ ଓକିଲ କହିଛନ୍ତି ଯେ ନିଜ ସମ୍ପତ୍ତିର ଭୁଲ ତଥ୍ୟ ଦେବା ଏବଂ ତଥ୍ୟ ଲୁଚାଇ ଭୋଟରଙ୍କୁ ଅନ୍ଧାରରେ ରଖିଥିବାରୁ ପ୍ରିୟଙ୍କା ଗାନ୍ଧିଙ୍କ ସଦସ୍ୟତା ରଦ୍ଦ କରିବାକୁ ପିଟିସନରେ ଦାବି କରାଯାଇଛି। ତେବେ ଡିସେମ୍ବର ୨୩ରୁ ଜାନୁଆରୀ ୫ ତାରିଖ ଯାଏଁ କୋର୍ଟ ଛୁଟି ଥିବାରୁ ଏହି ମାମଲାର ଶୁଣାଣି ଆଗାମୀ ଜାନୁଆରୀରେ ହେବ ବୋଲି ଜଣାପଡ଼ିଛି।

ଅନ୍ୟପଟେ କଂଗ୍ରେସର ରାଜ୍ୟସଭା ସାଂସଦ ପ୍ରମୋଦ ତିୱାରୀ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ନବ୍ୟା ହରିଦାସଙ୍କୁ କଡ଼ା ସମାଲୋଚନା କରିଛନ୍ତି।



ସେ କହିଛନ୍ତି ଯେ ବିଜେପି ନେତ୍ରୀ କେବଳ ନିଜର ଶସ୍ତା ପ୍ରଚାର ପାଇଁ ଏଭଳି କରିଛନ୍ତି। କୋର୍ଟରେ ଏହି ପିଟିସନ ଖାରଜ ହେବା ସହ ତାଙ୍କ ଉପରେ ଜୋରିମାନା ଲାଗିବ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି ପ୍ରମୋଦ ତିୱାରୀ। ସେପଟେ ଅନ୍ୟତମ କଂଗ୍ରେସ ସାଂସଦ ମଣିକାମ ଟାଗୋର କହିଛନ୍ତି ଯେ ବିଜେପି ନେତାଙ୍କର ମଧ୍ୟ କୋର୍ଟରେ ପିଟିସନ ଦାଖଲ କରିବାର ଅଧିକାର ରହିଛି। ସେମାନେ ଦିଲ୍ଲୀରେ ରାହୁଲ ଗାନ୍ଧିଙ୍କ ବିରୋଧରେ ଅଭିଯୋଗ କରିବେ, ୱାୟନାଡରେ ପ୍ରିୟଙ୍କା ଗାନ୍ଧିଙ୍କ ବିରୋଧରେ କୋର୍ଟକୁ ଯିବେ। ହେଲେ ଆମ ସମସ୍ତେ ଜାଣିଛୁ, ସତ ଆମ ସହିତ ଅଛି।

ଉଲ୍ଲେଖଯୋଗ୍ୟ, କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ୨୦୨୪ ସାଧାରଣ ନିର୍ବାଚନରେ ଉତ୍ତର ପ୍ରଦେଶର ରାଏବରେଲୀ ଓ କେରଳରୁ ୱାୟନାଡ ଆସନରୁ ଲଢ଼ି ଦୁଇଟି ଯାକ ଆସନରେ ବିପୁଳ ବିଜୟ ହାସଲ କରିଥିଲେ। ପରିବାରର ପାରମ୍ପରିକ ଆସନ ରାଏବରେଲୀକୁ ହାତରେ ରଖିବାକୁ ନିଷ୍ପତ୍ତି ନେବା ପରେ ୱାୟନାଡରେ ହୋଇଥିଲା ଉପନିର୍ବାଚନ। ନଭେମ୍ବର ୧୩ରେ ହୋଇଥିବା ଉପନିର୍ବାଚନରେ ପ୍ରିୟଙ୍କା ଗାନ୍ଧି ଏଠାରୁ ନିଜର ପ୍ରଥମ ନିର୍ବାଚନ ଲଢ଼ି ରେକର୍ଡ ୫ ଲକ୍ଷରୁ ଅଧିକ ଭୋଟରେ ବିଜୟ ହାସଲ କରିଥିଲେ।



# କୁଏତ୍‌ରେ ଓଡ଼ିଆ ଶ୍ରମିକଙ୍କୁ ଭେଟିଲେ ମୋଦି

**ନୂଆଦିଲ୍ଲୀ, ୨୨।୧୨:** କୁଏତରେ ଓଡ଼ିଆ ଶ୍ରମିକଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଙ୍କ ସହ ହାତ ମିଳାଇଲେ ଆଉ କଥା ମଧ୍ୟ ହେଲେ। ଦୁଇ ଦିନିଆ କୁଏତ ଗସ୍ତରେ ଥିବା ମୋଦି ଗତକାଲି ଗଲଫ୍ ସ୍ପିକ୍ ଲେବର କ୍ୟାମ୍ପକୁ ଯାଇ ସେଠାରେ ଥିବା ଭାରତୀୟ ଶ୍ରମିକଙ୍କ ସହ କଥା ହୋଇଥିଲେ। ଏହି ଅବସରରେ କୁଏତରେ କାମ କରୁଥିବା ଗଞ୍ଜାମ ଖଲ୍ଲିକୋଟର ଜଣେ ଶ୍ରମିକଙ୍କ ସହ କଥା ହୋଇଥିଲେ ମୋଦି। ପ୍ରଥମଥର ପାଇଁ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ହେବାକୁ ଯାଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଓଡ଼ିଆ ଯୁବକ। ଏହାଦ୍ୱାରା ଓଡ଼ିଶା ବିଶ୍ୱ ଆଗରେ ଐତିହ୍ୟ ଓ ସଂସ୍କୃତି ଦେଖାଇବାର ସୁଯୋଗ ପାଇବ ବୋଲି ସେ କହିଥିଲେ। ଜବାବରେ ମୋଦି ଜୟ ଜଗନ୍ନାଥ କହି ଧନ୍ୟବାଦ ଜଣାଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଭାରତର ବିଭିନ୍ନ ରାଜ୍ୟରୁ ଆସି କୁଏତରେ କାମ କରୁଥିବା ଶ୍ରମିକଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ବସି ଖାଦ୍ୟ ମଧ୍ୟ ଖାଇଥିଲେ। ଭାରତର ବିକାଶ ଦିଗରେ ସେମାନଙ୍କ ମଧ୍ୟ ଅବଦାନ ରହିଛି ବୋଲି କହିଥିଲେ ପ୍ରଧାନମନ୍ତ୍ରୀ।

**କହିଲେ, ଜୟ ଜଗନ୍ନାଥ**

ଦୁଇ ଦିନିଆ କୁଏତ ଗସ୍ତରେ ଥବା ମୋଦି ଗତକାଲି ପ୍ରବାସୀ ଭାରତୀୟଙ୍କୁ ଭେଟିଥିଲେ। ଏହି ଅବସରରେ ହେଲୋ ମୋଦି କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ଆଜି ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଏତ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ଦିନ। ଆଜି ତାଙ୍କୁ କୁଏତ୍‌ର ବାୟନ୍ ପ୍ୟାଲେସରେ ଗାର୍ଡ ଅଫ୍ ଅନର୍‌ରେ ସମ୍ମାନିତ କରାଯିବ। ଏହାପରେ ସେ ଅମିର ସେଖ୍ ଓ କ୍ରାଉନ୍ ପ୍ରିନ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, ସୁରକ୍ଷା, ଶକ୍ତି, ହାଇଡ୍ରୋକାର୍ବନ୍ ଏବଂ ବ୍ୟବସାୟିକ ସମ୍ପର୍କ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରେ।



# ମୋଦିଙ୍କୁ ମିଳିଲା କୁଏତର ସର୍ବୋଚ୍ଚ ସମ୍ମାନ

**ନୂଆଦିଲ୍ଲୀ, ୨୨।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଲା କୁଏତର ସର୍ବୋଚ୍ଚ ବେସାମରିକ ସମ୍ମାନ। ଦୁଇ ଦିନିଆ କୁଏତ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆଜି ଏହାର ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ମୁବାରକ୍ ଅଲ୍-କବୀର' ପ୍ରଦାନ କରାଯାଇଛି। ଏହା ହେଉଛି କୌଣସି ଦେଶ ଦ୍ୱାରା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଦାନ କରାଯାଇଥିବା ୨୦ଶ ଅନ୍ତର୍ଜାତୀୟ ସମ୍ମାନ। 'ଅର୍ଡର ଅଫ୍ ମୁବାରକ୍ ଅଲ୍-କବୀର' ସମ୍ମାନ ବନ୍ଧୁତାର ପ୍ରତୀକ ଭାବେ କୌଣସି ରାଷ୍ଟ୍ରର ମୁଖ୍ୟ କିମ୍ବା ବିଦେଶ ରାଜ ପରିବାରର ସଦସ୍ୟଙ୍କୁ ପ୍ରଦାନ କରାଯାଇଥାଏ। ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବରୁ ବିଲ କ୍ଲିଣ୍ଟନ, ପ୍ରିନ୍ସ ଚାର୍ଲ୍ସ ଓ ଜର୍ଜ ବୁଶଙ୍କ ଭଳି ବ୍ୟକ୍ତି ବିଶେଷ କୁଏତର ଏହି ସର୍ବୋଚ୍ଚ ସମ୍ମାନ ପାଇ ସାରିଛନ୍ତି। ଆଜି କୁଏତ ଗସ୍ତର ଦ୍ୱିତୀୟ ଦିନରେ ମୋଦି ଏହି ସମ୍ମାନ ଗ୍ରହଣ କରିବା ପରେ ତାଙ୍କୁ ବୟାନ ପ୍ୟାଲେସଠାରେ ଔପଚାରିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

# ମହାକାଶକୁ ଯିବ 'ନିସାର ସାଟେଲାଇଟ୍



**ଶ୍ରୀହରିକୋଟା, ୨୨।୧୨:** ୨୦୨୫ ମାର୍ଚ୍ଚରେ ଲଞ୍ଚ୍ ହେବ ଇସ୍ରୋ ଓ ନାସାର ମିଳିତ ମିଶନ୍। ମହାକାଶକୁ ଯିବ ନାସା-ଇସ୍ରୋ ସିନ୍ଥେଟିକ୍ ଆପରଚର୍ ରାଡାର୍ ବା ନିସାର୍ ସାଟେଲାଇଟ୍। ଏଥିପାଇଁ ଖର୍ଚ୍ଚ ହେବ ୫ ହଜାର କୋଟି ଟଙ୍କା। ଭୂପୃଷ୍ଠରେ ପରିବର୍ତ୍ତନ ଉପରେ ନଜର ରଖିବ ଏହି ଆର୍ଥ ଅବଜର୍ଭିଂ ସାଟେଲାଇଟ୍। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେଶ୍ ସେଣ୍ଟରରୁ ଜିଏସଏଲଭି ମାର୍କ-୨ ସାଟେଲାଇଟରେ ଏହାକୁ ଲଞ୍ଚ କରିବ ଇସ୍ରୋ। ନିସାର୍ ସାଟେଲାଇଟର ଓଜନ ପ୍ରାୟ ୨.୮ ଟନ୍ ଥିବା ବେଳେ, ଏହା ଭୂପୃଷ୍ଠରୁ ୭୪୭ କିଲୋମିଟର ଉପରେ ଅବସ୍ଥାପିତ ହେବ। ଏଥିପାଇଁ ଗତ ଅକ୍ଟୋବରରେ ଆମେରିକାରୁ ଭାରତକୁ ଗୁରୁତ୍ୱପୂର୍ଣ୍ଣ ତଥା ସୂକ୍ଷ୍ମ ଯନ୍ତ୍ରାଂଶ ଆସିଥିବା ସୂଚନା ମିଳିଛି। ଏହି ସାଟେଲାଇଟ୍ ଭୂଭାଗ ଓ ବରଫର ପରିବର୍ତ୍ତନକୁ ପ୍ରତି ୧୨ ଦିନରେ ଦୁଇଥର ଲେଖାଏଁ ସ୍କାନ୍ କରିବ ଓ ହାଇରିଜଲ୍ୟୁସନ୍ ଫଟୋ ଉଠାଇବ। ଯାହା ଫଳରେ ଭୂପୃଷ୍ଠ ସଂରଚନାର ପରିବର୍ତ୍ତନ, ବରଫ ତରଳିବା ବା ନୂଆ ତିଆରି ହେବା, ଜୈବ ବିବିଧତା ଆଦି ଉପରେ ନିଖୁଣତାର ସହ ନଜର ରଖି ହେବ। ଅନ୍ଧାର ଓ ଖରାପ ପାଗରେ ବି ଏହା ଭୂପୃଷ୍ଠର ଗୋଟିଏ ଇଞ୍ଚ ଜାଗାରେ କିଛି ପରିବର୍ତ୍ତନ ହେଲେ, ତାକୁ ଚିହ୍ନଟ କରିପାରିବ। ଘଞ୍ଚ ଜଙ୍ଗଲର ଗଛଲତା ଭେଦ କରି ଏହା ମାଟିର ରୂପରେଖ ମ୍ୟାପିଂ କରିପାରିବ। ୩ ବର୍ଷ ପାଇଁ ଏହି ମିଶନ୍ ଯୋଜନା କରିଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଏବଂ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା।

# ହେଲିକପ୍ଟର ଦୁର୍ଘଟଣାରେ ୪ ମୃତ

ଇସ୍ତାନବୁଲ, ୨୨।୧୨: ଘନ କୁହୁଡ଼ି ଯୋଗୁ ତୁର୍କୀରେ ତୁର୍କୀର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪ଜଣ ପ୍ରାଣ ହରାଇଛନ୍ତି। ହେଲିକପ୍ଟରଟି ଏକ ହସ୍ପିଟାଲ ଛାତ ଉପରୁ ଉଡ଼ାଣ ଆରମ୍ଭ କରିବା ପରେ ନିକଟବର୍ତ୍ତୀ ଏକ ଖୋଲାପଡ଼ିଆରେ ଖସି ପଡ଼ିଥିଲା। ଏଥିରେ ହେଲିକପ୍ଟରର ଦୁଇଜଣ ପାଇଲଟ ଏବଂ ଜଣେ ଡାକ୍ତର ପ୍ରାଣ ହରାଇଛନ୍ତି। ତୁର୍କୀର ଦକ୍ଷିଣ ପଶ୍ଚିମ ଦିଗରେ ଏହି ଦୁର୍ଘଟଣା ଘଟିଛି। ସପ୍ତାହକ ତଳେ ତୁର୍କୀର ଦକ୍ଷିଣ ପଶ୍ଚିମ ସୀମାରେ ଆଉ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬ଜଣ ଯବାନ ନିହତ ହୋଇଥିଲେ। ତୁର୍କୀ ବାୟୁସେନାର ଏକ ଟ୍ରେନିଂ କାର୍ଯ୍ୟକ୍ରମ ବେଳେ ଏହି ଦୁର୍ଘଟଣା ହୋଇଥିଲା।

# ଶ୍ରୀନଗର ତାପମାତ୍ରା ମାଇନସ ୮.୫ ଡିଗ୍ରୀ

ଶ୍ରୀନଗର, ୨୨।୧୨: ସମଗ୍ର ଉତ୍ତର ଓ ପଶ୍ଚିମ ଭାରତ ଏବେ ଭୟଙ୍କର ଶୀତରେ ଥରୁଛି। ତାପମାତ୍ରା ହ୍ରାସ ଯୋଗୁ କାଶ୍ମୀର ଉପତ୍ୟକା ଏବଂ ହିମାଚଳ ପ୍ରଦେଶରେ ବରଫ ପାତ ହେଉଛି। ଏହାର ମଜା ନେବା ପାଇଁ ସିମଲାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। କିନ୍ତୁ ଏହା ସହିତ ସାଧାରଣ ଜନଜୀବନ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ସମଗ୍ର କାଶ୍ମୀର ଉପତ୍ୟକା ଏବେ ବରଫ ଚାଦରରେ ଘୋଡ଼େଇ ହୋଇଛି। ଶନିବାର ରାତିରେ ରାଜଧାନୀ ଶ୍ରୀନଗରରେ ସର୍ବନିମ୍ନ ତାପମାତ୍ରା ମାଇନସ ୮.୫ ଡିଗ୍ରୀ ରେକର୍ଡ କରାଯାଇଛି ଯାହା ବିଗତ ୫୦ ବର୍ଷର ରେକର୍ଡ ଭାଙ୍ଗିଛି। ୧୯୭୪ ପରେ ଡିସେମ୍ବରରେ ଶ୍ରୀନଗରରେ ଏହା ସର୍ବନିମ୍ନ ତାପମାତ୍ରା। ୧୯୭୪ ଡିସେମ୍ବରରେ ଶ୍ରୀନଗରରେ ସର୍ବନିମ୍ନ ତାପମାତ୍ରା ମାଇନସ ୧୦.୩ ଡିଗ୍ରୀ ରେକର୍ଡ କରାଯାଇଥିଲା। ଶୁକ୍ରବାର ରାତିରେ ସର୍ବନିମ୍ନ ତାପମାତ୍ରା ଥିଲା ମାଇନସ ୬.୨ ଡିଗ୍ରୀ। ଶନିବାର ରାତିର ତାପମାତ୍ର ୧୮୯୧୦ରୁ ଆଜି ପର୍ଯ୍ୟନ୍ତ ତୃତୀୟ ସର୍ବନିମ୍ନ। ଶନିବାର ଶ୍ରୀନଗରରେ ବିଜୁଳି ବିଭ୍ରାଟ ଯୋଗୁ ଲୋକେ ଅଧିକ ଦୁର୍ଦ୍ଦଶାର ଶିକାର ହୋଇଥିଲେ। ଅନେକ ଶୀତରୁ ରକ୍ଷା ପାଇବା ଲାଗି ଘର ପାରମ୍ପରିକ ଉପାୟରେ କୋଇଲା ଏବଂ କାଠ ଜାଳି ନିଆଁ ପୋଉଁଥିବା ଦେଖାଯାଇଥିଲା। କାଶ୍ମୀର ବ୍ୟତିତ ହିମାଚଳ ପ୍ରଦେଶ, ପଞ୍ଜାବ ଏବଂ ରାଜସ୍ଥାନର ସମତଳ ଅଞ୍ଚଳରେ ମଧ୍ୟ ଭୟଙ୍କର ଶୀତ ଲହରୀ ଅନୁଭୂତ ହେଉଛି। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ସମ୍ଭାବନା ନାହିଁ ବୋଲି ଆଇଏମଡି ସୂତ୍ରରୁ ପ୍ରକାଶ।

**୫୦ ବର୍ଷର ରେକର୍ଡ ଭାଙ୍ଗିଲା ଶୀତ**

# ମୋହାଲି ବିଲ୍ଡିଂ ଭୁଶୁଡ଼ିବା ଘଟଣାରେ ୨ ମୃତ

**ଚଣ୍ଡିଗଡ଼, ୨୨।୧୨:** ପଞ୍ଜାବ ମୋହାଲିର ସୋହାନା ଗାଁରେ ଶନିବାର ୩ ମହଲା ବିଲ୍ଡିଂ ଭୁଶୁଡ଼ି ପଡିଥିଲା। ଆଜି ଭଗ୍ନାବଶେଷ ତଳୁ ୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ହିମାଚଳ ପ୍ରଦେଶର ଜଣେ ୨୦ ବର୍ଷୀୟ ଯୁବତୀ ଅଛନ୍ତି। ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ଡେପୁଟି କମିଶନର ବିରଜ ଏସ୍ ତିଡକେ କହିଛନ୍ତି ଯେ ଥିଓଗ ବାସିନ୍ଦା ଦୃଷ୍ଟି ବର୍ମାଙ୍କୁ ଗୁରୁତର ଅବସ୍ଥାରେ ଆବର୍ଜନା ଭିତରୁ ବାହାର କରି ସୋହାନା ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଆହତ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବିଲ୍ଡିଂ ତଳେ ପ୍ରାୟ ୧୫ ଜଣ ଦବି ରହିଥିବା ଆଶଙ୍କା ରହିଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀ ଦଳ ଲାଗି ପଡିଛନ୍ତି। ସେପଟେ ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ସେପଟେ ଏହି ଘଟଣାରେ ଘର ମାଲିକଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ମୋହାଲି ବରିଷ୍ଠ ପୁଲିସ ଅଧୀକ୍ଷକ (ଏସଏସପି) ଦୀପକ ପାରିକ କହିଛନ୍ତି ଯେ ବିଲଡିଂ ମାଲିକ ପାରବିନ୍ଦର ସିଂହ ଏବଂ ଗଗନଦୀପ ସିଂହଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଆବର୍ଜନା ହଟାଇବା ପାଇଁ ଅନେକ ଅତ୍ୟାଧୁନିକ ଯନ୍ତ୍ର ନିୟୋଜିତ କରାଯାଇଛି। ଜଣେ ଅଧିକାରୀଙ୍କ କହିବା ଅନୁସାରେ ଭାଙ୍ଗି ଯାଇଥିବା କୋଠାର ସମସ୍ତ ତିନି ମହଲାରେ ଏକ ରୟାଲ୍ ଜିମ ଚାଲିଥିଲା। ଘଟଣା ସମୟରେ ଲୋକମାନେ ଜିମରେ ଅନେକ ଲୋକ ବ୍ୟାୟାମ କରୁଥିବା ସନ୍ଦେହ କରାଯାଉଛି, ତେଣୁ ମୃତ୍ୟୁ ସଂଖ୍ୟା ଆଗକୁ ବଢ଼ିପାରେ ବୋଲି କୁହାଯାଉଛି। ତେବେ କେଉଁ କାରଣରୁ କୋଠା ଭୁଶୁଡ଼ିଲା ତାହା ବର୍ତ୍ତମାନ ସୁଦ୍ଧା ଜଣା ପଡିନାହିଁ। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ନିର୍ବାଚନ ନିୟମରେ ସଂଶୋଧନ

# ଯୋଜନାବଦ୍ଧ ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ, ୨୨।୧୨:** ନିର୍ବାଚନ କମିଶନଙ୍କ ସୁପାରିସ ମୁତାବକ କେନ୍ଦ୍ର ସରକାର ନିର୍ବାଚନ ନିୟମରେ ସଂଶୋଧନ କରିଛନ୍ତି। ସଂଶୋଧିତ ନିୟକ ଅନୁଯାୟୀ ଏଣିକି ନିର୍ବାଚନ ବେଳେ ଭୋଟଗ୍ରହଣ କେନ୍ଦ୍ରରେ ଲାଗିଥିବା ସିସିଟିଭି କ୍ୟାମେରା, ଭିଡିଓ ଗ୍ରାଫି ଇତ୍ୟାଦିକୁ ସାଧାରଣ ବ୍ୟକ୍ତି ଯାଞ୍ଚ କରିପାରିବେ ନାହିଁ ବା ଏହା କାହାରିକୁ ଦିଆଯାଇପାରିବ ନାହିଁ। ଏହା ପ୍ରାର୍ଥୀ ଏବଂ ଭୋଟରଙ୍କ ଗୋପନୀୟତାକୁ ପ୍ରଭାବିତ କରିବାର ଆଶଙ୍କା ରହିଥିବା ଦର୍ଶାଇ ନିର୍ବାଚନ ଏହି କଟକଣା ଲାଗି ସୁପାରିସ କରିଥିଲେ। ଏହାକୁ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି। ନିର୍ବାଚନ ନିୟମରେ ଏହି ସଂଶୋଧନକୁ କଂଗ୍ରେସ ତୀବ୍ର ସମାଲୋଚନା କରିବା ସହ ଏହା ବିରୋଧରେ କୋର୍ଟକୁ ଯିବ ବୋଲି କହିଛି। ନିର୍ବାଚନ ପ୍ରକ୍ରିୟାକୁ ଜାଲିଆତି ମୁକ୍ତ କରିବା ପ୍ରୟାୟରେ ଏହା ପ୍ରତିବନ୍ଧକ ସୃଷ୍ଟି କରିବ ଏବଂ ନିର୍ବାଚନ ପ୍ରକ୍ରିୟାରେ ଏହା ସ୍ୱଚ୍ଛତା ସହ ସାଲିସ ହେବ ବୋଲି କଂଗ୍ରେସ କହିଛି।

କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାଜର୍ଜୁନ ଖଡ଼ଗେ କହିଛନ୍ତି ଯେ, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ସିସିଟିଭି କ୍ୟାମେରା ଲଗାଯାଉଛି ଏବଂ ଭୋଟିଂ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଉଛି। ଏହାକୁ ଯାଞ୍ଚ କରାଗଲେ ଭୋଟଗ୍ରହଣ କେନ୍ଦ୍ରରେ ଜାଲିଆତି ବା ଅନିୟମିତତା ଧରାପଡ଼ିବ। ଏହାକୁ ବନ୍ଦ କରିବା ଲାଗି ଯୋଜନାବଦ୍ଧ ଷଡ଼ଯନ୍ତ୍ର କରାଯାଉଛଇ ବୋଲି ଖଡ଼ଗେ କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ହରିୟାନା ବିଧାନସଭା ନିର୍ବାଚନରେ ଇଭିଏମ ଟାମ୍ପରିଂ ଅଭିଯୋଗ କରି ଜଣେ ଆଇନଜୀବୀ ପଞ୍ଜାବ ଏବଂ ହରିୟାନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ନିର୍ଦ୍ଦିଷ୍ଟ ଭୋଟଗ୍ରହଣ କେନ୍ଦ୍ରର ସିସିଟିଭି କ୍ୟାମେରା ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ନିୟମରେ ପରିବର୍ତ୍ତନ କରିବାକୁ ନିର୍ବାଚନ କମିଶନ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ। ଗତ ଶୁକ୍ରବାର ଦିନ ଆଇନ ମନ୍ତ୍ରଣାଳୟ ପକ୍ଷରୁ ନିର୍ବାଚନ ନିୟମ ୧୯୬୧ର ଧାରା ୯୩(୨)ରେ ସଂଶୋଧନ କରିଛନ୍ତି। ଏହାକୁ ସମାଲୋଚନା କରି କାର୍ଗେ କହିଛନ୍ତି ଯେ, ମୋଦି ସରକାର ଦେଶର ସମ୍ବିଧାନ ଏବଂ ସଂସଦୀୟ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛନ୍ତି। ଏହା ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ପ୍ରତି ବିପଦ ସୃଷ୍ଟି କରିବ ବୋଲି ସେ ଚେତାବନୀ ଦେଇଛନ୍ତି।



କଂଗ୍ରେସ ମୁଖିଆ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, " ନିର୍ବାଚନ ପରିଚାଳନା ନିୟମରେ ସଂଶୋଧନ କରି ମୋଦି ସରକାର ଭାରତୀୟ ନିର୍ବାଚନ କମିଶନ ଉପରେ ଆଉ ଗୋଟିଏ ପ୍ରହାର କରିଛନ୍ତି। ଏହା ବ୍ୟବସ୍ଥିତ ଷଡ଼ଯନ୍ତ୍ରର ଅଂଶ ବିଶେଷ। ସଂଗଠନଗତ ଅଖଣ୍ଡତାକୁ ଧ୍ୱଂସ କରିବା ପାଇଁ ଏହା ଏକ ପ୍ରୟାସ। ପୂର୍ବରୁ ସେମାନେ ନିର୍ବାଚନ କମିଶନରଙ୍କୁ ନିଯୁକ୍ତ କରୁଥିବା ଚୟନ ପ୍ରକ୍ରିୟା ପ୍ୟାନେଲରୁ ପ୍ରଧାନ ବିଚାରପତିଙ୍କୁ ହଟାଇ ଦେଇଥିଲେ। ଏବେ ସେମାନେ ନିର୍ବାଚନ ପ୍ରକ୍ରିୟାର ସୂଚନା ଉପରେ ରୋକ ଲଗାଇ ଦେଇଛନ୍ତି। ହାଇକୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ଏପରି କରିଛନ୍ତି। ତାଲିକାରୁ ଭୋଟରଙ୍କୁ ବାଦ ଦେବା ଓ ଇଭିଏମର ସ୍ୱଚ୍ଛତା ଭଳି ପ୍ରସଙ୍ଗରେ କଂଗ୍ରେସ ଯେତେଥର ନିର୍ଦ୍ଦିଷ୍ଟ ଭାବେ ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ନେଇ ଚିଠି ଲେଖିଛି ଇସିଆଇ ସେତେଥର ଗୋଟିଏ କୃପାଳୁଙ୍କ ଭଳି ଉତ୍ତର ଦେଇଛନ୍ତି। ସେହିପରି ଗୁରୁତର ଅଭିଯୋଗକୁ ମଧ୍ୟ ଅଣଦେଖା କରିଛନ୍ତି। ଏବେ ନିର୍ବାଚନ ପ୍ରକ୍ରିୟାରେ ସଂଶୋଧନରୁ ସ୍ପଷ୍ଟ ହୋଇଛି ଯେ ଇସିଆଇ ଗୋଟିଏ ସାମ୍ବିଧାନିକ ସଂସ୍ଥା ହୋଇଥିଲେ ହେଁ ସ୍ୱାଧୀନ ଭାବେ କାର୍ଯ୍ୟ କରୁନାହାନ୍ତି। ଇସିଆଇଙ୍କ ଅଖଣ୍ଡତାକୁ ସଙ୍କୁଚିତ କରିବା ପାଇଁ ମୋଦି ସରକାର ନେଇଥିବା ନିଷ୍ପତ୍ତି ସମ୍ବିଧାନ ଓ ଗଣତନ୍ତ୍ର ଉପରେ ଆକ୍ରମଣ। କିନ୍ତୁ ଆମେ ଏହାର ସୁରକ୍ଷା କରିବା ପାଇଁ ସବୁ ପ୍ରକାରର ପଦକ୍ଷେପ ନେବାକୁ ପ୍ରସ୍ତୁତ।"

ନିର୍ବାଚନ କମିସନଙ୍କ ସୁପାରିସ ଆଧାରରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଶୁକ୍ରବାର ନିର୍ବାଚନ ପରିଚାଳନା ନିୟମ ୧୯୬୧ର ନିୟମ ୯୩(୨)(ଏ)ରେ ବଡ଼ ସଂଶୋଧନ କରିଛନ୍ତି। ସର୍ବସାଧାରଣ ଯାଞ୍ଚ ପାଇଁ ସିସିଟିଭି ଫୁଟେଜ୍ ମଗାଯିବା ଉପରେ ସଂଶୋଧନ ଦ୍ୱାରା ପ୍ରତିବନ୍ଧକ ଲଗାଯାଇଛି। ଏଣିକି ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଇଲେକ୍ଟ୍ରୋନିକ୍ ରେକର୍ଡ ସର୍ବସାଧାରଣରେ ତନଖି ପାଇଁ ଉପଲବ୍ଧ ହେବ ନାହିଁ। ସିସିଟିଭି କ୍ୟାମେରା ଓ ୱେବକାଷ୍ଟିଂ ଫୁଟେଜ୍ ଭଳି କେତେକ ଇଲେକ୍ଟ୍ରୋନିକ୍ ଦସ୍ତାବିଜର ସର୍ବସାଧାରଣ ଯାଞ୍ଚ ସହ ପ୍ରାର୍ଥୀଙ୍କ ଭିଡିଓ ରେକର୍ଡିଂକୁ ରୋକିବା ପାଇଁ ସରକାର ନିର୍ବାଚନ ନିୟମରେ ସଂଶୋଧନ ଆଣିଛନ୍ତି।

## ଅଭିଯୋଗ ଆଣିଲେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

# ମୋ ଚରିତ୍ର ସଂହାର କରାଯାଉଛି: ଅଲ୍ଲୁ ଅର୍ଜ୍ଜୁନ

**ହାଇଦ୍ରାବାଦ, ୨୨।୧୨:** ହାଇଦ୍ରାବାଦ ସନ୍ଧ୍ୟା ଥିଏଟର୍ ଦଳାଚକଟା ମାମଲାକୁ ନେଇ ଥମୁନି ବିବାଦ। ସାମ୍ନାକୁ ଆସିଲା ତେଲଙ୍ଗାନା ବିଧାନସଭାରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ବଡ଼ ବିବୃତି। କହିଲେ- ସେଠାରେ ପୁଷ୍ପା ଷ୍ଟାର୍ ଅଲ୍ଲୁ ଅର୍ଜୁନଙ୍କ ରୋଡ୍ ଶୋ' ପାଇଁ ନଥିଲା



ଅନୁମତି। ରେବନ୍ତ କହିଛନ୍ତି- ସନ୍ଧ୍ୟା ଥିଏଟରରେ ପୁଷ୍ପା-୨ ରିଲିଜ ବେଳେ ଫିଲ୍ମର କାଷ୍ଟ ଓ କ୍ରୁ ଆସିବା ପାଇଁ ସୁରକ୍ଷା ବ୍ୟବସ୍ଥା କରିବାକୁ ଚିକ୍କଡପାଲ୍ଲି ଥାନାରେ ଏକ ଆବେଦନ ହୋଇଥିଲା। ତେବେ ତାହା ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାରୁ ପୁଲିସ ଅନୁମତି ଦେବାକୁ ମନା କରିଥିଲା। ସେଠାରେ ଗୋଟିଏ ମାତ୍ର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଥିବାରୁ ଭିଡ଼ ନିୟନ୍ତ୍ରଣ ସମ୍ଭବ ନୁହେଁ ବୋଲି ସେତେବେଳେ ସ୍ପଷ୍ଟ କରିଥିଲା ପୁଲିସ। ୨ ତାରିଖରେ ଏହି ଦରଖାସ୍ତ ହୋଇଥିବା ବେଳେ, ୩ ତାରିଖରେ ଲିଖିତ ଭାବେ ଏଥିପାଇଁ ମନା କରିଥିଲା ପୁଲିସ। ଏହା ସତ୍ତ୍ୱେ ତା' ପରଦିନ ଅଲ୍ଲୁ ଅର୍ଜୁନ ଫିଲ୍ମ ଦେଖିବା ପାଇଁ ଆସିଥିଲେ ଏବଂ କାର୍ ରୁଫ୍ ରୁ ବାହାରି ଆରଟିଜି ଏକ୍ସ ରୋଡରେ ରୋଡ୍ ଶୋ' କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ଅଲ୍ଲୁ ଅର୍ଜୁନଙ୍କୁ ତୁରନ୍ତ ସେହି ସ୍ଥାନ ଛାଡ଼ିବାକୁ କହିଥିଲେ ଏସିପି। ହେଲେ ସେ ଏହା ନ ମାନି ଫିଲ୍ମ ଦେଖିସାରିଲେ ଯିବେ ବୋଲି କହିଥିଲେ। ସେତେବେଳକୁ ବାହାରେ ୨ ଜଣ ଲୋକ ତଳେ ପଡ଼ିଯାଇଥିଲେ। ଏହାପରେ ଡିସିପି ହସ୍ତକ୍ଷେପ କରିବାରୁ ସେହି ସ୍ଥାନ ନ ଛାଡ଼ିଲେ ଗିରଫ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏପରିକି ସେ ଫେରିବା ବେଳେ ପୁଣି କାର୍ ରୁଫ୍ ରୁ ବାହାରି ରୋଡ୍ ଶୋ' କରିଥିଲେ ବୋଲି ରେବନ୍ତ ବିଧାନସଭାରେ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ସନ୍ଧ୍ୟାବେଳେ ଅଲ୍ଲୁ ଅର୍ଜୁନ ସାମ୍ବାଦିକ ସମ୍ମିଳନୀ ଡାକି ତାଙ୍କ ଚରିତ୍ର ସଂହାର କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ସେ କହଛନ୍ତି, ୪ ତାରିଖରେ ସନ୍ଧ୍ୟା ଥିଏଟରରେ ଯାହା ଘଟିଲା ତାହା ଏକ ଦୁର୍ଭାଗ୍ୟଜନକ ଘଟଣା। ଏହା ସମ୍ପୂର୍ଣ୍ଣ ଭାବେ ଏକ ଦୁର୍ଘଟଣା। ମୋ ବିରୋଧରେ ମିଛ ଅଭିଯୋଗ କରାଯାଉଛି। ମୁଁ କୌଣସି ବିଭାଗ କିମ୍ବା ନେତାଙ୍କୁ ଦୋଷାରୋପ କରୁନି, କିନ୍ତୁ ମୋର ଚରିତ୍ର ସଂହାର କରାଯାଉଛି ବୋଲି କହିଛନ୍ତି ଅଲ୍ଲୁ।

# ରାହୁଲଙ୍କୁ ଜାରି ହେଲା ସମନ



**ନୂଆଦିଲ୍ଲୀ, ୨୨।୧୨:** ବଢ଼ିଲା ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ଅଡୁଆ। ସେ ନିକଟରେ ଜାତି ଜନଗଣନାକୁ ନେଇ ଦେଇଥିବା ଏକ ବିବାଦୀୟ ବୟାନକୁ ନେଇ ଫସିଛନ୍ତି। ତାଙ୍କ ବିରୋଧରେ ଜାରି ହୋଇଛି ସମନ। ବରେଲିର ଏକ ସ୍ୱତନ୍ତ୍ର କୋର୍ଟ ରାହୁଲଙ୍କୁ ଜାନୁଆରୀ ୭ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଲୋକସଭା ନିର୍ବାଚନ ସମୟରେ କଂଗ୍ରେସ ଦଳ କ୍ଷମତାକୁ ଆସିଲେ ଆର୍ଥିକ ସର୍ଭେ କରାଯିବ ବୋଲି ରାହୁଲ କହିଥିଲେ। ଅଲ ଇଣ୍ଡିଆ ହିନ୍ଦୁ ମହାସଭାର ମଣ୍ଡଳ ସଭାପତି ପଙ୍କଜ ପାଠକ ଏହାକୁ ବିରୋଧ କରିଥିଲେ। ଏହାପରେ ସ୍ପେଶାଲ ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟରେ ରାହୁଲ ଗାନ୍ଧିଙ୍କ ବିରୋଧରେ ମାମଲା ଦାୟର କରିବାକୁ ଆବେଦନ କରିଥିଲେ। କିନ୍ତୁ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ। ଏହାପରେ ସେ ସ୍ୱତନ୍ତ୍ର କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଠାରେ ସେ ଏହି ପ୍ରସଙ୍ଗରେ ରିଭିଜନ ଦାଖଲ କରିଥିଲେ। ଏବେ ରାହୁଲ ଗାନ୍ଧିଙ୍କୁ ଏହି ମାମଲାରେ ତାଙ୍କ ପକ୍ଷ ରଖିବାକୁ କୋର୍ଟ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଜାନୁଆରୀ ୭ ତାରିଖରେ ଏହି ମାମଲାର ଶୁଣାଣି ହେବ।

# ବିଷ ବଳୟରେ ରାଜଧାନୀ: 'ସିଭିୟର' ସ୍ଥିତିରେ ବାୟୁ ପ୍ରଦୂଷଣ

**ନୂଆଦିଲ୍ଲୀ, ୨୨।୧୨:** ପ୍ରବଳ ଶୀତ ସାଙ୍ଗକୁ ବିଷାକ୍ତ ବାୟୁରେ ଅଣନିଃଶ୍ୱାସୀ ହୋଇପଡ଼ିଲେଣି ଦିଲ୍ଲୀବାସୀ। କାରଣ ସହରର ବାୟୁ ଗୁଣବତ୍ତା ସୂଚକାଙ୍କ (AQI) ପୁଣିଥରେ 'ସିଭିୟର' ସ୍ଥିତିରେ ପହଞ୍ଚିଛି। ସରକାରୀ ତଥ୍ୟ ଅନୁସାରେ ଦିଲ୍ଲୀରେ ଆଜି (ରବିବାର) ଅପରାହ୍ନ ୩ଟା ସୁଦ୍ଧା ସହରର ବାୟୁ ଗୁଣବତ୍ତା ସୂଚକାଙ୍କ ବଢ଼ି ୪୦୬ରେ ପହଞ୍ଚିଛି। ଯାହା କିଛିଦିନର ଆଶ୍ୱସ୍ତି ପରେ ପୁଣିଥରେ ଦିଲ୍ଲୀବାସୀଙ୍କ ପାଇଁ ବିପଦର ସଙ୍କେତ ଦେଇଛି। ଆଜି ସକାଳ ୮ଟା ସୁଦ୍ଧା ୨୪ ଘଣ୍ଟାରେ ବାୟୁର ହାରାହାରି ମାନକ ୩୯୫ ରେକର୍ଡ ହୋଇଥିଲା। ନଭେମ୍ବର ମାସ ସାରା ରାଜଧାନୀରେ ବାୟୁର ମାନ ଅତ୍ୟନ୍ତ ଖରାପ ରହିଥିଲା। ହେଲେ ଡିସେମ୍ବର ପ୍ରଥମ ସପ୍ତାହରେ ସହରବାସୀଙ୍କୁ ସାମନ୍ୟ ଆଶ୍ୱସ୍ତି ମିଳିଥିଲା। ବାୟୁ ଗୁଣବତ୍ତା ସୂଚକାଙ୍କରେ କିଛି ମାତ୍ରାରେ ସୁଧାର ଆସିବା ପରେ ଡିସେମ୍ବର ୫ରେ ଗ୍ରାପ୍-୪ କଟକଣା କୋହଳ କରାଯାଇଥିଲା। ଏହାପରେ ଗତ ୧୬ ଡିସେମ୍ବର ରାତିରୁ ଦିଲ୍ଲୀ ବାୟୁର ମାନ ପୁଣି ଖରାପ ହେବାରେ ଲାଗିଛି। ଯାହାକୁ ଦୃଷ୍ଟିରେ ରଖି ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (CAQM) ପୁଣିଥରେ ଦିଲ୍ଲୀ ଏନସିଆରରେ ଗ୍ରାପ୍-୪ କଟକଣା ଲାଗୁ କରିଥିଲା। ୨୦ ତାରିଖ ରାତିରେ ଯଦିଓ ବାୟୁ ମାନରେ ସାମାନ୍ୟ ସୁଧାର ଆସିଥିଲା, ହେଲେ ଏହାପରଠାରୁ ବାୟୁର ମାନ ତୀବ୍ର ଗତିରେ ଖରାପ ହେବାରେ ଲାଗିଛି। ଯାହା ଆଜି ଦିନ ୩ଟା ସୁଦ୍ଧା ୪୦୬ AQIରେ ପହଞ୍ଚିଛି। ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ ହେଉଛି ନିର୍ଦ୍ଦେଶାବଳୀ ଏବଂ ପଦକ୍ଷେପମୂଳକ ଯୋଜନା, ଯାହା ଦେଶର ଜାତୀୟ ରାଜଧାନୀ ଅଞ୍ଚଳ (NCR)



AFP

ରେ ବାୟୁ ପ୍ରଦୂଷଣକୁ ମୁକାବିଲା କରିବା ପାଇଁ ଦୀର୍ଘ ଦିନ ହେବ କାର୍ଯ୍ୟକାରୀ ହୋଇଥିଲା। ଏହାର ୪ଟି ପର୍ଯ୍ୟାୟ ରହିଛି। ଗ୍ରାପ୍ -୧ ପ୍ରୟୋଗ ହୁଏ ଯେତେବେଳେ ବାୟୁ ଗୁଣବତ୍ତା ସୂଚକାଙ୍କ ୨୦୧ରୁ ୩୦୦ ଅର୍ଥାତ୍ ଖରାପ ଅବସ୍ଥାରେ ପହଞ୍ଚିଯାଏ। ଯେତେବେଳେ ଏହା ୩୦୧ ରୁ ୪୦୦ ପର୍ଯ୍ୟନ୍ତ ପହଞ୍ଚେ ଗ୍ରାପ୍-୨ ଲାଗୁ ହୁଏ। ଯେତେବେଳେ ବାୟୁ ଗୁଣବତ୍ତା ଅତ୍ୟଧିକ ଖରାପ ବୋଲି ଧରାଯାଏ, ଅର୍ଥାତ AQI ୪୦୧ରୁ ୪୫୦ ଛୁଇଁଲେ, ଗ୍ରାପ୍ -୩ ଲାଗୁ ହୁଏ। ସେହିଭଳି AQI ୪୫୦ରୁ ଅଧିକ, ସାଂଘାତିକ ସ୍ଥିତିକୁ ଗଲେ ଗ୍ରାପ-୪ ଲାଗୁ କରାଯାଏ। ହେଲେ ସୁପ୍ରମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ବାୟୁ ପ୍ରଦୂଷଣରେ ତୁରନ୍ତ ନିୟନ୍ତ୍ରଣ ଆଣିବାକୁ ଦିଲ୍ଲୀରେ ଗ୍ରାପ୍-୪ ଲାଗୁ କରିଛି ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ।

### ଅଣ୍ଡର ୧୯ ମହିଳା ଏସିଆ କପ

# ବାଂଲାଦେଶକୁ ହରାଇ ଟ୍ରଫି ହାତେଇଲା ଭାରତ



**ନୂଆଦିଲ୍ଲୀ, ୨୨।୧୨:** ପ୍ରଥମଥର ପାଇଁ ଅଣ୍ଡର ୧୯ ମହିଳା ଟି-୨୦ ଏସିଆ କପ ଖେଳା ଯାଉଥିବା ବେଳେ ଭାରତ ନୂଆ ବିଜେତା ହୋଇଛି। ଫାଇନାଲରେ ଭାରତୀୟ ମହିଳା କ୍ରିକେଟ ଟିମ ବାଂଲାଦେଶକୁ ୪୧ରେ ପରାସ୍ତ କରିଦେଇଛି। କିଛି ଦିନ ତଳେ ପୁରୁଷ ଅଣ୍ଡର ୧୯ ଏସିଆ କପ ଫାଇନାଲରେ ବାଂଲାଦେଶ ଚମତ୍କାର ଢଙ୍ଗରେ ଭାରତକୁ ହରାଇ ଦେଇଥିଲେ। ହେଲେ ଅଣ୍ଡର ୧୯ ଭାରତୀୟ ମହିଳା ଦଳ ଚାମ୍ପିୟନ ହୋଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲରେ ଭାରତ ପକ୍ଷରୁ ଓପନର ଗୋଙ୍ଗାଡି ତ୍ରିଶା ୪୭ ବଲରେ ୫୨ ରନର ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମଧ୍ୟ ମିଳିଛି। କ୍ୱାଲଲମପୁରରେ ଖେଳାଯାଉଥିବା ଅଣ୍ଡର ୧୯ ଏସିଆ କପ ଫାଇନାଲରେ ଟସ୍ ହାରି ପ୍ରଥମ ବ୍ୟାଟିଂ କରୁଥିବା ଭାରତ ପାଇଁ ତ୍ରିଶା ୫୨ ରନର ଇନିଂସ ଖେଳିଥିବା ବେଳେ ଅନ୍ୟ କେହି ବି ବଡ଼ ସ୍କୋର କରିପାରି ନଥିଲେ। ଅଧିନାୟକ ନିକି ପ୍ରସାଦ ୧୨, ମିତାଲୀ ବିନୋଦ ୧୭ ଓ ଶେଷ ଭାଗରେ ଆୟୁଶି ଶୁକ୍ଲା ୧୦ ରନ କରିବାରୁ ଭାରତୀୟ ଟିମ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୭ ରନ କରିଥିଲା। ବାଂଲାଦେଶ ପକ୍ଷରୁ ଫରଜାନା ଇସମିନ ସର୍ବାଧିକ ୪ଟି ୱିକେଟ ନେଇଥିବା ବେଳେ ନିଶିତା ଅକତର ନିଶି ଦୁଇଟି ଓ ହବିବା ଇସଲାମ ଗୋଟିଏ ସଫଳତା ପାଇଥିଲେ।

୧୧୮ ରନର ଟାର୍ଗେଟ ପାଇଥିବା ବାଂଲାଦେଶ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଫାହୋମିଦା ଛୋୟା ୧୮ ଜୁରିୟା ଫିରୋଦଶ ୨୨ ରନକୁ ଛାଡ଼ି ଦେଲେ ବାଂଲାଦେଶର ଆଉ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁବାକୁ ସକ୍ଷମ ହୋଇ ନଥିଲେ। ଶେଷରେ ବାଂଲାଦେଶ ୧୮.୩ ଓଭରରେ ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ୪୧ ରନରେ ମ୍ୟାଚ୍‌କୁ ଜିତି ଅଣ୍ଡର ୧୯ ମହିଳା ଟି-୨୦ର ନୂଆ ବିଜେତା ହୋଇଛି। ଭାରତ ପକ୍ଷରୁ ଆୟୁଶି ଶୁକ୍ଲା ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ପରୁନିକା ସିସୋଦିଆ ଓ ସୋନମ ଯାଦବ ୨ଟି ଲେଖାଏ ସଫଳତା ପାଇଛନ୍ତି। ବାଂଲାଦେଶର ନିଶିତା(୧) ରନ ଆଉଟ ହୋଇଥିବା ବେଳେ ଭିଜେ ଜୋଶିତା ଗୋଟିଏ ୱିକେଟ ନେଇଛନ୍ତି।

# ଆକାଶ ଦୀପଙ୍କୁ ବିବାଦକୁ ଟାଣିଲା ଅଷ୍ଟ୍ରେଲିଆ ମିଡିଆ



**ନୂଆଦିଲ୍ଲୀ, ୨୨।୧୨:** ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ଟେଷ୍ଟ ପୂର୍ବରୁ ଅଷ୍ଟ୍ରେଲୀୟ ଗଣମାଧ୍ୟମ ଭାରତୀୟ ଟିମ ପଛରେ ଲାଗି ଯାଇଛନ୍ତି। ଅଷ୍ଟ୍ରେଲିଆ ଗଣମାଧ୍ୟମ ଜଣଙ୍କ ପରେ ଜଣେ ଭାରତୀୟ ଖେଳାଳିଙ୍କୁ ଟାର୍ଗେଟ କରି ମାନସିକ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ପ୍ରଥମେ ବିରାଟ କୋହଲି ପରେ ରବୀନ୍ଦ୍ର ଜାଡେଜାଙ୍କୁ ଅଷ୍ଟ୍ରେଲୀୟ ଗଣମାଧ୍ୟମ ବିବାଦ ମଧ୍ୟକୁ ଟାଣିଥିଲା। ଏବେ ଅଷ୍ଟ୍ରେଲିଆ ମିଡିଆର ଟାର୍ଗେଟକୁ ଆସିଛନ୍ତି ଭାରତୀୟ ଟିମର ଦ୍ରୁତ ବୋଲର ଆକାଶ ଦୀପ। ଶନିବାର ମେଲବର୍ଣ୍ଣ ପଡ଼ିଆରେ ଜାଡେଜା କୁଆଡ଼େ ଇଂରାଜୀରେ କୌଣସି ପ୍ରଶ୍ନର ଉତ୍ତର ଦେଇ ନଥିବା ଅଭିଯୋଗ କରି ଅଷ୍ଟ୍ରେଲିଆ ପ୍ରେସ ବିବାଦ ସୃଷ୍ଟି କରିଥିଲା। ଏବେ ଆକାଶ ଦୀପଙ୍କ କ୍ଷେତ୍ରରେ ମଧ୍ୟ ସମାନ ସ୍ୱର ବ୍ୟବହାର କରିଛି। ରବିବାର ଅଭ୍ୟାସ ପରେ ମେଲବର୍ଣ୍ଣ ପଡ଼ିଆରେ ଆକାଶ ଦୀପ ଗଣମାଧ୍ୟମଗୁଡ଼ିକର କିଛି ପ୍ରଶ୍ନର ଉତ୍ତର ଦେଇଥିଲେ। ଆକାଶ ଦୀପ ଇଂରାଜୀରେ ସେତେଟା ଭଲ ଭାବେ କହିବା ଶିଖି ନାହାନ୍ତି। ତେଣୁ ସେ କୌଣସି ପ୍ରଶ୍ନର ଉତ୍ତର ଇଂରାଜୀରେ ଦେଇ ନଥିଲେ। କିନ୍ତୁ ଅଷ୍ଟ୍ରେଲୀୟ ମିଡିଆ ଆଉଟଲେଟ ଚ୍ୟାନେଲ ୭ ଦାବି କରିଛି ଯେ ଆକାଶ ଦୀପ ଇଂରାଜୀରେ ନ କରିବା ପଛରେ ଭାରତୀୟ ଟିମ ରହିଛି। ଭାରତୀୟ କ୍ୟାମ୍ପ ହିଁ ତାଙ୍କୁ ଇଂରାଜୀରେ ଉତ୍ତର ନ ଦେବାକୁ କହିଥିବା ଉକ୍ତ ନ୍ୟୁଜ ସଂସ୍ଥା ଦାବି କରିଛି। ସଂସ୍ଥା ଆହୁରି କହିଛି ଯେ ଭାରତୀୟ ରିପୋର୍ଟରମାନେ ମଧ୍ୟ ଅଷ୍ଟ୍ରେଲିଆର ସାମ୍ବାଦିକମାନଙ୍କୁ ସେମାନଙ୍କ ପ୍ରଶ୍ନରେ କୌଣସି ପ୍ରକାରର ସହାୟତା କରି ନଥିଲେ। ଆମେ ପଚାରିଥିବା ପ୍ରଶ୍ନ ବଦଳରେ ଆକାଶ ଦୀପଙ୍କୁ ଆଉ କିଛି ପଚରାଯାଇଥିଲା ବୋଲି ନ୍ୟୁଜ ସଂସ୍ଥା କହିଛି। ଏହାକୁ ନେଇ ନୂଆ ବିବାଦ ଦେଖିବାକୁ ମିଳିଛି। ଏହା ପଛରେ ଭାରତୀୟ ଟିମର ହାତ ରହିଥିବା ମଧ୍ୟ ଚ୍ୟାନେଲ ୭ର କମେଣ୍ଟେଟର ସାଇମନ କାଟିଚ ଅଭିଯୋଗ କରିଛନ୍ତି।

# ଭାରତ ଗସ୍ତ ପାଇଁ ଇଂଲଣ୍ଡ ଦଳ ଘୋଷଣା



**ଲଣ୍ଡନ,୨୨।୧୨:** ଜାନୁଆରୀ ୨୨ରୁ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଟି-୨୦ ଏବଂ ଦିନିକିଆ ସିରିଜ ଖେଳାଯିବ। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ ଏଥିପାଇଁ ଦଳ ଘୋଷଣା କରିଛନ୍ତି। ଦଳ ଅଧିନାୟକତ୍ୱ ଜୋସ ବଟଲରଙ୍କୁ ଦିଆଯାଇଛି। ବଟଲର ଜଣେ ଅଭିଜ୍ଞ ଖେଳାଳି ଏବଂ ଅନେକ ଥର ଚମତ୍କାର ପ୍ରଦର୍ଶନ କରିଛନ୍ତି। ଜୋଫ୍ରା ଆର୍ଚର ଉଭୟ ଦିନିକିଆ ଏବଂ ଟି-୨୦ ଦଳର ଅଂଶ। ଗୁସ ଆଟକିନ୍ସନ ମଧ୍ୟ ଉଭୟ ଦଳରେ ସ୍ଥାନ ପାଇଛନ୍ତି। ଏହି ଦଳ ହ୍ୟାରି ବ୍ରୁକ ଏବଂ ବେନ ଡକେଟ ଉପରେ ମଧ୍ୟ ଆତ୍ମବିଶ୍ୱାସ ପ୍ରକାଶ କରିଛି।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ।ଏହା ୬ ଫେବୃଆରୀରୁ ଆରମ୍ଭ ହେବ। ଦିନିକିଆ ସିରିଜ ପାଇଁ ଇଂଲଣ୍ଡରେ ଅଭିଜ୍ଞ ବୋଲର ଜୋଫ୍ରା ଆର୍ଚର ଏବଂ ମାର୍କ ଉଡ, ଜାମି ସ୍ମିଥ ଏବଂ ଆଦିଲ ରସିଦଙ୍କୁ ସାମିଲ କରାଯାଇଛି। ରସିଦ ଅନେକ ଥର ଇଂଲଣ୍ଡ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଫିଲ ସଲ୍ଟ ମଧ୍ୟ ଦଳର ଏକ ଅଂଶ। ଜାମି ଓଭରଟନ ଏବଂ ସାକିବ ମେହମୁଦ ମଧ୍ୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି।

ଇଂଲଣ୍ଡର ଟି-୨୦ ଦଳ ମଧ୍ୟ ବହୁତ ଶକ୍ତିଶାଳୀ। ଏହି ସିରିଜରେ ବଟଲର ମଧ୍ୟ ଅଧିନାୟକ ହେବେ। ତୀରନ୍ଦାଜ ଉଭୟ ଟି-୨୦ ଏବଂ ଦିନିକିଆ ସିରିଜରେ ଖେଳିବେ। ଜ୍ୟାକବ୍ ବୈଥେଲ ଟି-୨୦ ସିରିଜ ପାଇଁ ଏକ ସୁଯୋଗ ପାଇଛନ୍ତି। ସେ ଜଣେ ଚମତ୍କାର ଖେଳାଳି ଏବଂ ଦୃଢ଼ ପ୍ରଦର୍ଶନ ଦ୍ୱାରା ସେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ବ୍ରୁକ ଏବଂ ବେନ ଡକେଟ ଟି-୨୦ ସିରିଜର ଅଂଶ। ସେ ଦିନିକିଆରେ ମଧ୍ୟ ଖେଳିବେ।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ଟି ଦିନିକିଆ ଏବଂ ୫ ଟି-୨୦ ମ୍ୟାଚ ଖେଳାଯିବ। ଟି-୨୦ ସିରିଜର ପ୍ରଥମ ମ୍ୟାଚ ୨୨ ଜାନୁଆରୀରେ କୋଲକାତାରେ ଖେଳାଯିବ। ଏହି ସିରିଜର ଶେଷ ମ୍ୟାଚ ଫେବୃଆରୀ ୨ରେ ମୁମ୍ବାଇରେ ଖେଳାଯିବ। ଏହା ପରେ ଫେବୃଆରୀ ୬ରୁ ଫେବୃଆରୀ ୧୨ ପର୍ଯ୍ୟନ୍ତ ଏକ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆ ନାଗପୁରରେ, ଦ୍ୱିତୀୟ ଦିନିକିଆ କଟକ ଏବଂ ତୃତୀୟ ଦିନିକିଆ ଅହମ୍ମଦାବାଦରେ ଅନୁଷ୍ଠିତ ହେବ।

ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ଇଂଲଣ୍ଡ ଦଳ - ଜୋସ ବଟଲର୍ (ଅଧିନାୟକ), ଜୋଫ୍ରା ଆର୍ଚର, ଗୁସ ଆଟକିନ୍ସନ, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରାଇଡନ କାର୍ସେ, ବେନ ଡକେଟ, ଜାମି ଓଭରଟନ, ଜାମି ସ୍ମିଥ, ଲିଆମ ଲିଭିଙ୍ଗଷ୍ଟୋନ, ଆଦିଲ ରସିଦ, ଜୋ ରୁଟ, ସାକିବ ମହମୁଦ , ଫିଲ ସଲ୍ଟ, ମାର୍କ ଉଡ୍। ଭାରତ ବିପକ୍ଷ ଟି-୨୦ ସିରିଜ ପାଇଁ ଇଂଲଣ୍ଡ ଦଳ - ଜୋସ ବଟଲର୍ (ଅଧିନାୟକ), ରେହାନ ଅହମ୍ମଦ, ଜୋଫ୍ରା ଆର୍ଚର, ଗୁସ ଆଟକିନ୍ସନ, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରେଡେନ କାର୍ସେ, ବେନ ଡକେଟ, ଜାମି ଓଭରଟନ, ଜାମି ସ୍ମିଥ, ଲିଆମ ଲିଭିଙ୍ଗଷ୍ଟୋନ, ଆଦିଲ ରସିଦ, ସାକିବ ମହମୁଦ, ଫିଲ ସଲ୍ଟ, ମାର୍କ ଉଡ୍।

### ଆଇସିସି ଚାମ୍ପିଅନ୍ସ ଟ୍ରଫି

# ଫେବ୍ରୁଆରୀ ୨୩ରେ ଭାରତ-ପାକିସ୍ତାନ ଲଢ଼େଇ !



**ନୂଆଦିଲ୍ଲୀ, ୨୨/୧୨:** ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ୍ ମଡେଲରେ ଆୟୋଜିତ ହେବା ନେଇ ଗତ ୧୯ ତାରିଖରେ ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଅଫିସିଆଲ ଭାବେ କ୍ରୀଡ଼ାସୂଚୀ ଘୋଷଣା ହୋଇ ନାହିଁ। ମାତ୍ର ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟରୁ ସୂଚୀ ସଂପର୍କରେ ଜଣା ପଡ଼ିଛି। ଭାରତ-ପାକିସ୍ତାନ ମ୍ୟାଚ୍ ଫେବ୍ରୁଆରୀ ୨୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍ ଦୁବାଇ ନା କଲମ୍ବୋରେ ଖେଳାଯିବ ତାହା ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ।

ଆସନ୍ତା ଫେବ୍ରୁଆରୀ ୧୯ ତାରିଖରୁ ପାକିସ୍ତାନରେ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବ। ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଦଳ ପାକିସ୍ତାନ ଗସ୍ତରେ ଯିବ ନାହିଁ। ତେଣୁ ତା'ର ସମସ୍ତ ମ୍ୟାଚ୍ ନିରପେକ୍ଷ ଭେନ୍ୟୁରେ ଖେଳିବ। ଜାତୀୟ ଗଣମାଧ୍ୟମରୁ ଯେଉଁ ସୂଚୀ ଜଣାପଡ଼ିଛି, ଏଥିରେ ଭାରତ ଗ୍ରୁପ୍ ଏ'ରେ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ସହ ରହିଛି। ସେମିତି ଗ୍ରୁପ୍ ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି। ଭାରତ ପ୍ରଥମ ମ୍ୟାଚ୍ ଫେବ୍ରୁଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ଖେଳିବ। ସେହିପରି ୨୩ରେ ପାକିସ୍ତାନ ଏବଂ ମାର୍ଚ୍ଚ ୨ ତାରିଖରେ ନ୍ୟୁଜିଲାଣ୍ଡକୁ ଭେଟିବ। ଫେବ୍ରୁଆରୀ ୧୯ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ମାର୍ଚ୍ଚ ୯ ତାରିଖରେ ଶେଷ ହେବ। ଯଦି ଫାଇନାଲରେ ବର୍ଷା ହୁଏତ ତେବେ 'ରିଜର୍ଭ ଡେ' ମଧ୍ୟ ରହିବ।

ମାର୍ଚ୍ଚ ୨ ତାରିଖରେ ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବ। ମାର୍ଚ୍ଚ ୪ ଓ ୫ରେ ସେମି ଫାଇନାଲ ଏବଂ ୯ ତାରିଖରେ ଫାଇନାଲ ଖେଳାଯିବ। ଯଦି ଭାରତ ସେମି ଫାଇନାଲ ଓ ଫାଇନାଲକୁ ଉନ୍ନୀତ ହୁଏତ ତେବେ ଏହି ଦୁଇ ମ୍ୟାଚ୍ ମଧ୍ୟ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। କରାଚି, ଲାହୋର ଓ ରାୱଲପିଣ୍ଡିରେ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବ। କେବଳ ଭାରତକୁ ଛାଡ଼ି ଅନ୍ୟ ସମସ୍ତ ଦଳ ଏହି ୩ ଭେନ୍ୟୁରେ ଖେଳିବେ। ନିୟମ ଅନୁସାରେ, ଟୁର୍ଣ୍ଣାମେଣ୍ଟର ୧୦୦ ଦିନ ପୂର୍ବରୁ କ୍ରୀଡ଼ାସୂଚୀ ଘୋଷଣା ହେବା କଥା। ମାତ୍ର ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଦଳ ପାକିସ୍ତାନ ଗସ୍ତରେ ଯିବ ନାହିଁ ବୋଲି ବିସିସିଆଇ ମନା କରିବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଉତ୍କ୍ଷିପ୍ତ ହୋଇଥିଲା। ହାଇବ୍ରିଡ ମଡେଲରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ରହିଥିଲା। ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ୍ ମଡେଲରେ ଆୟୋଜିତ ହେବା ସଂପର୍କରେ ଘୋଷଣା କରି ଆଇସିସି ପକ୍ଷରୁ କୁହାଯାଇଥିଲା, '୨୦୨୪ରୁ ୨୦୨୭ ମଧ୍ୟରେ ପାକିସ୍ତାନ ଏବଂ ଭାରତ ଯେଉଁ ଆଇସିସି ଇଭେଣ୍ଟ ଆୟୋଜନ କରିବେ ସେହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ନିରପେକ୍ଷ ଭେନ୍ୟୁରେ ମ୍ୟାଚ୍ ଖେଳିବେ। ଆସନ୍ତା ଫେବ୍ରୁଆରୀ-ମାର୍ଚ୍ଚରେ ପାକିସ୍ତାନରେ ଆଇସିସି ଚାମ୍ପିଅନ୍ସ ଟ୍ରଫି, ଭାରତରେ ମହିଳା ବିଶ୍ୱକପ୍-୨୦୨୫, ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଏବଂ ୨୦୨୮ରେ ପାକିସ୍ତାନରେ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆୟୋଜିତ ହେବ। ଏ ସମସ୍ତ ଟୁର୍ଣ୍ଣାମେଣ୍ଟରେ ସମାନ ନିୟମ ଲାଗୁ ହେବ।'

## ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତକୁ ବଡ଼ ଝଟ୍‌କା

**ସିଡନୀ,୨୨।୧୨:** ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତୀୟ ଅଧିନାୟକ ରୋହିତ ଶର୍ମା ଆହତ ହୋଇଛନ୍ତି। ରବିବାର ଅଭ୍ୟାସ ସମୟରେ ରୋହିତଙ୍କ ଆଣ୍ଠୁରେ ଆଘାତ ଲାଗିଛି। ରୋହିତ ଥ୍ରୋ ଡାଉନ ସ୍ପେଶାଲିଷ୍ଟଙ୍କ ସହିତ ଅଭ୍ୟାସ କରୁଥିଲେ, ଯେତେବେଳେ ବଲ ତାଙ୍କ ପ୍ୟାଡ ଛୁଇଁ ଆଣ୍ଠୁକୁ ଆଘାତ କରିଥିଲା। ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ମ୍ୟାଚ ଡିସେମ୍ବର ୨୬ରୁ ମେଲବୋର୍ନରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ ଏବଂ ରୋହିତଙ୍କ ଆଘାତର ଚାରି ଦିନ ପୂର୍ବରୁ ଏହା ଭାରତ ପାଇଁ ଖୁସି ଖବର ନୁହେଁ। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ବର୍ତ୍ତମାନ ୧-୧ରେ ବରାବର ହୋଇଛି। ଆଗାମୀ ଟେଷ୍ଟ ମ୍ୟାଚ ଜିତିବା ଏବଂ ସିରିଜରେ ଅଗ୍ରଣୀ ହାସଲ କରିବାକୁ ଭାରତୀୟ ଦଳ ଆଖି ଆଗରେ ରହିବ। ରୋହିତଙ୍କ ପୂର୍ବରୁ ଭାରତୀୟ ଦଳର ବ୍ୟାଟ୍ସମ୍ୟାନ କେ.ଏଲ ରାହୁଲ ମଧ୍ୟ ଅଭ୍ୟାସ ସମୟରେ ଆହତ ହୋଇଥିଲେ। ସୋସିଆଲ ମିଡିଆରେ ରୋହିତଙ୍କ ଫଟୋ ଭାଇରାଲ ହେଉଛି ଯେଉଁଥିରେ ସେ ଆଣ୍ଠୁରେ ବରଫ ପ୍ୟାକ ଲଗାଉଥିବାର ନଜର ଆସିଛନ୍ତି। ରୋହିତ ଏହି ସିରିଜରେ ଫର୍ମ ଫେରି ପାଇବା ପାଇଁ ସଂଘର୍ଷ କରୁଛନ୍ତି। ରୋହିତଙ୍କ ଆଘାତ କେତେ ଗମ୍ଭୀର ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ, କିନ୍ତୁ ଅଭ୍ୟାସ ସମୟରେ ତାଙ୍କୁ ଯନ୍ତ୍ରଣା ଅନୁଭବ କରୁଥିବା ଦେଖାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଆ ଅସ୍ମିତାର...

ରହିଥିଲା। ତେବେ ଗଣତନ୍ତ୍ରରେ କୌଣସି ବିଜୟ ସ୍ଥାୟୀ ନୁହେଁ । ସ୍ଥାୟୀ ବିଜୟ ଦୀର୍ଘକାଳୀନ ହେଲେ ସ୍ୱେଚ୍ଛାଚାର ବଢ଼ିଯିବ। ଓଡ଼ିଶାରେ ଶାସନ କ୍ଷମତା ପରିବର୍ତ୍ତନ କରାଇବାରେ ସାମ୍ବାଦିକମାନଙ୍କର ଭୂମିକା ରହିଥିଲା। ସାମ୍ବାଦିକମାନଙ୍କୁ ସତ କହିବା ସହ ସମାଲୋଚନା କରିବା ଏବଂ ଜଣେ ଜଣେ ସାହସୀ ହେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।

ଓଡ଼ିଶା ଏକ ସମୃଦ୍ଧ, ବୌଦ୍ଧିକସମ୍ପନ୍ନ ଏବଂ ବଳଶାଳୀ ରାଜ୍ୟ । ଆମେ କଳିଙ୍ଗ ଯୁଦ୍ଧ ଲଢ଼ିଥିଲୁ । କଳିଙ୍ଗ ଯୁଦ୍ଧରେ ଓଡ଼ିଆଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାଞ୍ଚି ବିଜୟ କରିଥିଲେ । ରାଜା କପିଳେନ୍ଦ୍ର ଦେବଙ୍କ ବିଶାଳ ସାମ୍ରାଜ୍ୟ ଗୋଦାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପିଥିଲା। ବିଶ୍ୱ ମହାରଣାଙ୍କ ଦ୍ୱାରା କୋଣାର୍କ ମନ୍ଦିର ନିର୍ମାଣ ହୋଇଥିଲା । କୋଣାର୍କ ମନ୍ଦିରରେ ମୁଣ୍ଡି ମାରି ଧର୍ମପଦ ବାରଶହ ବଢ଼େଇଙ୍କ ଜୀବନ ରକ୍ଷା କରିଥିଲେ। ଓଡ଼ିଶାର ବୀରତ୍ୱ ଏବଂ ଓଡ଼ିଆ ଜାତିର ସମ୍ପନ୍ନତା ଏବଂ ବୁଦ୍ଧିକୁ ପ୍ରତିଫଳିତ କରୁଛି । ଓଡ଼ିଶାର ପ୍ରଗତି ଆଗାମୀ ଦିନରେ କଣ ହେବ ? ଓଡ଼ିଶାର ପୁଞ୍ଜି ହେଲା ବୌଦ୍ଧିକ କ୍ଷମତା । ଓଡ଼ିଆ ଲୋକମାନଙ୍କ ପରିଶ୍ରମର ପାରାକାଷ୍ଠାର ଅନେକ ଉଦାହରଣ ରହିଛି । ସାରଳା ଦାସଙ୍କ ଓଡ଼ିଆ ମହାଭାରତ, ବଳରାମ ଦାସଙ୍କ ଲକ୍ଷ୍ମୀପୂରାଣ, ପଠାଣୀ ସାମନ୍ତଙ୍କ ଅଗାଧ ପାଣ୍ଡିତ୍ୟ, ଓଡ଼ିଶାର ଉତ୍କୃଷ୍ଟ କଳା, ପୋଥି, ଭାସ୍କର୍ଯ୍ୟ ଆମର ଅନନ୍ୟ ବିଭବ। ଏହି ସବୁର ପ୍ରଚାର ପ୍ରସାର ପ୍ରସାର ସହ ବିଶ୍ୱବିଦିତ କରାଇବା ଦାୟିତ୍ୱ ହେଉଛି ସାମ୍ବାଦିକମାନଙ୍କର।

ଆଗାମୀ ଦିନରେ ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରବାସୀ ଭାରତୀୟ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଓଡ଼ିଶାରେ ନୌସେନା ଦିବସ ପାଳନ ହୋଇଛି । ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ମଧ୍ୟ ଏଠାରେ ଆୟୋଜନ ହେବାକୁ ଯାଉଛି। ଓଡ଼ିଶାର ସୁଦୀର୍ଘ ବେଳାଭୂମିରେ ଥିବା ସମ୍ଭାବନାକୁ ଉପଯୋଗ କରିବା ସହ ବଣମଲ୍ଲିଙ୍କୁ ଲୋକଲୋଚନକୁ ଆଣିବା ସାମ୍ବାଦିକମାନଙ୍କର ଦାୟିତ୍ୱ ହେଉ । କଳାହାଣ୍ଡି ଜିଲ୍ଲାରେ ଦୁଇ ପୁଅ ଝିଅ ଇଞ୍ଜିନିୟରିଂ ପଢ଼ି ସାରିବା ପରେ ଛେଳି ଫାର୍ମ କରିଛନ୍ତି ଏହି ବିଷୟକୁ ନେଇ ଆମେ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଦରକାର। ସାମ୍ବାଦିକତା ମାଧ୍ୟମରେ ଓଡ଼ିଶାର ବଣମଲ୍ଲିମାନଙ୍କୁ ଆଗକୁ ଆଣିବାର ଆବଶ୍ୟକତା ଅଛି ଯାହା ଫଳରେ ଓଡ଼ିଶା ବୈଭବଶାଳୀ ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ। ଆମର ବୈଭବକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସାମ୍ବାଦିକ ବନ୍ଧୁମାନେ ଆଗାମୀ ଦିନରେ ନିରନ୍ତର ପ୍ରୟାସ ଜାରି ରଖିବେ। ୨୦୩୬ ଓ ୨୦୪୭ ସମୟ ଅବଧି ମଧ୍ୟରେ ଓଡ଼ିଶାକୁ ଅଗ୍ରଣୀ ଅଞ୍ଚଳ ତିଆରି କରିବାରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବଡ ଭୂମିକା ରହିବ । ଅଧିକାର ସେତେବେଳେ ପୂରା ହେବ, ଯେତେବେଳେ ଜଣେ ଦାୟିତ୍ୱ ନେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରତିଭାବାନ ଯୁବ ସାମ୍ବାଦିକମାନଙ୍କୁ ସାମ୍ବାଦିକ ପୁରସ୍କାରରେ ସମ୍ମାନିତ କରିଥିଲେ।

### ବାଦଲଙ୍କୁ...

ବିଜେଡି ପାଇଁ ସେ ପକାଇଥିବା ମୂଳଦୁଆ ଉପରେ ଆଜି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦଳ ମଧ୍ୟ ଆସନକୁ ନିଜ ପାଖରେ ରଖିବାକୁ ସମର୍ଥ ହୋଇଛି ।

ତେବେ ୨୦୧୯ ନିର୍ବାଚନରେ ସମସ୍ତ ପ୍ରତିଶ୍ରୁତି ସତ୍ତ୍ୱେ ମାମଲତକାରମାନେ ଶେଷ ମୁହୂର୍ତ୍ତରେ ବିଜୟଙ୍କୁ ଟିକଟରୁ ବଞ୍ଚିତ କଲେ। ଖାଲି ଟିକଟ କାଟିଲେ ନାହିଁ, ତାଙ୍କୁ ଦଳରେ କୌଣସି ପଦ ପଦବୀ ବି ଦେଲେନାହିଁ । ସେ ହୋଇଗଲେ ବିଜେଡି ପାଇଁ ଏକ ଅଲୋଡା ନେତା । କୌଣସି ଦଳୀୟ କାର୍ଯ୍ୟକ୍ରମରେ ଆଉ ବିଜୟଙ୍କୁ ଦେଖିବାକୁ ମିଳିଲା ନାହିଁ । ମାମଲତକାରମାନେ ତାଙ୍କୁ ଏକ ପ୍ରକାର ଦଳର ବାହାର କରି ଫୋପାଡିଦେଲେ ।

ବିଜୟଙ୍କ ଛାତ୍ର ରାଜନୀତି ସମୟରେ ଯେଉଁମାନଙ୍କର ରାଜନୀତିରେ ଖଡିଛୁଆଁ ହୋଇନଥିଲା ସେମାନଙ୍କ ମାମଲତକାରୀକୁ ବିଜୟ ସହଜରେ ଗ୍ରହଣ କରିପାରିଲେ ନାହିଁ । ଏହାପରେ ସେ ଆତ୍ମସମ୍ମାନ ଦୃଷ୍ଟିରୁ ନିଜକୁ ବିଜେଡି ଠାରୁ ଦୂରେଇ ନେଲେ।

ସେହି ଅବସାଦରେ ଧିରେ ଧିରେ ଅସୁସ୍ଥ ବି ହେଲେ। ଅସୁସ୍ଥ ସମୟରେ ବିଜେଡିର କେହି ହେଲେ ତାଙ୍କୁ ଆହା ବୋଲି କହିଲେ ନାହିଁ । ଶେଷରେ ବିଜୟ ଆଜି ଆଖି ବୁଜି ଦେଇଛନ୍ତି । ତେବେ ବିଜୟଙ୍କ ପାଇଁ ଆଜି ବିଜେଡି ଯେଭଳି ଶୋକ ପ୍ରକାଶ କରିବାକଥା ତାହା କରିନାହିଁ । ମାମଲତକାରମାନଙ୍କ ଭୟରେ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଦୁଇ ଦୁଇଥରର ବିଧାୟକଙ୍କ ପ୍ରତି ଦଳ ଯେଭଳି ବ୍ୟବହାର ଦେଖାଇଛି ତାହା ବିଜେଡିର ଅନ୍ୟ ବହୁ ନେତାଙ୍କ ଆଖି ଖୋଲିଦେବ ବୋଲି ଆଲୋଚନା ଚାଲିଛି।

### ବିଜୟ...

ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ୟାପିଟାଲ ହସ୍‌ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, ବିଜୟ ମହାନ୍ତିଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ତେଣୁ ନିୟମ ଅନୁସାରେ ତାଙ୍କ ଶବର ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାଙ୍କ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ। ଯାହା ଜଣାପଡ଼ିଛି, କିଛି ଦିନ ହେବ ବିଜୟ ମହାନ୍ତି ହୃଦରୋଗରେ ପୀଡ଼ିତ ଥିଲେ।

ବିଜୟ ମହାନ୍ତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବିଭିନ୍ନ ଦଳର ନେତାମାନେ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୋକ ପ୍ରକାଶ କରି ଏକ୍ସରେ ଲେଖିଛନ୍ତି, ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ଦେହାନ୍ତ ଖବର ଶୁଣି ଗଭୀର ମର୍ମାହତ। ତାଙ୍କ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, ପୂର୍ବତନ ବିଧାୟକ ତଥା ଦଳର ବରିଷ୍ଠ ନେତା ବିଜୟ କୁମାର ମହାନ୍ତିଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ଲୋକଙ୍କ କଲ୍ୟାଣ ଦିଗରେ ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦଗତି କାମନା କରୁଛି।

ବାଚସ୍ପତି ଶୋକପ୍ରକାଶ କରି କହିଛନ୍ତି ପୂର୍ବତନ ବିଧାୟକ, ସମାଜସେବୀ ବିଜୟ କୁମାର ମହାନ୍ତିଙ୍କ ପରଲୋକ ଖବର ପାଇ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଲଗାତାର ଦୁଇ ଦୁଇ ଥର ବିଧାୟକ ହୋଇ ଦୟିତ୍ୱ ତୁଲାଇଥିଲେ ।

ସମାଜର ତଳସ୍ତରରେ ଥିବା ଜନ ସାଧାରଣଙ୍କର ସ୍ୱାର୍ଥକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କର ପରଲୋକଗତ ଆତ୍ମାର ସଦଗତି କାମନା କରୁଛି ବୋଲି ବାଚସ୍ପତି ସୁରମା ପାଢ଼ୀ ଏକ ଶୋକବାର୍ତ୍ତାରେ ଜଣାଇଛନ୍ତି।

ତାଙ୍କ ମୃତ୍ୟୁ ଖବର ପାଇ ବିଜେଡି ନେତା ତଥା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେପି ନେତା ତଥା ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ଓ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ କ୍ୟାପିଟାଲ ହସ୍‌ପିଟାଲରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

ଆଜୀବନ ଅବିବାହିତ ଥିବା ବିଜୟ ମହାନ୍ତି ୧୯୬୪ ମସିହା ଅକ୍ଟୋବର ୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିଲାବେଳରୁ ରାଜନୀତି ପ୍ରତି ତାଙ୍କ ଦୁର୍ବଳତା ରହିଥିଲା। ପ୍ରଥମେ ବିଜୁ ଜନତା ଦଳ ଜଣେ କର୍ମୀ ଭାବେ ସାମିଲ ହୋଇଥିଲେ। ପରେ ତାଙ୍କର ଦକ୍ଷତା ଏବଂ କାର୍ଯ୍ୟଶୈଳୀ ଦେଖି ବିଭିନ୍ନ ପଦ ପଦବୀ ଦିଆଯାଇଥିଲା। ୧୯୮୨ ମସିହାରେ ଛାତ୍ର ଜନତା ଦଳର ପ୍ରଥମେ ସଚିବ ଭାବେ କାମ କରିଥିଲେ।

ଏହାପରେ ୧୯୮୮ରୁ ୯୨ ପର୍ଯ୍ୟନ୍ତ (ଭୁବନେଶ୍ୱର) ଯୁବ ଜନତା ଦଳର ସଭାପତି, ୧୯୯୨ରୁ ୯୮ ଯାଏଁ ବିଜେଡିର ସଚିବ ରହିଥିଲେ।

ବିଜୟ ମହାନ୍ତି ବିଜେଡି ଟିକେଟ୍‌ରେ ଦୁଇ ଥର ବିଧାନସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ୨୦୦୯ ଓ ୨୦୧୪ରେ ସେ ଭୁବନେଶ୍ୱର ମଧ୍ୟ ଆସନରୁ ଜିତିଥିଲେ। ତା'ପରେ ଆଉ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ତଥାପି ସେ ଶେଷ ପର୍ଯ୍ୟନ୍ତ ବିଜେଡି ପାଇଁ କାମ କରୁଥିଲେ।

### ପୁଣି...

ତାମିଲନାଡୁ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ନିକଟତର ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶା ଉପରେ ଏକ ପୂର୍ବଳୀ ନିମ୍ନଚାପ ରେଖା ସୃଷ୍ଟି ସମ୍ଭାବନା ହେତୁ ଦକ୍ଷିଣ-ପୂର୍ବ ଦିଗରୁ ଜଳୀୟ ବାଷ୍ପ ପୂର୍ଣ୍ଣ ସାମୁଦ୍ରିକ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରିବ। ଏହା ପ୍ରଭାବରେ ୨୪ରେ ରାୟଗଡ଼ା, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ମାଲକାନଗିରି, କୋରାପୁଟ, କନ୍ଧମାଳ, ନୟାଗଡ଼, ଢେଙ୍କାନାଳ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୫ତାରିଖରେ ଉପକୂଳ ଓଡ଼ିଶାର ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ହାଲୁକା ବର୍ଷା ହେବା ସମ୍ଭାବନା ଅଛି। ଏହାସହିତ ସୋମବାର ସକାଳେ, ରାତିରେ ଓ ୨୪ ତାରିଖ ସକାଳେ କଳାହାଣ୍ଡି, ଅନୁଗୋଳ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତିତ ଆଗାମୀ ତିନି ଦିନରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବାର ସମ୍ଭାବନା ରହିଛି।

### ସନ୍ୟାସୀଙ୍କୁ...

ଭିତରେ ହେଉ କିମ୍ବା ବାହାରେ ସନ୍ୟାସୀଙ୍କ ନାଁ ଉଠିବା ମାତ୍ରେ ବିଜେଡି ନେତାମାନେ ତାହାର ମୁକାବିଲା ପାଇଁ ପ୍ରତିଯୋଗିତା କରୁଥିଲେ । ସନ୍ୟାସୀଙ୍କ ସୁରକ୍ଷାରେ ନିଜକୁ ପୂରା ସମର୍ପି ଦେଉଥିଲେ। ସନ୍ୟାସୀ ବି ସୁରକ୍ଷିତ ରହୁଥିଲେ। ହେଲେ ଏବେ ସ୍ଥିତି ପୂରା ଓଲଟା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେତେବେଳେ ସନ୍ୟାସୀଙ୍କର ମୁଖ୍ୟ ବାଉଁସର ସାଜିଥିବା କ୍ରୀତାଦାସ ଏବେ ଫେରାର। ସନ୍ୟାସୀଙ୍କୁ ସୁରକ୍ଷା ଦେବା ତ ଦୂରରକଥା ଆହା ପଦେ କହିବାକୁ ଆସୁନାହାନ୍ତି କି କାହାକୁ ପ୍ରବର୍ତ୍ତାଉନାହାନ୍ତି । ତେଣେ ଦଳ ଛାଡିଥିବା ସମୀର ଦାସ ଓ ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପୁସ୍ତକ ସଂକ୍ରାନ୍ତରେ ନିଆଁରେ ଘିଅ ଢାଳିବା ଭଳି ମନ୍ତବ୍ୟ ଦେଉଛନ୍ତି। ରାଜା ସ୍ୱାଇଁ ବି ରଇଜଳା କଥା କହୁଛନ୍ତି । ସମସ୍ତେ ମଉକା ଦେଖି ସନ୍ୟାସୀଙ୍କ ଉପରେ ନିଜର ରାଗ ଶୁଝାଉଛନ୍ତି।

ବିଜେଡି ରାଜନୀତିରେ ପୂର୍ବରୁ ଏଭଳି ଦେଖିବାକୁ ମିଳୁନଥିଲା । ନବୀନ ହୁଅନ୍ତୁ କିମ୍ବା ସନ୍ୟାସୀ, କାହାରି ବିରୁଦ୍ଧରେ କହିବାକୁ କିମ୍ବା ଲେଖିବାକୁ କେହି ସାହସ କରୁନଥିଲେ । କାରଣ ସେତେବେଳେ ଏହି ଦୁଇ ଜଣଙ୍କର ଅଭେଦ୍ୟ ସୁରକ୍ଷା ବଳୟ ରହିଥିଲା। ଏହି ବଳୟର ନେତୃତ୍ୱ ନେଉଥିଲେ ନିଜେ କ୍ରୀତଦାସ ।

ହେଲେ ପରିସ୍ଥିତି ଧିରେ ଧିରେ ବଦଳିବାରେ ଲାଗିଛି। ସୁରକ୍ଷା ବଳୟ ତ ଦୂରରକଥା ସୁରକ୍ଷାଦାତାମାନେ ଏବେ ଘାତକ ଅବତାରରେ । ଆଗାମୀ ଦିନରେ ବିଜେଡି ରାଜନୀତି ଉପରେ ଏହାର କି ପ୍ରଭାବ ପଡିବ ତାହାକୁ ଦଳର ନେତା ଓ କର୍ମୀମାନେ ଅତ୍ୟନ୍ତ ଉତ୍ସୁକତାର ସହିତ ଅପେକ୍ଷା କରିଛନ୍ତି ।

### ବିଶ୍ୱ...

ସବୁ ସ୍ତରରେ ଉଦ୍ୟମ ହେଉଛି। ପ୍ରବାସୀ ଭାରତୀୟମାନେ ଓଡ଼ିଶାର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଦର୍ଶନ ପାଇଁ ଯିବେ। ବିଶେଷ କରି ଭୁବନେଶ୍ୱର, କଟକ ଓ ପୁରୀରେ ଥିବା ୨୮ଟି ଦର୍ଶନୀୟ ସ୍ଥାନର ସୌନ୍ଦର୍ଯ୍ୟକରଣ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ପ୍ରସ୍ତୁତି ଜାରି ରହିଛି ।

ଏଥିସହିତ ପ୍ରବାସୀ ଭାରତୀୟମାନେ ରାଜ୍ୟର ଅନ୍ୟ କେତେକ ଦର୍ଶନୀୟ ସ୍ଥାନକୁ ଯିବାର ସମ୍ଭାବନା ରହୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସେ ସମସ୍ତ ସ୍ଥାନର ସୌନ୍ଦର୍ଯ୍ୟକରଣ, ପରିଚ୍ଛନ୍ନତା ଆଦିକୁ ମଧ୍ୟ ଦୃଷ୍ଟି ଦିଆଯିବା ସଂପର୍କରେ ଆଲୋଚନା କରାଯାଇଥିଲା। ପ୍ରବାସୀମାନଙ୍କ ଯାତାୟତ ପରିପ୍ରେକ୍ଷୀରେ ଭୁବନେଶ୍ୱର ବିମାନବନ୍ଦରରେ ଏଥିପାଇଁ ଆନୁଷଙ୍ଗିକ ପ୍ରସ୍ତୁତି ସଂପର୍କରେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଉପସ୍ଥାପନ କରାଯାଇଥିଲା। ଆୟୋଜନ ହେବାକୁ ଥିବା ପ୍ରଦର୍ଶନୀରେ ଓଡ଼ିଶା ପାଇଁ ଚିହ୍ନଟ କରାଯାଇଥିବା ୪୦ଟି ପ୍ରଦର୍ଶନୀ ଷ୍ଟଲରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଉଦ୍ଦିଷ୍ଟ ସ୍ଥାନରେ ପ୍ରଦର୍ଶନୀ ଆୟୋଜନ ପାଇଁ ପ୍ରସ୍ତୁତି ଜାରି ରହିଥିବା ସଂପର୍କରେ ଆଲୋଚନା କରାଯାଇଥିଲା ।

ପୂର୍ତ୍ତ ବିଭାଗ ତରଫରୁ ରାଜ୍ୟ ସଂଗ୍ରହାଳୟ, ରବିନ୍ଦ୍ର ମଣ୍ଡପ, ଭଞ୍ଜ କଳା ମଣ୍ଡପ, ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର, ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି ଏବଂ ଭୁବନେଶ୍ୱର,ପୁରୀ, କୋଣାର୍କ, ଚିଲିକାକୁ ସଂଲଗ୍ନ କରୁଥିବା ବିଭିନ୍ନ ରାସ୍ତାର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯାଇଛି ।

### କ୍ଷୟକ୍ଷତିର...

କରିବା ପାଇଁ କୁହାଯାଇଛି । ଏହାସହ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଧ୍ୟ ଧାନ ନଷ୍ଟ ହୋଇଥିଲେ କ୍ଷତି ପୂରଣ ପ୍ରଦାନ କରାଯିବ ବୋଲି କହିଥିଲେ।

### ନଦୀ ମଝିରେ ବୋଟ୍ ଅଚଳ

## ପର୍ଯ୍ୟଟକଙ୍କୁ ଉଦ୍ଧାର କଲା ବନ ବିଭାଗ



**ରାଜନଗର, ୨୨।୧୨ (ସଂଚାର ବ୍ୟୁରୋ):** ଭିତରକନିକା ପକ୍ଷୀର ଶୋଭା ଉପଭୋଗ କରିବା ଏବେ ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଆଜି ଭିତରକନିକା ପରିଭ୍ରମଣରେ ଆସିଥିବା ୨୮ ଜଣ ପର୍ଯ୍ୟଟକ କୁମ୍ଭୀର ସାଲୁବାଲୁ ନଦୀ ମଝିରେ ଦୀର୍ଘ ଦୁଇ ଘଣ୍ଟା କାଳ ଅଟକି ରହିଥିଲେ। ସେମାନଙ୍କୁ ନେଇ ଯାଇଥିବା ଦୁଇଟି ବୋଟ ଅଚଳ ହୋଇଯିବାରୁ ପର୍ଯ୍ୟଟକ ମାନେ ନଦୀ ମଝିରେ ଅଟକି ରହିଥିଲେ। ବନ ବିଭାଗ ବୋଟ ପହଞ୍ଚି ସୁରକ୍ଷିତ ଭାବେ ପର୍ଯ୍ୟଟକଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲା। କଟକର ବିଦ୍ୟାଧର ପାଣିଙ୍କ ସହିତ ଆସିଥିବା ୧୮ ଜଣ ପର୍ଯ୍ୟଟକ ଗୁପ୍ତି ଗୋଟିଙ୍ଗ ପଏଣ୍ଟରୁ ମା ମଙ୍ଗଳା ବୋଟ ନେଇ ଭିତରକନିକା ବୁଲି ଯାଇଥିଲେ। ଗୁପ୍ତିରୁ ଡାଙ୍ଗମାଳ ଆସିଥିଲେ। ଭିତରକନିକା ବୁଲି ସାରି ଫେରିବା ବେଳେ ବୋଟଟି ଭିତରକନିକା ନଦୀର ଗୋଧାପାଳ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହୋଇ ଯାଇଥିଲା। ସେହି ସମୟରେ ଯାଜପୁର ଗୋଡ଼ର ୧୦ ଜଣ ପର୍ଯ୍ୟଟକଙ୍କୁ ଗୁପ୍ତି ଫେରୁଥିବା ମା ଗୁପ୍ତଚଣ୍ଡି ବୋଟ ମା ମଙ୍ଗଳା ବୋଟକୁ ଟାଣି ଆଣୁଥିଲା। ୫୦୦ ମିଟର ଆସିବା ପରେ ମା ଗୁପ୍ତଚଣ୍ଡି ବୋଟର କେବୁ ଛିଣ୍ଡିଯାଇଥିଲା। ଫଳରେ ଦୁଇଟି ବୋଟ କୁମ୍ଭୀର ସାଲୁବାଲୁ ନଦୀରେ ଅଚଳ ହୋଇ ପଡ଼ିଥିଲା। ଦୁଇଟି ବୋଟରେ ୨୮ ଜଣ ପର୍ଯ୍ୟଟକ ଭୟଭୀତ ହୋଇ ପଡ଼ିଥିଲେ। ପର୍ଯ୍ୟଟକ ଓ ବୋଟ ଡ୍ରାଇଭର ବନ ବିଭାଗକୁ ଏ ନେଇ ଜଣାଇଥିଲେ।ବନ ବିଭାଗର କନ୍ୟାକୁମାରୀ ଓ ପିକି ଆଶିଷ ନାମକ ଦୁଇଟି ବୋଟ ଘଟଣା ସ୍ଥଳରେ ପହଂଚି ପର୍ଯ୍ୟଟକଙ୍କୁ ଉଦ୍ଧାର କରି ଗୁପ୍ତିରେ ସୁରକ୍ଷିତ ଭାବେ ପହଞ୍ଚାଇଥିଲେ।

# ସୁନାର ଫସଲକୁ ନଷ୍ଟ କଲା ଅଦିନିଆ ବର୍ଷା



ଲଘୁଚାପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି, କ୍ଷେତରୁ ପାଣି ନିଗାଡୁଛି ଚାଷୀ

**କେନ୍ଦ୍ରାପଡ଼ା, ୨୨।୧୨ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷା ଚାଷୀଙ୍କୁ କନ୍ଦେଇ ଦେଇ ଚାଲିଯାଇଛି । ଆଉ ଦିନ କେଇଟା ପରେ ଚାଷୀ ତାର ସୁନାର ଫସଲ ଅମଳ କରି ଘରକୁ ନେଇଥାନ୍ତା ହେଲେ ତା ପୂର୍ବରୁ ନିଜ ଜମିରେ ବର୍ଷା ପାଣି ଜମି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବର୍ଷାର ପ୍ରକୋପ ଏମିତି ରହିଛି ଅଧିକାଂଶ ସ୍ଥାନରେ ଚାଷୀ ଧାନ କାଟି ବିଲରେ କଟଡା ପକାଇଥିବା ବେଳେ ଧାନ ପାଣିରେ ବୁଡ଼ି ଯାଇଛି । ଖାଲୁଆ ଜମିରେ ଯେଉଁ ମାନେ ଧାନ ଚାଷ କରିଥିଲେ ସୋଲଇଥିବା ଧାନ ପାଣିରେ ଲାଗି ଯାଇଛି । ପାଣିରେ ଲାଗିବା ଫଳରେ ଧାନ ଗଜା ହେବା ସମ୍ଭାବନା ମଧ୍ୟ ସୃଷ୍ଟି କରିଛି । ଜିଲ୍ଲାର ଅଧିକାଂଶ ସ୍ଥାନରେ ହେକ୍ଟର ହେକ୍ଟର ଜମିର ଚିତ୍ର ରବିବାର ଦୟନୀୟ ପରିସ୍ଥିତି ସୃଷ୍ଟି କରିଛି। କେଉଁଠି ଚାଷୀ ତାର ଧାନକୁ ପାଣିରୁ ଛାଣି ଉଚ୍ଚ ସ୍ଥାନରେ ସୁଖାଉଛି ତ ଆଉ କିଏ ଜମିରୁ ପାଣି କାଟି ନିଗାଡିବାକୁ ଚେଷ୍ଟା କରିଛି।

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଚାଷ କରିଥିବା ଚାଷୀ ବିଲ ହିଡମୁଣ୍ଡେ ମୁଣ୍ଡରେ ହାତ ଦେଇ ବସିଛି । ଏହି ଅଦିନିଆ ବର୍ଷା ଧାନ ଫସଲ ଯେତିକି ନଷ୍ଟ କରିଛି ତାହାଠୁ ଅଧିକ ପନିପରିବା ଫସଲ ମଧ୍ୟ ଅଧିକ କ୍ଷତି ଘଟାଇଛି। ଦୁଇଦିନ ଧରି ଲାଗି ରହିଥିବା ବର୍ଷା ପରିବା ବିଲରେ ପାଣି ଛିଡ଼ା କରିଦେଇଛି । ପରିବା ଚାଷ ପାଇଁ ଆବଶ୍ୟକଠୁ ଅଧିକ ବର୍ଷା ପାଣି ଜମିବାରୁ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଦେଖାଯାଉଛି । କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର, ମାର୍ଶାଘାଇ, ମହାକାଳପଡା , ଡେରାବିଶ ବ୍ଲକ ଅଂଚଳର ଚାଷୀଙ୍କ ପରିବା ଚାଷ ଅଧିକ କ୍ଷତି ହୋଇଛି । ବିଶେଷ କରି ନଦୀପଠାକୁ ଛାଡ଼ିଲେ ଅନ୍ୟ ସ୍ଥାନରେ ହୋଇଥିବା ଚାଷ ୫୦ ପ୍ରତିଶତ ନଷ୍ଟ କରିଦେଇଛି । ଏହି ଅଦିନିଆ ବର୍ଷା ହେବା ଫଳରେ ପନିପରିବା ଫସଲ ପାଇଁ ମୁଖ୍ୟ ସମସ୍ୟା ହେଉଛି ମୂଳ ସଢ଼ା ରୋଗ। ରବିବାର ସକାଳୁ କେନ୍ଦ୍ରାପଡା ଜିଲ୍ଲାର ପାଗରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଚାଷ ଜମିରେ ଫୁଲ କୋବି, ବନ୍ଧାକୋବି, ଟମାଟୋ, କଳରା, ମୂଳା, ଶାଗ, ଆଳୁଗଛ ସବୁ ଝାଉଁଳିଥିବା ଦେଖା ଦେଉଛି ।

ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ର ଚାଷୀ ବାବାଜୀ ବାରିକ କହିଛନ୍ତି ବର୍ତ୍ତମାନ ପରିବା ଚାଷ ପାଇଁ ସ୍ୱଳ୍ପ ପରିମାଣ ପାଣିରେ ଚାଷ କରାଯାଏ । ଚାଷ ଜମି ପାଣି ଖୋଳୁଥିବା ସମୟରେ ଅଦିନିଆ ବର୍ଷା ଆମ ଫସଲକୁ ନଷ୍ଟ କରିଦେଲା। ହଜାର ହଜାର ଟଙ୍କା ଖର୍ଚ୍ଚ ବିହନ ସାର କୀଟନାଶକ ବ୍ୟବହାର କରି ଆମେ ଚାଷ କରିଥିଲୁ ହେଲେ ଏବେ ଚାଷ କରିବୁ କିଛି ହୋଇ ପଡ଼ିଛୁ । ପୁନର୍ବାର ଚାଷ କରିବା ଆଉ ସମ୍ଭବ ନୁହେଁ କାରଣ ପରିବା ଚାଷର ସମୟ ଚାଲିଯାଉଛି। ବର୍ତ୍ତମାନ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ମାନସିକ ଭାରସାମ୍ୟ ହରାଇ ପୁଅ ଆତ୍ମହତ୍ୟା କରିଥିବା ବାପାର ଅଭିଯୋଗ

**କୁଜଙ୍ଗ, ୨୨।୧୨ (ସଂଚାର ବ୍ୟୁରୋ):** କୁଜଙ୍ଗ ଥାନା ଅନ୍ତର୍ଗତ ନଛିପୁର ଗ୍ରାମର ଗଙ୍ଗାଧର ସାଙ୍ଗଙ୍କ ସାନ ପୁଅ ଲମ୍ବୋଦର (୨୬) ଭାରସାମ୍ୟ ହରାଇ ତାଙ୍କ ଗ୍ୟାରେଜ ଘରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ ନାଛିପୁର ଛକରେ ତାଙ୍କର ଏକ ଗ୍ୟାରେଜ ଥିଲା । ମୃତ ଲମ୍ବୋଦର ଗ୍ୟାରେଜ ଘର ଭିତରପଟୁ କବାଟ ବନ୍ଦ କରି ଶୋଇଥିଲା। ରବିବାର ସକାଳ ୭ ଘଟିକା ସମୟରେ ଶଙ୍କର ଓ ଗ୍ୟାରେଜ ପିଲା ଆସି ପଛୁଆ କବାଟ ଦେଇ ଶୋଇଥିବା ଲମ୍ବୋଦରକୁ ଡାକିବା ସାଙ୍ଗକୁ ତାର ମୋବାଇଲକୁ ଫୋନ କରିଥିଲେ । ସେ ନଶୁଣିବା ଯୋଗୁ ଝରକା କବାଟ ଭାଙ୍ଗି ଦେଖିବାରେ ତାଙ୍କ ପୁଅ ଆଲବେଷ୍ଟସ ପାଇପରେ ରସି ଲଗାଇ ଝୁଲୁଛି । ସଙ୍ଗେ ସଙ୍ଗେ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିଲେ । କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଶଙ୍କର ତାଙ୍କ ପୁଅ ମାନସିକ ଭାରସାମ୍ୟ ହରାଇ ଆତ୍ମ ହତ୍ୟା କରିଥିବା କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

# ସ୍ୱାମୀଙ୍କ ଶୁଦ୍ଧି ପାଇଁ ଅର୍ଥ ଅଭାବ

### ସହାୟତା ପାଇଁ ପ୍ରଶାସନକୁ ଅନୁରୋଧ କଲେ ପତ୍ନୀ

**କେନ୍ଦ୍ରାପଡ଼ା/ମାର୍ଶାଘାଇ, ୨୨।୧୨ (ସଂଚାର ବ୍ୟୁରୋ):** ସ୍ୱାମୀଙ୍କ ମୃତ୍ୟୁ ପରେ ଜଣେ ଅସହାୟ ପତ୍ନୀ ଏବେ ସ୍ୱାମୀଙ୍କ ଦଶାହ କର୍ମ କିପରି କରିବେ ସେନେଇ ଚିନ୍ତାରେ ଅଛନ୍ତି। ଘରର ଏକମାତ୍ର ରୋଜଗାରିଆ ପୁରୁଷଙ୍କ ଦେହାନ୍ତ ପରେ ପରିବାର ସଦସ୍ୟ ଭାଙ୍ଗି ପଡ଼ିଛନ୍ତି। ଯାହା ପାଇଁ ପରିବାର ଜଣ ଖୁସିରେ ଚାଲୁଥିଲା ସିଏ ହଠାତ୍ ମୃତ୍ୟୁବରଣ କରିବା ପୁରା ପରିବାର ପାଇଁ ଦୁଃଖର ପାହାଡ ସୃଷ୍ଟି କରିଛି । ବର୍ତ୍ତମାନ ପାଖରେ ଅର୍ଥ ନାହିଁ ଏମିତି ପରିସ୍ଥିତିରେ ସ୍ୱାମୀଙ୍କ ଦଶାହ କାର୍ଯ୍ୟ କିପରି କରିବେ ପତ୍ନୀ କାନ୍ଦି କାନ୍ଦି ଦିନ କାଟୁଛନ୍ତି । ଶୁଦ୍ଧିକ୍ରିୟା କରିବାକୁ ସକ୍ଷମ ନଥିବା ପତ୍ନୀ ଏବେ ସରକାରୀ ଓ ବେସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ରାଘବପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ।



ଉକ୍ତ ଗ୍ରାମର ସସ୍ମିତା ସେଠୀଙ୍କ ସ୍ୱାମୀ ସମୀର ସେଠୀଙ୍କ ୪୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ସମୀର ଜଣେ ଦୈନିକ ମଜୁରୀ ଦର ହିସାବରେ ଡ୍ରାଇଭର କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। ଦିନେ ସେ ଗାଡ଼ି କାମ ସାରି ଘରେ ବସିଥିଲେ। ହଠାତ୍ ତାଙ୍କ ମୁଣ୍ଡରେ ପ୍ରବଳ ଯନ୍ତ୍ରଣା ହେବାରୁ ପଡିଶା ଲୋକେ ତାଙ୍କୁ ସ୍ଥାନୀୟ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଅର୍ଥାତ ୧୪ ତାରିଖରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମୀରଙ୍କ ମୃତ୍ୟୁ ପରେ ଏବେ ସମ୍ପୂର୍ଣ୍ଣ ଅସହାୟା ହୋଇ ପଡିଛନ୍ତି ପରିବାର। ଆଠ ବର୍ଷର ଝିଅ, ୩ ବର୍ଷର ପୁଅ ଓ ଶାଶୁଙ୍କୁ ନେଇ କେମିତି ଚଳିବେ ଓ ସ୍ୱାମୀଙ୍କ ଦଶାହ କାର୍ଯ୍ୟ କିପରି କରିବେ ସେ ଚିନ୍ତାରେ ସସ୍ମିତା। ସୋମବାର ତାଙ୍କର ଦଶାହ କାର୍ଯ୍ୟ ହେଲେ ପାଖରେ ଅର୍ଥ ନାହିଁ କିଛି ଅର୍ଥ ରାଶି ସହଯୋଗ ପାଇଁ ସେ ସରକାରଙ୍କୁ ଗୁହାରି କରିଛନ୍ତି। ପ୍ରଶାସନ ତରଫରୁ ଉକ୍ତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସସ୍ମିତା ଓ ଗ୍ରାମବାସୀ ଦାବି କରିଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତା ଯୋଗାଇ ଦେଲା ମହାକାଳପଡ଼ା ୟୁଥ୍ ଗ୍ରୁପ୍

**ମହାକାଳପଡ଼ା, ୨୨।୧୨ (ସଂଚାର ବ୍ୟୁରୋ):** ଅଗ୍ନି ବିପନ୍ନ ପରିବାରକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ସହାୟତା ଯୋଗାଇ ଦିଆଯାଇଛି। ଗ୍ରୁପ୍ ର ସଦସ୍ୟମାନେ ଅଗ୍ନି ବିପନ୍ନଙ୍କୁ ଭେଟି ଏହି ସହାୟତା ପ୍ରଦାନ କରିଛନ୍ତି। ଗତକାଲି ରାତ୍ରି ସମୟରେ ମହାକାଳପଡ଼ା ବ୍ଲକ ଯଦୁପୁର ପଞ୍ଚାୟତ ଖସାଡି ଗ୍ରାମର ଯୋଗେନ୍ଦ୍ର ସ୍ୱାଇଁଙ୍କ ଘରେ ନିଆଁ ଲାଗି ୪ ବଖରା ଚାଳଘର ସହିତ ଧାନ,ଚାଉଳ, ଲୁଗାପଟା ଓ ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ବିପନ୍ନ ପରିବାର ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ଆଜି ମହାକାଳପଡ଼ା ୟୁଥ୍ ଗ୍ରୁପ୍ ମହାକାଳପଡ଼ା ପରିବାର ତରଫରୁ ସହାୟତା ଯୋଗାଇ




ଦିଆଯାଇଛି। ୟୁଥ୍ ଗ୍ରୁପ ର ସଦସ୍ୟମାନେ ଚାଉଳ,ଡାଇ,ଅଟା, ପନିପରିବା ଓ ଅନ୍ୟାନ୍ୟ ସରଞ୍ଜାମ ଆଦି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୟୁଥ୍ ଗ୍ରୁପ୍ ସଦସ୍ୟ କୁନାଲ ବସନ୍ତିଆ, ବିଶ୍ୱଜିତ ଦାସ, ବିଶ୍ୱ ରଞ୍ଜନ ସ୍ୱାଇଁ, ସୁଧାଂଶୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ସହିତ ଆବାସ ଯୋଜନା ପ୍ରଦାନ କରିବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ ର ସଦସ୍ୟମାନେ ଦାବି କରିଛନ୍ତି।

### ଲଘୁଚାପ ବର୍ଷା ଭାଙ୍ଗିଦେଲା ଭାତହାଣ୍ଡି

# ଚିନ୍ତାରେ ଚାଷୀ, କେବେ ମିଳିବ ସହାୟତା ?

**ପଟ୍ଟାମୁଣ୍ଡାଇ, ୨୨।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳରେ ଗତ ୨/୩ ଦିନ ଧରି ହୋଇଥିବା ଲଘୁଚାପଜନିତ ଲଗାଣବର୍ଷା ଉଜାଡି ଦେଇଛି ପଟ୍ଟାମୁଣ୍ଡାଇ ଅଂଚଳର ଭାତହାଣ୍ଡି। ବର୍ଷାରେ ଶହ ଶହ ଏକର ଚାଷ ଜମି ପାଣିରେ ବୁଡି ଯାଇଛି । ଏପରିକି କ୍ଷେତ ଓ ଖଳାରେ ଥିବା ପାଚିଲା ଧାନ ବର୍ଷା ପାଣିରେ ବୁଡି ଯାଇ ନଷ୍ଟ ହେବାକୁ ବସିଛି। କଚଡ଼ା ସହ ଶହ ଶହ ଧାନ ବସ୍ତା ମଧ୍ୟ ବର୍ଷାରେ ଭିଜି ନଷ୍ଟ ହେବା ଦେଖାଯାଉଛି। ବହୁ ଆଶା ଭରସା କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ସୁନାର ଫସଲ କରିଥିଲା । ଫସଲ କରିବା ପାଇଁ ବ୍ୟାଙ୍କ ଓ ସାହୁକାର ଠାରୁ ଋଣ ନେଇ ଏବେ ଗରିବ ଚାଷୀ ଜଣକ ହରଡ଼ଘଣାରେ ପଡିଛି । ବର୍ଷକର ଦାନା ଚାଲିଯାଇଥିବା ବେଳେ ଧାନ ଚାଷ ପାଇଁ କରିଥିବା ଋଣ କିପରି ସୁଝିବ ସେଥି ପାଇଁ ଚିନ୍ତାରେ ପଡିଛି।

ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି, ବଲୁରିଆ, ତରଡ଼ିପାଳ, ପେଣ୍ଠପାଳ, ଅଳପୁଆ, ସିଂହଗାଁ, ବାଲିପାଟଣା, ବାଛରା, ନୀଳକଣ୍ଠପୁର, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଶାସନ ଓ ଉତିକଣ ଅଂଚଳର ଚନ୍ଦନନଗର, ଦୋଷିଆ, ଓଉପଦା, ସଂସାରଫଳ, ଖଣତା, ବିଲିକଣା, ବଡ଼ପଡା, ବଡ଼ମୋହନପୁର, ଦିହୁଡିପୁର, ସାନଜରିଆ, ଅରଡ଼ପଲ୍ଲୀ, ଗଙ୍ଗାରାମପୁର, କଖାରୁଣୀ, ଖଡ଼ିଅଣ୍ଟା, ନରସିଂହପୁର, ଡିହାପଡା, ବଡ଼ମୂଳବସନ୍ତ ଆଦି ବିଭିନ୍ନ ପଂଚାୟତରେ ଥିବା ହଜାର ହଜାର ଏକର ଚାଷ ଜମିରେ ହୋଇ ଥିବା ସୁନାର ଫସଲ ବର୍ଷାରେ ଭିଜି ଯାଇ ଉଜୁଡିବାକୁ ବସିଛି । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧକ୍ଷ ମାନସ ରଞ୍ଜନ ସାମଲ ବର୍ଷା କ୍ଷତିଗସ୍ତ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ ଫସଲହାନୀ ସମ୍ପର୍କରେ ଚାଷୀମାନଙ୍କ ସହିତ ଆଲୋଚନା କରି ସହାୟତା ପାଇଁ ସରକାରଙ୍କ ଠାରେ ଦାବୀ କରିଛନ୍ତି । ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସ୍ଥିତି ମଧ୍ୟ ବିଗିଡି ଯାଇଛି । ଲଘୁଚାପ ବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବାଲିପଡ଼ା, କଷଣଅଣ୍ଟା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, ପୋଖରୀଆପଡା, ତନୁପୁର, ନନ୍ଦିନୀନଗର, ନୂଆଗାଁ, କାକୁଡିପଲ୍ଲୀ, ଅଳଭା, ମାଟିଆ, ବେଲତଳ ଓ ଦକ୍ଷିଣଦିଆ ଆଦି ବିଭିନ୍ନ ଅଂଚଳରେ ଥିବା ଶହ ଶହ ଏକର ଜମିର ଧାନ ଫସଲ ସହ ପନିପରିବା ଫସଲ ମଧ୍ୟ ଉଜୁଡି ଯାଇଛି । ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ବର୍ଷା ଯୋଗୁଁ କ୍ଷତିଗସ୍ତ ଚାଷ ଜମି ବୁଲି ଦେଖିବା ସହିତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସରକାରଙ୍କ ଠାରେ ଦାବୀ କରିଛନ୍ତି।

# ଜିଲ୍ଲା ପରିକ୍ରମା କରିବ ପାଣି ପଞ୍ଚାୟତ ସଚେତନତା ରଥ

**କେନ୍ଦ୍ରାପଡ଼ା, ୨୨।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ୨୨ ତରିଖଠୁ ଆସନ୍ତା ୦୫ ତାରିଖ ପର୍ଯ୍ୟନ୍ତ ପାଳନ ଅବସରରେ ରବିବାର ଦିବା ୧୦ ଘଟିକା ସମୟରେ ପାଣି ପଞ୍ଚାୟତ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁଭ ଉଦଘାଟନ କରିଛନ୍ତି। ଏହି ରଥଟି ରବିବାର ଠୁ ୨୯ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟ ଓ ସେଚ ଅଞ୍ଚଳରେ ଥିବା ମୁଖ୍ୟ ମାର୍ଗ ଦେଇ ପାଣି ପଞ୍ଚାୟତ ଓ ଜଳସେଚନ ସମ୍ବନ୍ଧୀୟ ବାର୍ତ୍ତା ପ୍ରଚାର କରିବ। ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ସମାବେଶ ଜଣ୍ଟିଲୋ ଠାରେ ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ, ଡେରାବିଶ, ପଟ୍ଟାମୁଣ୍ଡାଇ ଓ ପାଟକୁରା ଜଳସେଚନ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ।




ଉକ୍ତ ବୈଠକରେ ଅଗ୍ରଣୀ ଚାଷୀ,ସେଚ ଅଞ୍ଚଳର ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ଜଳସେଚନ ବିଭାଗର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ବିଭାଜନ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

### ନୟାଗଡ଼ ଜିଲ୍ଲା ମହୋତ୍ସବ

## ଅତିଥି ତାଲିକାରୁ ଭାପୁର ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ବାଦ

**ନୟାଗଡ଼, ୨୨।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ନୟାଗଡ଼ ଷ୍ଟାଡିୟମ ଠାରେ ଆସନ୍ତା ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ମହୋତ୍ସବ, ପଲ୍ଲିଶ୍ରୀ ମେଳା, କୃଷକ ମେଳା ଓ ପୁସ୍ତକ ମେଳା ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଉଦ୍‌ଘାଟନି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥି ସହିତ ଜିଲ୍ଲାର ୪ ବିଧାୟକଙ୍କ ସମେତ ୩ ସାଂସଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଗତକାଲି ଇ-କାର୍ଡ ମାଧ୍ୟମରେ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ କାର୍ଡ ବଣ୍ଟନ କରାଯାଇଛି । ଜିଲ୍ଲାର ସମସ୍ତ ବିଧାୟକ, ସାଂସଦ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ୭ ଗୋଟି ବ୍ଲକର ଅଧ୍ୟକ୍ଷ, ମୁନିସପାଲିଟି ଓ ଏନଏସିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ମାନଙ୍କୁ ଅତିଥି ଭାବରେ ଚୟନ କରାଯାଇଛି । ଏଥି ସହିତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ମାନଙ୍କୁ

**ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅତିଥି**

ମଧ୍ୟ ଅତିଥି କରାଯାଇଛି । ଉକ୍ତ ଅତିଥି ତାଲିକାରେ ସମସ୍ତ ବ୍ଲକର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ମାନଙ୍କର ନାମ ଥିଲେ ମଧ୍ୟ ଭାପୁର ବ୍ଲକର ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଓ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କର ନାମ କାର୍ଡରେ ନାହିଁ । ଯାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଯୋର ଧରିଛି । ଅନ୍ୟ ପକ୍ଷରେ ରାଜ୍ୟ ବିଜେପିର ଯୁବମୋର୍ଚ୍ଚା ସଭାପତି ଅଭିଳାସ ପଣ୍ଡା ଅତିଥି ଭାବେ ରହିଥିବା ବେଳେ ଭାପୁର ବ୍ଲକ ଅଧ୍ୟକ୍ଷା ଓ ଉପଧ୍ୟକ୍ଷାଙ୍କର ନାମ ତାଲିକାରେ କାହିଁକି ରହିନାହିଁ ଏହା ସୋଶିଆଲ ମିଡିଆରେ ଘୁରି ବୁଲୁଛି । କେଉଁ କରିତି କର୍ମୀ ଏଭଳି କାର୍ଯ୍ୟ କରିଛନ୍ତି ଏହାକୁ ନେଇ ରାଜନୈତିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯାହାକୁ ନେଇ ସାରା ଜିଲ୍ଲାରେ ଚର୍ଚ୍ଚା ଯୋର ଧରିଛି । ଯେଉଁ ମାନେ ଅତିଥି ଚୟନ କରିଛନ୍ତି ସେମାନଙ୍କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେଉଁ ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟ କରାଯାଇଛି ଏହା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

## ଖୋର୍ଦ୍ଧା ଜିଲ୍ଲା ଅଧିବକ୍ତାଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଅଭିନନ୍ଦନ

**ଖୋର୍ଦ୍ଧା, ୨୨।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାର ସମସ୍ତ ଓକିଲ/ଅଧିବକ୍ତାମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଚିଠି ନମ୍ବର୍ ୨୦୨୪୬୮୬୩୫୪/ ତା ୧୮,୧୨,୨୦୨୪ ରିଖ ଅନୁଯାୟୀ ଚଳିତ ବର୍ଷ ଅଧିବକ୍ତା କଲ୍ୟାଣୀ ପାଣ୍ଠି ଆଇନଜୀବୀଙ୍କ ଦେହାନ୍ତ ଓ ଅବସରକାଳୀନ ସହାୟେତା ରାଶିକୁ ୧୦ କୋଟି ଟଙ୍କା ବୃଦ୍ଧି କରାଯାଇଥିବାରୁ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ମାନ୍ୟବର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ରାଜ୍ୟ ଅଧିବକ୍ତା ପରିଷଦର ସଭାପତି ଅଜିତ କୁମାର ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ଆଇନ ପ୍ରକୋଷ୍ଠ ସଂଯୋଜକ ଲୋଟକ ବିନ୍ଦୁ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ଅଧିବକ୍ତା ସଂଘର ସଭାପତି ପବିତ୍ର ମୋହନ ରାଜଗୁରୁ, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ମନୋଜ କୁମାର ପଟ୍ଟନାୟକ, ସନତ କୁମାର ପଟ୍ଟନାୟକ, ଅଜିତ କୁମାର ମିଶ୍ର, ଶ୍ରୀମତୀ ଆରତି ପଟ୍ଟନାୟକ,ପ୍ରଭାତ କୁମାର ମହାପାତ୍ର, ସ୍ମିତାରାଣୀ ମିଶ୍ର, ଗଜଲକ୍ଷ୍ମୀ ଷଡଙ୍ଗୀ, ନିରଞ୍ଜନ ବାଘସିଂ, ନିରଞ୍ଜନ ବଳବନ୍ତରାୟ, ପ୍ରଦୀପ୍ତ ମଙ୍ଗରାଜ, ରାଜକିଶୋର ପଣ୍ଡା, ସ୍ମିତାରାଣୀ ଅଗ୍ରୱାଲ ଓ ପ୍ରଦୀପ୍ତ ଧଳ ପ୍ରମୁଖ ଏବଂ ସମସ୍ତ ଅଧିବକ୍ତା/ଓକିଲ ବନ୍ଧୁମାନେ କୃତଜ୍ଞତା ଜଣାଇଛନ୍ତି।

# ବିପଦକୁ ଡାକୁଛି ବିଦ୍ୟୁତ ତାର

**ମହାକାଳପଡ଼ା, ୨୨।୧୨ (ସଂଚାର ବ୍ୟୁରୋ):** ହାତ ପାହାନ୍ତାରେ ଝୁଲୁଛି ବିଦ୍ୟୁତ ତାର। ଭୂମି ଠାରୁ ଚାରିରୁ ପାଞ୍ଚ ଫୁଟ ଉଚ୍ଚତାରେ ରହିଥିବା ଏହି ବିଦ୍ୟୁତ ତାର ଏବେ ଲୋକଙ୍କ ପାଇଁ ଆତଙ୍କର କାରଣ ସାଜିଛି। ପାଖରେ ସ୍କୁଲ ଓ ଅଙ୍ଗନବାଡି ରହିଛି। କୁନିକୁନି ପିଲାମାନଙ୍କ ଠାରୁ ଆରମ୍ଭ କରି ଗାଁ ଲୋକେ ଏହି ବାଟରେ ଯାଉଛନ୍ତି। ତଳେ ଝୁଲୁଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି କାହାର ଯେ କେତେବେଳେ ଦୁର୍ଘଟଣା ଘଟିବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏମିତି ଅଭିଯୋଗ ରାକେଶ ସୂତାର ନାମକ ଜଣେ ୱାର୍ଡ ସଭ୍ୟ ଉଠାଇଛନ୍ତି।

ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ତିଖିରି ଗ୍ରାମର ବାପୁଜୀ ଉଚ୍ଚ ବିଦ୍ୟାଳୟ ନିକଟରେ ରାସ୍ତା ପାର୍ଶ୍ୱରେ ୬ ଗୋଟି ଆଲୋକ ଖୁଣ୍ଟ ଡି.ଆର.ଡି.ଏ ତରଫରୁ ଲାଗିଛି। ହେଲେ ଦୀର୍ଘ ଛଅ ମାସ ହେଲାଣି ଓହଳି ଥିବା ବିଦ୍ୟୁତ ତାର ଉପରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାଁନ୍ତି ବୋଲି ସେ ଭିଡିଓ ବାର୍ତ୍ତା ମାଧ୍ୟମରେ ସରକାରଙ୍କୁ



ଗୁହାରି କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯେ ଏତେ ତଳେ ବିଦ୍ୟୁତ ତାର ଝୁଲୁଛି ହେଲେ ବିଦ୍ୟୁତ ବିଭାଗ ଏଥିପାଇଁ ପଦକ୍ଷେପ ଗ୍ରହଣ କରୁନି କ'ଣ ପାଇଁ ? ଲୋକମାନଙ୍କ ସୁରକ୍ଷା ପାଇଁ ବିଦ୍ୟୁତ ବିଭାଗ କାମ କରୁଛି ନା ଲୋକଙ୍କ ଜନଜୀବନ ବିପଦରେ ପକାଇବା ପାଇଁ। ଯଦି ଏହି ତାରରେ କାହାରି କିଛି ଦୁର୍ଘଟଣା ଘଟିବ ତେବେ ତାହାର ଶ୍ରେୟ ବିଦ୍ୟୁତ ବିଭାଗ ନେବ ନା ପ୍ରଶାସନ ? ତୁରନ୍ତ ଏହି ସମ୍ବେଦନଶୀଳ ଘଟଣା ଉପରେ ବିଭାଗ ତରଫରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## କୁଜଙ୍ଗ ଶିଶୁ ମନ୍ଦିରରେ ଗଣିତ ଦିବସ




**କୁଜଙ୍ଗ, ୨୨।୧୨ (ସଂଚାର ବ୍ୟୁରୋ):** କୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ମଧ୍ୟରେ ଯାତୀୟ ଗଣିତ ଦିବସ ପାଳିତ ହୋଇ ଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇତିବା ଏହି ଉତ୍ସବରେ ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବିସ ରାମାନୁଜଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରାଯାଇତିଲା। ବିଦ୍ୟା ମନ୍ଦିରର ପ୍ରମୁଖ ଉଦୟଭାନୁ ମହାପାତ୍ରଙ୍କ ସଞ୍ଚୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିତ ବିଭାଗର ପ୍ରମୁଖ ବିରଞ୍ଚି ନାରାୟଣ ରାଉତ, ଦିବା ପର୍ଯ୍ୟାୟ ପ୍ରମୁଖ ଅଞ୍ଜଳୀପ୍ରଭା ମହାରଣା, ରୁନୁବାଳା ମହାପାତ୍ର ପ୍ରମୁଖ ପ୍ରସଙ୍ଗ ଭିତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତଃ ପର୍ଯ୍ୟାୟ ପ୍ରମୁଖ ସୁଚିତ୍ରା ଜେନା, କାର୍ଯ୍ୟକ୍ରମ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

## ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟ ୨୦୦୨ ବ୍ୟାଚର ବନ୍ଧୁ ମିଳନ

**ନାଉଗାଁ, ୨୨।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଅଙ୍ଗେଶ୍ୱରପଡା ସ୍କୁଲର ୨୦୦୧ ମାଟ୍ରିକ ବ୍ୟାଚର ସ୍କୁଲ ପରିସରରେ ଆଜି ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବୁଠାରୁ ବଡ଼ କଥା ହେଉଛି ଯେତେବେଳ ପୁରାତନ ଛାତ୍ରଛାତ୍ରୀମାନେ ବନ୍ଧୁମିଳନ କାର୍ଯ୍ୟକ୍ରମ ଫାଇବଷ୍ଟାର୍ ହୋଟେଲ ସମେତ ବିଭିନ୍ନ ଦାର୍ଶନିକ ସ୍ଥାନରେ ଆଧୁନିକ ପରମ୍ପରାରେ ପାଳନ କରୁଛନ୍ତି କିନ୍ତୁ ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ଆଧୁନିକ ବାତାବରଣକୁ ପଛରେ ପକାଇ ସ୍କୁଲର ପରିବେଶ ଭିତରେ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ବନ୍ଧୁ ମିଳନ କାର୍ଯ୍ୟକ୍ରମର ଆୟୋଜନ କରି ଏହି ବ୍ୟାଚ୍‌ଟି ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛନ୍ତି।



ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରଥମେ ସ୍କୁଲର ପୁରାତନ ଶିକ୍ଷକ ମାନକୁ ସ୍ୱାଗତ କରାଯାଇଥିଲା। ସ୍କୁଲ ପରିସରରେ ଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସ୍କୁଲର ଅନନ୍ୟା ବ୍ୟକ୍ତିତ୍ୱ ଶିକ୍ଷକ ସ୍ୱର୍ଗତ ଭଗବାନ ଦାଶଙ୍କ ସମେତ ପ୍ରଭୁଃ ଜଗତରନାଥ ଜଗନ୍ନାଥଙ୍କ କରକମଳରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକମାନକୁ ଛାତ୍ରଛାତ୍ରୀମାନେ ନିଜ ଗହଣରେ ମଞ୍ଚକୁ ପାଛୋଟି ଆଣିଥିଲେ। ସମସ୍ତ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍କୁଲର ଶିକ୍ଷକ ମାନକୁ ଗୁରୁପୂଜନ କାର୍ଯ୍ୟକ୍ରମ କରାଯାଇ ସମର୍ଦ୍ଧିତ କରାଯାଇଥିଲା। ସ୍କୁଲର ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କ ସହିତ କଟାଇଥିବା ଅତୀତର ସେହି ଶିକ୍ଷା ଦାନ ବିଷୟରେ ଆଲୋଚନା କରିବା ସହିତ ପିଲାମାନଙ୍କୁ ନିଜର ଦୁଃଖ ସୁଖ ପଚାରି ବୁଝିଥିଲେ। ପରେ ପରେ ସମସ୍ତ ପୁରାତନ ବନ୍ଧୁ ମାନେ ଦୀର୍ଘ ଦିନ ପରେ ଏକାଠି ହୋଇଥିବା ବେଳେ ଅତୀତରେ ସ୍କୁଲ ଜୀବନରେ କଟିଥିବା ସେହି ଅବିସ୍ମରଣୀୟ ଦିନ ଗୁଡିକୁ ମନେ ପକାଇ ବେଶ ଖୁସି ମନାଇଥିଲେ।

**AFFIDAVIT**

I, Balunkeswar Pradhan, aged 44 years, S/o- Jatadhari Pradhan, resident of Basudeipur, Po: Dandamukundapur, Ps:Pipili, Dist: Puri, Odisha do hereby solemnly affirm and state as follows: That I am the deponent of the affidavit. That the original ROR on the landed property of Khata No: 620 , Chaka No: 160 , Plot No: 356 measuring Area Ac: 0.130 dec of Mouza : Arisal, Thana/ Tahasil : Delanga, Dist: Puri, in the name of recorded Murali Muduli , S/o- Udyanath Muduli lost on the way travelling from Makundapur to Pipili on dt. 19.12.2024 at about 6:30 P.M inspite of my best efforts I could not trace it out. I have not used the said ROR anywhere else for any purpose and if so I will be responsible for that. I need a certified copy of said ROR for future require. That the affidavit is required to be produced before the concerned authority for necessary action. The facts stated above are true to the best of my knowledge

**Balunkeswar Pradhan**
**Deponent**

**ଡକ୍ୟୁମେଣ୍ଟ ହଜିଛି**

ଓଡ଼ିଶା, ଖୋର୍ଦ୍ଧା ମୌଜାରେ ଖାତା ନଂ ୨୩୮/୯୮୦ ପ୍ଲଟ ନଂ ୧୦/୨୦୦୭ ଏରିଆ ୦.୦୭୨ ଡେସିମିଲ ଏକର ଚୁନିମଣୀ ଖଣ୍ଡାୟତରାୟ, ସ୍ୱାମୀ-ବୈଦ୍ୟନାଥ ବରାଳଙ୍କ ନାମରେ ଥିବା ସମ୍ପତ୍ତି ଯାହାର ସେଲ୍‌ଡି ନଂ ୭୧୯/୦୨ ତାରିଖ ୨.୪.୨୦୦୨ କାଗଜପତ୍ର ଶ୍ରୀମତୀ ଚୁନିମଣୀ ଖଣ୍ଡାୟତରାୟ, ସ୍ୱାମୀ-ବୈଦ୍ୟନାଥ ବରଳାଙ୍କ ଭୁବନେଶ୍ୱର ନୟାପଲ୍ଲୀ ଆଇସିସିଆଇ ବ୍ୟାଙ୍କ ରାସ୍ତାରେ କେଉଁଠି ହଜି ଯାଇଛି।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଏକ ଲିଖିତ ଅଭିଯୋଗ ଷ୍ଟେସନ ଡାଇରୀ ଜେନେରାଲ ଡାଏରୀ ନଂ ୦୧୯ ତାରିଖ ୪.୧୨.୨୦୨୪ରେ ହୋଇଅଛି। ଯଦି କାହାକୁ ଏହି କାଗଜପତ୍ର ମିଳେ ତେବେ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ଜଟଣୀ ଶାଖା, କୋଡ-୧୨୦୨୮ରେ ହସ୍ତାନ୍ତର କରିବାକୁ ମୁଁ ଶ୍ରୀମତୀ ଚୁନିମଣୀ ଖଣ୍ଡାୟତରାୟ ଅନୁରୋଧ କରୁଛି।

କାରଣ ଉପରୋକ୍ତ ବ୍ୟାଙ୍କରୁ ମୁଁ ଗୋଟିଏ ହାଉସିଂ ଋଣ ନେବାକୁ ଯାଉଛି।

ମୋବାଇଲ ନଂ - ୭୮୪୮୮୦୪୦୨୦




## ବିଲଡରଙ୍କ ହାତରେ ସୁଦର୍ଶନ ଚକ୍ର

ରାଜଧାନୀର ବିଲଡରମାନଙ୍କ ହାତରେ ଏବେ ସୁଦର୍ଶନ ଚକ୍ର ଲାଗିଛି। ଏହି ଚକ୍ର ଜରିଆରେ ଯେଉଁ ଜମିକୁ ଯେମିତି ପାରୁଛନ୍ତି ସେମିତି ଦର କଷୁଛନ୍ତି। ଯାହାକୁ ଚାହୁଁଛନ୍ତି ତାକୁ ବିକୁଛନ୍ତି। ବିକ୍ରି ହେଉଥିବା ଜମିରେ ବି କେଁ ପୂରାଇ ଦେଉଛନ୍ତି। ସାଧାରଣ ପ୍ରଶାସନ ବିଭାଗରେ ହେଉଥିବା ଆଲୋଚନା ଅନୁଯାୟୀ ଏହି ଦୁଇ ଗୋଟିଆ ସୁଦର୍ଶନ ଚକ୍ର ଏବେ ବିଲଡରମାନଙ୍କ ପାଇଁ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରଭଳି କାର୍ଯ୍ୟ କରୁଛି। ସରକାର ଜମି ଜମା ନଥିକୁ ରେକର୍ଡ ରୁମ୍‌ର ସାତ ତାଳ ପଙ୍କତଳେ ଲୁଚାଇ ରଖିଲେ ବି ସୁଦର୍ଶନଚକ୍ର ସବୁ ସୁରକ୍ଷା ବଳୟ ଭାଙ୍ଗି ନିମିଷକରେ ତାହାର ନକଲ ବିଲଡରଙ୍କ ହାତରେ ପହଞ୍ଚାଇ ଦେଉଛି। ଅବଶ୍ୟ ଏଥିପାଇଁ ସୁଦର୍ଶନଚକ୍ରର ବେଶ୍ ପୂଜାର୍ଚ୍ଚନା କରିବାକୁ ପଡୁଛି। ସୁଦର୍ଶନଙ୍କ ନିକଟରେ ନିୟମିତ ମଦନପୁରିଆ ଭୋଗ ଲାଗି ହେଉଥିବାରୁ ସିଏ ଦୁଇଗୁଣା ଉତ୍ସାହରେ ରେକର୍ଡ ରୁମ୍ ତଥ୍ୟ ପାଉଥିବା ନେଇ ଆଲୋଚନା ହେଉଥିବାବେଳେ ଏବେ ରାଜଧାନୀର ଆଉ କିଛି ବିଲଡର ସୁଦର୍ଶନଙ୍କ ଦର୍ଶନ ପାଇଁ ଲୋକସେବା ଭବନ ଆଖପାଖରେ ବଡ ବଡ ଗାଡି ଧରି ଚକ୍କର କାଟୁଥିବା ଦେଖିବାକୁ ମିଳୁଛି।



## ବିଷ୍ଣୁଙ୍କ ମାୟା ଅଗୋଚର

ବିଷ୍ଣୁଙ୍କ ମାୟା ଅଗୋଚର। ପୁରାଣରେ ରୁଚି ରଖୁଥିବା ଲୋକେ ଆଲୋଚନା ଛଳରେ ଏହା କୁହନ୍ତି। ବିଷ୍ଣୁଙ୍କ ମାୟା ଦେଖିନଥିବା ଲୋକେ ବି ଏହାକୁ ପ୍ରଭୁଙ୍କ ଲୀଳା ଭାବି ଗ୍ରହଣ କରିଥାନ୍ତି। ହେଲେ ଏବେ ରାଜଧାନୀରେ ପ୍ରଶାସକ ବିଷ୍ଣୁଙ୍କ ମାୟା ଦେଖିଲା ପରେ ଅନେକ ପୁରାଣ କଥା ସହିତ ଏହାକୁ ମିଳାଇବାରେ ଲାଗିଛନ୍ତି। ପ୍ରଶାସକ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ କରିବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି, ପ୍ରଶାସନ ଓ ମିଡିଆ ଉଠିଥିଲା ପଡିଥିଲା। କେତେବେଳେ ବିଷ୍ଣୁ ସିବିଆଇ ଅଫିସରେ ପହଞ୍ଚିବେ ତାହାର ଲାଇଭ କଭରେଜ ପାଇଁ ସେଠାରେ ଅନେକ ସାମ୍ବାଦିକ ଏକ ପ୍ରକାର ଅଧିଆ ପଡିଥିଲେ। ଆଉ କିଛି ବିଷ୍ଣୁଙ୍କ ଘର ସାମ୍ନାରେ ମଡୁମାଛିଙ୍କ ବିନ୍ଧା ବି ଖାଇଲେ। ବିଷ୍ଣୁ ଆଜି ହାଜର ହେବେ, କାଲି ହାଜର ହେବେ ବୋଲି ଖବର ବାହାରକୁ ଆସିଲା। ହେଲେ ଶେଷରେ ସବୁ କିଛି ଫୁସୁକି ଗଲା। ବିଷ୍ଣୁ ଆସିଲେନି କି ସିବିଆଇ ବି କିଛି କରିପାରିଲାନି। ସମସ୍ତେ ଏକ ପ୍ରକାର ଜଳକା ହୋଇଗଲେ। କେହି କିଛି ଟେର୍ ପାଇଲେ ନାହିଁ। ସବୁ କିଛି ଥଣ୍ଡା ପଡିଲା ପରେ ଏବେ ବିଷ୍ଣୁଙ୍କ ମାୟାକୁ ନେଇ ଚାଲିଛି ତର୍ଜମା। ସମସ୍ତଙ୍କ ମୁହଁରେ ଗୋଟିଏ କଥା, ବିଷ୍ଣୁଙ୍କ ମାୟା ଅଗୋଚର। ତାହାକୁ ସମସ୍ତେ ବୁଝିବା ଦରକାର।





## ଛୁଆ ଖେଳାଉଛନ୍ତି ସାନ ରଥୀ

ନିର୍ବାଚନରେ ହାରିଥିବା ବିଜେଡିର କିଛି ସାନ ରଥୀ ଏବେ ଘରେ ପିଲା ଖେଳାଇବା କାମରେ ଲାଗିଛନ୍ତି। ହାତରେ କିଛି କାମ ନଥିବାରୁ ଘରେ ପିଲାଙ୍କ ଦାୟିତ୍ୱ ସମ୍ଭାଳିଛନ୍ତି। ପତ୍ନୀମାନେ ବି ସୁଯୋଗର ଭରପୁର ଫାଇଦା ଉଠାଉଛନ୍ତି। ସେଦିନ ଶଙ୍ଖଭବନ ନିକଟରେ ଏ ନେଇ ଚାଲିଥିବା ଆଲୋଚନ ଶୁଣି ଆମେ ଟିକେ ଅଟକଯିବାରୁ ଜଣେ ଶଙ୍ଖମାର୍କା ନେତା କହିଲେ, ବୁଝିଲେ ଆଜ୍ଞା, ଆମ ଦଳର ହାରିଥିବ ସାନ ରଥୀମାନଙ୍କ ହାତରେ ଏବେ ଆଉ କିଛି କାମ ନାହିଁ। ଚେଲା ଚାମୁଣ୍ଡାମାନେ ପାଖରେ ଯିଏ ଥିଲେ ସେମାନେ ଏବେ ସବୁ ପଦ୍ମ ପୋଖରୀରେ ପହଁରୁଛନ୍ତି। ଡାକିଲେ କି ଫୋନ୍ କଲେ ଧରାଛୁଆଁ ଦେଉନାହାନ୍ତି। ଏଣେ କାହାର ଘରଣୀ ଚାକିରିରେ ତ ଆଉ କାହାର ବେପାରରେ। ସାନରଥୀଙ୍କର ମୋଟାମୋଟି କିଛି କାମ ନାହିଁ। ଶଙ୍ଖଭବନ ଆଡେ ଆସିଲେ ତଳିଆ କର୍ମୀ ଦେଖି ରାଗ ଶୁଝାଉଛନ୍ତି। ପକେଟରୁ କିଛି ଖର୍ଚ୍ଚ ବି ହେଉଛି। ତେଣୁ ଏଠାକୁ ଆସିବା ଅପେକ୍ଷା ଘରେ ପିଲା ଖେଳାଇବା ଓ ରୋଷେଇବାସ କରିବାକୁ ଘରଣୀମାନେ ତାଗିଦା କରିଛନ୍ତି। ଘରଣୀଙ୍କ କଥାକୁ ଶିରୋଧାର୍ଯ୍ୟ କରି କିଛି ରଥୀ ଛୁଆ ସମ୍ଭାଳିବା କାମରେ ଲାଗିଛନ୍ତି। ତେବେ ପିଲାମାନେ ବଡ ହେଲେ ଏମାନେ କ’ଣ କରିବେ ତାହା ଉପରେ ଏବେ ଅନେକଙ୍କ ନଜର।

## ଦୁଇ ଗୋଡିଆଙ୍କ ଭୟରେ ଚାରିଗୋଡିଆ ପାର୍



ଓଡ଼ିଶାକୁ ଆସିଥିବା ବାଘୁଣି ଜିନ୍ନତ ଶିମିଳିପାଳରୁ ଡିଆଁମାରି ପଳାଇବା ପରେ ଏବେ ସେ କାହିଁକି ଓଡ଼ିଶାରୁ ପାର୍ ମାରିଲା ତାହାକୁ ନେଇ ବନ୍ୟାପ୍ରାଣୀ ବିଶେଷଜ୍ଞମାନେ ତର୍ଜମା କରୁଥିବାବେଳେ ରାଜନୈତିକ ମହଲରେ କିନ୍ତୁ ରୋଚକ ଆଲୋଚନା ଜୋର ଧରିଛି। ଏ ସଂକ୍ରାନ୍ତରେ ଜଣେ ମୟୁରଭଞ୍ଜିଆ ନେତା କହୁଥିଲେ, ଜିଲ୍ଲାରେ ଦୁଇ ଗୋଡିଆ ବାଘଙ୍କ ଉପସ୍ଥିତି ଯୋଗୁଁ ଚାରି ଗୋଡିଆ ବାଘ ରହିପାରିଲା ନାହିଁ। ଆମେ ଟିକେ ଅବୁଝା ହୋଇ ପଚାରିବାରୁ ସେ କହିଲେ, ଗତ ନିର୍ବାଚନ ସମୟରେ ଜିଲ୍ଲାର ଜଣେ ନେତା ନିଜକୁ ବାଘ ଓ ପତ୍ନୀଙ୍କୁ ବାଘୁଣି ବୋଲି ଭରା ସଭାରେ କହିଥିଲେ। ସେବେଠାରୁ ଚାରିଗୋଡିଆ ବାଘମାନେ ଆଉ ଜିଲ୍ଲାରେ ରହିବାକୁ ରାଜି ହେଉନାହାନ୍ତି। ଯଦିଓ ନିର୍ବାଚନ ପରେ ଦୁଇ ଗୋଡିଆ ବାଘ ଆଉ ସେଭଳି ପଦାକୁ ବାହାରୁନାହାନ୍ତି କିନ୍ତୁ ଚାରିଗୋଡିଆ ବାଘମାନେ ଏ ଖବର ପାଇଲା ପରେ ପୂରା ଜିଲ୍ଲା ପାର୍ ହୋଇ ଯାଇଛନ୍ତି। ରାଜ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଅନ୍ୟ ରାଜ୍ୟରୁ ବାଘ ଆଣି ଛାଡିବା ସମୟରେ ଟିକେ ଏ ଦୁଇ ଗୋଡିଆ ବାଘଙ୍କ ବିଷୟରେ ଚିନ୍ତା କରିବାର ଥିଲା। ଅବଶ୍ୟ ମୟୁରଭଞ୍ଜ ଭଳି ଝାରସୁଗୁଡା ଜିଲ୍ଲାରେ ମଧ୍ୟ ଜଣେ ନିଜକୁ ବାଘର ଝିଅ ବାଘୁଣି ବୋଲି କହିଥିଲେ। ଭାଗ୍ୟ ଭଲ ସେହି ଜିଲ୍ଲାରେ ସରକାର ବାଘ ଛାଡି ନାହାନ୍ତି। ନହେଲେ ସେହି ବାଘ ବି ବାଘୁଣି ଭୟରେ ପାର୍ ମାରିଥାନ୍ତା। ମୟୁରଭଞ୍ଜିଆ ନେତାଙ୍କ ଏକଥା ଶୁଣିବା ପରେ ଆମେ ଟିକେ ତାଙ୍କ ମୁହଁକୁ ଅନାଇଲୁ, ଆଖି ଦୁଇଟା ଲାଲ୍ ଦିଶୁଥିଲା।




## ବୁଲୁଛି ରମାଦେବୀଙ୍କ ଫାଇଲ୍

ମା’ ରମାଦେବୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଅର୍ଥ ଯୋଗାଇବାକୁ ବି ରାଜି ଅଛନ୍ତି। ହେଲେ ଏଥିପାଇଁ ପ୍ରସ୍ତୁତ ଫାଇଲଟି ଏବେ ସଂସ୍କୃତି ବିଭାଗରେ ଚକ୍କର କାଟୁଛି। ନିର୍ଦ୍ଦେଶାଳୟରୁ ମନ୍ତ୍ରୀଙ୍କ ଦପ୍ତର ଓ ମନ୍ତ୍ରୀଙ୍କ ଦପ୍ତରରୁ ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ଫାଇଲ୍ ବୁଲୁଥିଲେ ବି ଏହା ଉପରେ ଚୂଡାନ୍ତ ମୋହର ବାଜି ପାରୁନାହିଁ। ମୋହର ବାଜିଲା ପରେ ସରକାରୀ ସ୍ତରର ଉତ୍ସବ ପାଳନ ହେବ। ତେବେ ସମସାମୟିକ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ସରକାରୀ ସ୍ତରରେ ଫାଇଲ୍ ରକେଟ ବେଗରେ ଯିବା ସହିତ ଦିଲ୍ଲୀ ଠାରୁ ଭଦ୍ରକ ପର୍ଯ୍ୟନ୍ତ ଏହା ପାଳନ ହୋଇଥିବାବେଳେ ରମାଦେବୀଙ୍କ ଫାଇଲ୍ କାହିଁକି ସରକାରୀ ଦପ୍ତରରେ ଚକ୍କର କାଟୁଛି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ସଂସ୍କୃତି ବିଭାଗରେ ହେଉଥିବା ଆଲୋଚନା ଅନୁଯାୟୀ ମା’ ରମାଦେବୀଙ୍କର କେହି ଉତ୍ତରାଧିକାରୀ ରାଜ୍ୟ ରାଜନୀତିରେ ସକ୍ରିୟ ନଥିବାରୁ ତାଙ୍କ ଫାଇଲ୍‌ଟି ଏଭଳି କଚ୍ଛପ ଗତିରେ ଚାଲିଛି। ଏହା ଉପରେ କେବେ ସରକାରଙ୍କର ଶୁଭଦୃଷ୍ଟି ପଡୁଛି ଓ ଜନ୍ମ ଜୟନ୍ତୀ ପାଳନ ହେଉଛି ତାହାକୁ ଅନେକ ଚାତକ ଭଳି ଚାହିଁ ରହିଛନ୍ତି।

# ଭୟମୁକ୍ତ ଓ ବିକଶିତ ଅଞ୍ଚଳ ହେବ ଆଠଗଡ଼

- ଆଇନ କେଉଁ ବିଧାୟକଙ୍କ ନିର୍ଦ୍ଦେଶରେ ଚାଲିବ ନାହିଁ, ନ୍ୟାୟ ଗରିବ ଲୋକଙ୍କ ପାଇଁ ରହିବ
- ଓଡିଆ ଜାତି ତାର ପରମ୍ପରାକୁ ବଜାୟ ରଖି ବଳିଷ୍ଠ ନେତୃତ୍ୱ ସୃଷ୍ଟି କରିବ
- ଆଠଗଡକୁ ସୁଖ, ଶାନ୍ତି ଓ ସମୃଦ୍ଧି ଦେବା ଆମ ସମସ୍ତଙ୍କ ଦାୟିତ୍ୱ
- ମୋ ଆଦର୍ଶ ବାଇମୁଣ୍ଡି



**ଆଠଗଡ଼,୨୨।୧୨ (ସଂଚାର ବ୍ୟୁରୋ):** ଓଡିଆ ଜାତି ତାର ପରମ୍ପରା ଓ ସଂସ୍କୃତିର ପୃଷ୍ଠଭୂମୀରେ ଏକ ବଳିଷ୍ଠ ନେତୃତ୍ୱ ତିଆରି କରିବ। ଏହା ଓଡିଆ ଜାତିର ଭାଗ୍ୟରେ ଅଛି। ତେଣୁ ଆଠଗଡ ପାଇଁ ନୂଆ ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି। ଆଜି ଆଠଗଡ ମହୋତ୍ସବରେ ଯୋଗଦେଇ ଏପରି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଠଗଡ ହେଉଛି ଓଡିଆ ଜନଜୀବନର ଏକ ପ୍ରୟୋଗଶାଳା। ମୋଗଲ ବନ୍ଦି ଓ ଗଡଜାତ ଅଂଚଳର ସୀମାରେ ଚାରୋଟି ଗଡଯାତ ଅଞ୍ଚଳକୁ ନେଇ ଗଠନ ହୋଇଛି ଆଠଗଡ ଉପଖଣ୍ଡ। ଚାଷ ଓ ଶିଳ୍ପ ପାଇଁ ଏହି ଅଞ୍ଚଳ ପ୍ରସିଦ୍ଧି ଲାଭ କରିଛି। ଝାରସୁଗୁଡାରେ ଯେତିକି ଶିଳ୍ପ ରହିଛି ଆଠଗଡରେ ମଧ୍ୟ ସେତିକି ଶିଳ୍ପ ରହିଛି। କିନ୍ତୁ କିନ୍ତୁ ଗତ ୩୦-୩୫ ବର୍ଷ ଧରି ଭୟମୁକ୍ତ ହୋଇପାରିନଥିବା ଆଠଗଡରେ ଶିଳ୍ପର ବିକାଶକୁ ଉଦ୍ଦେଶ୍ୟମୂଳକ ଭାବେ କଣ୍ଠରୋଧ କରାଯାଇଥିଲା। ଏବେ ସମୟ ଆସିଛି ଏକ ଭୟମୁକ୍ତ ଆଠଗଡ ତିଆରି ହେବ ବୋଲି ସେ କହିଛନ୍ତି। ଆଠଗଡର ରାଜା, ରାଜା ହୋଇ ମଧ୍ୟ ସାଧୁ ଭଳି ଜୀବନଯାପନ କରୁଥିଲେ। ଯେତେବେଳେ ଜଣେ ରାଜା ସାଧୁ ବନିଯାଏ ସେତେବେଳେ ସେହି ଅଂଚଳର ଅନ୍ୟମାନଙ୍କ ପାଇଁ ସଂସ୍କାର ପାଲଟିଯାଏ। ସମୟ ଆସିଛି ଆଠଗଡକୁ ସୁଖ, ଶାନ୍ତି ଓ ସମୃଦ୍ଧି ଦେବା। ଏହା ଆମ ସମସ୍ତଙ୍କ ଉତ୍ତରଦାୟିତ୍ୱ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ଚଷା ଚାଷୀର ଅଞ୍ଚଳ ଆଠଗଡ଼ ଅପାର ସମ୍ଭାବନାରେ ପରିପୂର୍ଣ୍ଣ। ଏହି ମାଟି କେବେ ଇଂରେଜମାନଙ୍କୁ ଭ୍ରୂକ୍ଷେପ କରିନାହିଁ। ଅନ୍ୟାୟ ଅତ୍ୟାଚାର ଆଗରେ ମଥା ନୁଆଇଁ ନାହିଁ । କିଛି ଲୋକଙ୍କ କାରଣରୁ ଆଜି ଆଠଗଡ଼ର ବିକାଶ ହୋଇନାହିଁ। ମାତ୍ର ବିଜେପିର ଡବଲ ଇଞ୍ଜିନ ସରକାରରେ ଆଠଗଡ଼କୁ ଭୟମୁକ୍ତ ଓ ବିକଶିତ ଅଞ୍ଚଳ କରିବା ପାଇଁ କଟିବଦ୍ଧ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।ବିଜେପି ସରକାରରେ ଆଇନ କେଉଁ ବିଧାୟକଙ୍କ ନିର୍ଦ୍ଦେଶରେ ଚାଲିବ ନାହିଁ। ନ୍ୟାୟ ଗରିବ ଲୋକଙ୍କ ପାଇଁ ରହିବ। ଏଠାରେ କିଛି ଲୋକ ଔଷଧ ବିକଳରେ ତାଟିଆ କମୁଡ଼ିଛନ୍ତି। ଡବଲ ଇଞ୍ଜିନର ସରକାର ଏହି ଅଞ୍ଚଳରେ ଲୋକଙ୍କୁ ନ୍ୟାୟ ଦେବା ସହ ବିକାଶ ପାଇଁ ପ୍ରତିବଦ୍ଧ । ମୁଁ ରାଜ୍ୟ ବିକାଶରେ ଏକ ଗୁଣ୍ଡୁଚି ମୁଷା ଭଳି କାମ କରୁଛି। ମୋ ଆଦର୍ଶ ବାଇମୁଣ୍ଡି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ମିଶନରେ କ୍ୟାପିଟାଲ ଜୋନ୍ ରିଙ୍ଗ ରୋଡର କଳ୍ପନା ହୋଇଛି। ଏଥିପାଇଁ ପ୍ରାୟ ୬୦୦୦ କୋଟି ଟଙ୍କାର ଖର୍ଚ୍ଚ ହେବ । ଏହାର ଅଧିକ ଲାଭ ଆଠଗଡ ପାଇବ। ପୂର୍ବ ସରକାରଙ୍କ ଏଥିରେ ସହଯୋଗ ନ ଥିଲା। ସ୍ୱାମୀ ମରୁ ପଛେ ସଉତୁଣୀ ବିଧବା ହେଉ, ଏହି କାମରେ ପୂର୍ବ ସରକାର ଲାଗିଥିଲେ।



### ମୁଁ ବିଧାନସଭା ଯିବିକି ନାହିଁ ତାହା ଧର୍ମେନ୍ଦ୍ର ନିଷ୍ପତ୍ତି ନେବେ



ଆଠଗଡ଼ ମହୋତ୍ସବରେ ବିଜେପି ସାଂସଦ ଭର୍ତ୍ତୃହରି ମହତାବ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜାତୀୟ ରାଜନୀତିର ଜଣେ ଅତି ଅନନ୍ୟ ନେତା ବୋଲି କହିଛନ୍ତି। କାରଣ ସେ ହେଉଛନ୍ତି ଏକମାତ୍ର ନେତା ଯିଏ ଅନେକ ଥର ଉଭୟ ଲୋକସଭା, ରାଜ୍ୟସଭା ଓ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ମୁଁ ଲୋକସଭାକୁ ବହୁଥର ନିର୍ବାଚିତ ହୋଇଛି। ବିଧାନସଭା ଯିବି କି ନାହିଁ ତାହା ଧର୍ମେନ୍ଦ୍ର ପ୍ରଧାନ ଚିନ୍ତା କରିବେ। କିନ୍ତୁ ମୁଁ ରାଜ୍ୟସଭା ଯିବି କି ନାହିଁ ତାହା ମୁଁ ଚିନ୍ତା କରିବି।

## ୨୬ରେ ରାୟଗଡ଼ା ଯିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିସେମ୍ବର ୨୬ରେ ଦୁଇ ଦିନିଆ ରାୟଗଡ଼ା ଜିଲ୍ଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ରାୟଗଡ଼ାରେ ପ୍ରଧାନମନ୍ତ୍ରୀଙ୍କ ଏକ ଲାଇଭ୍ କାର୍ଯ୍ୟକ୍ରମରେ ମଧ୍ୟ ଯୋଡ଼ି ହେବେ। ମୁଖ୍ୟମନ୍ତ୍ରୀ ହେବା ପରେ ମାଝୀଙ୍କ ଏହା ପ୍ରଥମ ଗସ୍ତ ହୋଇଥିବାରୁ ଜିଲ୍ଲାକୁ ସଜାଇବାରେ ଲାଗିଛି ପ୍ରଶାସନ। ଯେଉଁସବୁ ରାସ୍ତାରେ ମୁଖ୍ୟମନ୍ତ୍ରୀ ଯିବେ ସେଠାରେ ସରକାରୀ କୋଠାଗୁଡିକ ରଙ୍ଗ ଦିଆଯିବା ସହିତ କାନ୍ଥଗୁଡିକରେ ସଂସ୍କୃତି ସମ୍ବନ୍ଧିତ ଚିତ୍ର ଅଙ୍କା ଚାଲିଛି।

## ମେଜରଙ୍କ ବାନ୍ଧବୀଙ୍କୁ ୫ ଘଣ୍ଟା ଜେରା

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ଭରତପୁର ଥାନାରେ ସେନା ଅଧିକାରୀ ଓ ବାନ୍ଧବୀଙ୍କୁ ଦିଆଯାଇଥିବା ନିର୍ଯାତନା ମାମଲାରେ ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିଶନ ଜେରା କରିଛନ୍ତି। ମେଜରଙ୍କ ବନ୍ଧବୀଙ୍କୁ ସ୍ପେଶିଆଲ୍ ସର୍କିଟ ହାଉସରେ ବସିଥିବା କୋର୍ଟରେ ୫ ଘଣ୍ଟା ଜେରା କରାଯାଇଛି। ଭରପୂର୍ ଥାନା ଭିତରେ ହୋଇଥିବା ଘଟଣା ବେଳର ସମସ୍ତ ଭିଡିଓ କମିଶନଙ୍କୁ ଦିଆଯାଇଛି। ନିଲମ୍ବିତ ପୋଲିସ୍ କର୍ମଚାରୀ ଏବଂ ସେନା ଅଧିକାରୀଙ୍କ ବାନ୍ଧବୀଙ୍କ ନିକଟରେ ଥିବା ଭିଡିଓ କମିଶନଙ୍କ ନିକଟରେ ଦାଖଲ ହୋଇଛି। ଜଷ୍ଟିସଙ୍କ ସମ୍ମୁଖରେ ଭରତପୁର ଥାନା ଭିତରେ ହୋଇଥିବା ଘଟଣାର ଭିଡିଓ ଫୁଟେଜ ଦେଖାହୋଇଥିଲା। ୧୧ ଟାରୁ ୪.୩୦ ଯାଏଁ ଚାଲିଥିଲା ଜେରା। ଜେରା ବେଳେ ସମସ୍ତ ଉତ୍ତର ଦେଇଥିଲେ ମେଜରଙ୍କ ବାନ୍ଧବୀ। ଜେରାବେଳେ ପାଞ୍ଚ ନିଲମ୍ବିତ ପୋଲିସ୍ କର୍ମଚାରୀ ଉପସ୍ଥିତ ଥିଲେ।

### ନୂଆ ବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

## ୩୦ରୁ କରାଯିବ ଟ୍ରାଏଲ୍



**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ନୂଆବର୍ଷରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ି ଦର୍ଶନ ପ୍ରକ୍ରିୟା। ୨୭ ଓ ୨୮ ସୁଦ୍ଧା ପରିବର୍ତ୍ତନ ପ୍ରକ୍ରିୟା କ୍ରିୟାନ୍ୱୟନ ହୋଇଯିବ। ୧ ତାରିଖରୁ ନିୟମିତ ଧାଡ଼ି ଦର୍ଶନ କରିବେ ଭକ୍ତ। ମୁଖ୍ୟ ପ୍ରଶାସକଙ୍କ ସହ ସମୀକ୍ଷା କରିବା ପରେ ଏହା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ୨୭ ଓ ୨୮ ତାରିଖରେ ପରିବର୍ତ୍ତନ ପ୍ରକ୍ରିୟା କ୍ରିୟାନ୍ୱୟନ କରାଯିବ। ପରୀକ୍ଷା ମୂଳକ ଭାବେ ୩୦ ଏବଂ ୩୧ତାରିଖରେ ଧାଡି ଦର୍ଶନ କରାଯିବ। ୧ ତାରିଖରୁ ନିୟମିତ ଧାଡ଼ି ଦର୍ଶନ କରିବେ ଭକ୍ତ। ଆଇନ ମନ୍ତ୍ରୀ ଆହୁରି କହିଛନ୍ତି, ଭକ୍ତମାନେ ସାତ ପାହାଚ ଦେଇ ଭିତରକୁ ଆସିବେ। ଶ୍ରୀଜିଉଙ୍କୁ ଦର୍ଶନ କରି ଘଣ୍ଟି ଦ୍ୱାର ଓ ଗାରଦ ଦ୍ୱାର ଦେଇ ବାହାରିବେ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଦର୍ଶନ କିପରି ସୁଗମ ହେବ ସେଥି ପାଇଁ ଭିନ୍ନ ଏକ ବ୍ୟବସ୍ଥା କରାଯାଇଛି। ଘଣ୍ଟି ଦ୍ୱାରରେ ମହିଳା ଓ ବରିଷ୍ଠ ନାଗରିକ ପ୍ରସ୍ଥାନ କରିବେ ଓ ଗାରଦ ଦ୍ୱାରରେ ପୁରୁଷମାନେ ଦର୍ଶନ କରି ବାହାରିବେ। ଏଥିପାଇଁ ସମସ୍ତ କାମ ଠିକଠାକ ଭାବେ ଚାଲିଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ବ୍ୟବସ୍ଥା ଯାହା କରାଯାଉଛି ଭକ୍ତମାନେ ନିଶ୍ଚିତ ଉପକୃତ ହେବେ। ଏନେଇ ସମସ୍ତଙ୍କ ସାଙ୍ଗରେ ବିଚାର ବିମର୍ଷ କରାଯାଇ କରାଯିବ ଦରକାର ଥିଲା।

## ଟ୍ରାଙ୍କୁଲାଇଜ୍ କରି ଜିନ୍ନତକୁ ଅଣାଯିବ

**ଭୁବନେଶ୍ୱର, ୨୨।୧୨ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରୁ ଫେରିବ ବାଘୁଣୀ ଜିନ୍ନତ। ଟ୍ରାଙ୍କୁଲାଇଜ୍ କରି ଜିନ୍ନତକୁ ଓଡ଼ିଶା ଫେରାଇ ଅଣାଯିବ ବୋଲଇ ସୂଚନା ଦେଇଛନ୍ତି ବାରିପଦା ଆର୍ସିସିଏଫ୍। ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିବା ଜନ୍ନତ ଗତ ୧୦ ତାରିଖରେ ଝାଡ଼ଖଣ୍ଡ ପଳାଇଥିଲା। ଗତ୧୯ ତାରିଖ ରାତିରେ ସେ ସେଠାରୁ ପଶ୍ଚିମବଙ୍ଗର ବେଲପାହାଡ଼ି ଜଙ୍ଗଲକୁ ପଳାଇଛି। ଶିମିଳିପାଳରୁ ଯିବାର ଦଶ ଦିନ ହେବାକୁ ବସିଲାଣି ହେଲେ ଜିନ୍ନତ ଫେରିବାର ନାଁ ଧରୁନାହିଁ। ତା’ ଗତିବିଧି ଉପରେ ନଜର ରଖିଛନ୍ତି ଓଡ଼ିଶା ଓ ପଶ୍ଚିମବଙ୍ଗ ବନ ବିଭାଗ। ବାଘୁଣୀର ସ୍ୱାସ୍ଥ୍ୟାବସ୍ଥା ଠିକଠାକ୍ ଥିବା ନେଇ ବାରିପଦା ଆରସିସିଏଫ ସୂଚନା ଦେଇଛନ୍ତି। ବାଘୁଣୀକୁ ଫେରାଇ ଆଣିବା ଲାଗି ଟ୍ରାଙ୍କୁଲାଇଜ୍ କରିବାକୁ ଯୋଜନା ଚାଲିଥିବା ଆରସିସିଏଫ କହିଛନ୍ତି।



## କୋଟିଏ ଟଙ୍କା ଆତ୍ମସାତ ପିଇଓ କୋର୍ଟ ଚାଲାଣ

**ନବରଙ୍ଗପୁର,୨୨।୧୨(ସଂଚାର ବ୍ୟୁରୋ):** ରାଇଘର ବ୍ଲକର ତୁରୁଡ଼ିହି, କଚରାପରା -୩ ଓ ପରଚିପାରା ପଞ୍ଚାୟତ ଦାୟିତ୍ୱରେ ଥିବା ପିଇଓ ସୁରେନ୍ଦ୍ର ଭତ୍ରାଙ୍କୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ଅଟକ ରଖି ପଚରାଉଚରା ଚଳାଇଛି। ତୁରୁଡ଼ିହି ପଞ୍ଚାୟତରେ ୬୫ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗରେ ସେପ୍ଟେମ୍ବରରେ କୁନ୍ଦେଇ ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କୁ ଜିଲ୍ଲାପାଳ ନିଲମ୍ବନ କରିଥିଲେ। ଏବେ ଭିଜିଲାନ୍ସ ଆଉ ଦୁଇ ପଞ୍ଚାୟତର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ ଟଙ୍କା ଆତ୍ମସାତ୍ ଅଭିଯୋଗରେ ଗତ ରାତିରେ ଉଠାଇ ନେଇ ଜୟପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଟକ ରଖିଥିଲା। ଆଜି ତାଙ୍କୁ କୋର୍ଟଚାଲାଣକରାଯାଇଛି। ସୁରେନ୍ଦ୍ର ପରଚିପାରା ପଞ୍ଚାୟତରେ ୧୫ ଲକ୍ଷରୁ ଅଧିକ ଓ କଚରାପାରା-୩ ପଞ୍ଚାୟତରେ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ ଟଙ୍କା ହଡ଼ପ କରିଥିବା ଅଭିଯୋଗ ଆସିଥିଲା।

## ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ପୁରୀ ପ୍ରଶାସନର ପ୍ରସ୍ତୁତି



**ପୁରୀ, ୨୨।୧୨ (ସଂଚାର ବ୍ୟୁରୋ):** ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଆୟୋଜନ କରୁଛି ପ୍ରବାସୀ ଭାରତୀୟ ଦିବସ। ଭୁବନେଶ୍ୱରରେ ଏହା ଆୟୋଜିତ ହେଉଥିଲେ ମଧ୍ୟ ସଂଖ୍ୟାଧିକ ପ୍ରବାସୀ ଭାରତୀୟମାନଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ରବିବାର ଅପରାହ୍ନରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସର୍କିଟ ହାଉସର ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କୁ ସ୍ୱାଗତ, ସ୍ୱଚ୍ଛନ୍ଦ ରହଣି ସହ ପର୍ଯ୍ୟଟନ ସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ, କୋଣାର୍କ ସୂର୍ଯ୍ୟ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା, ରଘୁରାଜପୁର ଓ ସାତପଡ଼ା ପ୍ରଭୃତି ଅଞ୍ଚଳ ସେମାନେ ପରିଦର୍ଶନ କରିବେ। ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ଇତ୍ୟାଦିର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସ୍‌ପି ବିନୀତ ଅଗ୍ରୱାଲ ସମୀକ୍ଷା କରିଥିଲେ। ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଇତ୍ୟାଦି କରାଯାଉଛି। କାର୍ଯ୍ୟର ଅଗ୍ରଗତି ସନ୍ତୋଷଜନକ ଓ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ।

## ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ମାରିଦେଲେ

**ବାଲେଶ୍ୱର,୨୨।୧୨ (ସଂଚାର ବ୍ୟୁରୋ):** ଲୁଗା ଦୋକାନରୁ ଚୋରି ଅଭିଯୋଗରେ ୪ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଛନ୍ତି ଦୋକାନୀଙ୍କ ପରିବାର ଲୋକେ । ଘଟଣାସ୍ଥଳରେ ଜଣେ ଯୁବକର ମୃତ୍ୟୁ ହୋଇଥିବା ବେଳେ ୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଲେଶ୍ୱର ଜିଲ୍ଲା ସିଂଲା ଥାନା ସାର୍ଥା ଗ୍ରାମରେ ଘଟିଛି ଏହି ଅଭାବନୀୟ ଘଟଣା। ଅଜୟ ଦାସଙ୍କ ଲୁଗା ଦୋକାନରୁ କିଛି ଦିନ ପୂର୍ବରୁ ତାଲା ଭାଙ୍ଗି ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଚୋରମାନଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ରବିବାର ଅଜୟ ଏବଂ ତାଙ୍କ ଦୁଇ ପୁଅ ଚୋରି କରିଥିବା ସନ୍ଦେହରେ ଗ୍ରାମର ତ୍ରିଲୋଚନ ପ୍ରଧାନ, ସତିଶ ସିଂ, ଭାନୁ ପ୍ରଧାନ ଏବଂ ତପୁ ମହାନ୍ତିଙ୍କୁ ରାସ୍ତା ପାର୍ଶ୍ୱରେ ଇଲେକ୍ଟ୍ରିକ ଖୁଣ୍ଟିରେ ବାନ୍ଧି ଲୁହା ରଡ୍ରେ ନିସ୍ତୁକ ପିଟି ଥିଲେ। ଘଟଣା ସ୍ଥଳରେ ତ୍ରିଲୋଚନଙ୍କ ମୃତ୍ୟୁ ହୋଇଥିଲା। ଅଜୟ ଦାସ ଏବଂ ତାଙ୍କ ପୁଅକୁ ପୋଲିସ ଅଟକ ରଖିଛି।



ଆଗକୁ ବଡ଼ଦିନ : ସଜେଇ ହେଉଛି ରାଜଧାନୀର କାଥୋଲିକ୍ ଚର୍ଚ୍ଚ।

## ବ୍ରହ୍ମଗିରିର ବିକାଶ ମୋହନ ସରକାରଙ୍କ ପ୍ରାଥମିକତା



**ପୁରୀ, ୨୨।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଗତ ୨୪ ବର୍ଷ ଧରି ଅବହେଳିତ ହୋଇ ରହିଛି। ଶିକ୍ଷା, ରାସ୍ତାଘାଟ, ବିଦ୍ୟୁତ୍ ସଂଯୋଗ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପରି ମୌଳିକ ସମସ୍ୟାରୁ ବଞ୍ଚିତ ହୋଇ ରହିଛନ୍ତି ବ୍ରହ୍ମଗିରି ଲୋକେ। ଗତ ଥର ବିଜେପି ବିଧାୟକ ଥିବାରୁ ଅନୁଦାନ ଆସି ପ୍ରକଳ୍ପ ମଞ୍ଜୁର ହୋଇଥିଲେ ହେଁ ତାହା ଜାଣିଶୁଣି କାର୍ଯ୍ୟକାରୀ କରାଯାଇନାହିଁ। ଏବେ ଡବଲ ଇଞ୍ଜିନ ସରକାର ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକର ୧୧ ପଞ୍ଚାୟତବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାକୁ ବଦ୍ଧ ପରିକର। ଅଧାପନ୍ତରିଆ ଓ ମଞ୍ଜୁର ହୋଇ ବାକି ରହିଥିବା କାର୍ଯ୍ୟଗୁଡିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର। ମୋହନ ମାଝୀ ସରକାର ଲୋକଙ୍କ ସରକାର ହୋଇଥିବାରୁ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ମୂଳ ପ୍ରାଥମିକତା। ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ରେଫରାଲ ହସ୍ପିଟାଲରେ ପରିଣତ ହୋଇଛି। ଏ ନେଇ ସେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରୁଛନ୍ତି।

ସେହିପରି ଉପକୂଳ ରାଜପଥ ଯୋଜନା ମଧ୍ୟ ପୂରଣ ହେବାକୁ ଯାଉଛି। ସାତପଡ଼ା ଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ବ୍ରିଜ ପାଇଁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତିନ ଗଡକରି ଘୋଷଣା କରିବା ସହ ଏହାର ଡିପିଆର ପ୍ରସ୍ତୁତି ଶେଷ ହୋଇଛି। ମୃତ୍ତିକା ପରୀକ୍ଷା ମଧ୍ୟ ସରିଛି। ଖୁବ ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟିକା ଉପାସନା ମହାପାତ୍ର କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ବୀମା ଉପରେ ଟିକସ ହ୍ରାସ ନିଷ୍ପତ୍ତି ଘୁଞ୍ଚିଲା

## ଜିଏସ୍‌ଟି ପରିଷଦର ୫୫ତମ ବୈଠକ




**ଜୟପୁର,୨୨।୧୨:** ରାଜସ୍ଥାନର ଜୈସଲମେରରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୫୫ତମ ବୈଠକରେ ଆଜି କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରିଟେଲର ଓ ଅନ୍ୟମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଗିଫ୍ଟ ଭାଉଚରକୁ ଜିଏସ୍‌ଟି ପରିସର ବାହାରେ ରଖାଯାଇଛି। ବ୍ୟବସାୟ ପ୍ରତିଷ୍ଠାନ କିଣୁଥିବା ୟୁଜଡ୍ ବା ପୁରୁଣା କାର୍ (ଇଭି ସମେତ) ଉପରେ ୧୨ ପ୍ରତିଶତ ପରିବର୍ତ୍ତେ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ ପାଇଁ ନିଷ୍ପତ୍ତି ହୋଇଛି। ମାର୍ଜିନରେ ବିକ୍ରି କରାଯାଉଥିବା ଏବଂ ଡେପ୍ରିସିଏସନ୍ ଦାବି କରୁଥିବା ବ୍ୟବସାୟ ପ୍ରତିଷ୍ଠାନ ଏହି କାର୍ କିଣିଲେ ଉକ୍ତ ହାରରେ ଜିଏସ୍‌ଟି ଦେବାକୁ ପଡ଼ିବ। ବିକ୍ରି ମୂଲ୍ୟ ଓ କ୍ରୟ ମୂଲ୍ୟ ଥିବା ପାର୍ଥକ୍ୟ ଉପରେ ଏହି ୧୮ ପ୍ରତିଶତ ଟିକସ ଲାଗିବ। କିନ୍ତୁ କୌଣସି ବ୍ୟକ୍ତି ସେମାନଙ୍କ ପୁରୁଣା ଯାନ ବିକିଲେ ବା କିଣିଲେ ତାହା ଉପରେ ୧୨ ପ୍ରତିଶତ ଜିଏସ୍‌ଟି ପୂର୍ବବତ୍ ଆଦାୟ କରାଯିବ। ନୂଆ ଇଭି ଉପରେ ୫ ପ୍ରତିଶତ ଜିଏସ୍‌ଟି ଆଦାୟ ହେବ ବୋଲି ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି। ପପକର୍ନ ଉପରେ ଜିଏସ୍‌ଟି ଫ୍ଲେବର ବା ସ୍ୱାଦର ପ୍ରକାର ଅନୁସାରେ ୫ ପ୍ରତିଶତ, ୧୨ ପ୍ରତିଶତ ଏବଂ ୧୮ ପ୍ରତିଶତ ହାରରେ ଆଦାୟ କରାଯିବ। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଅଟୋକ୍ଲେଭଡ୍ ଏରେଟେଡ୍ କଂକ୍ରିଟ୍ (ଏଏସି) ବ୍ଲକ୍ ଯେଉଁଥିରେ ୫୦ ପ୍ରତିଶତରୁ ଅଧିକ ଫ୍ଲାଏ ଆସ୍ ରହିଛି ତାହାର ଜିଏସ୍‌ଟିକୁ ୧୮ ପ୍ରତିଶତରୁ ୧୨ ପ୍ରତିଶତକୁ ହ୍ରାସ ପାଇଁ ନିଷ୍ପତ୍ତି ହୋଇଛି। ଫର୍ଟିଫାଏଡ୍ ରାଇସ୍ କର୍ଣ୍ଣେଲ ବା ପୋଷକ ତତ୍ତ୍ୱ ଥିବା ଚାଉଳ ଯେଉଁଥିପାଇଁ ବ୍ୟବହାର କରାଯାଉ ନା କାହିଁକି ତାହା ଉପରେ ଜିଏସ୍‌ଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ପୂର୍ବରୁ ଏହି ଟିକସରେ ରହିଥିବା ଜଟିଳତାକୁ ଦୂର କରାଯାଇଛି। ସେହିଭଳି ରେଡି-ଟୁ-ଇଟ୍ ପପକର୍ନ ଯଦି ବିନା ପ୍ୟାକେଜିଂରେ ଲୁଣ ଏବଂ ମସଲା ସହ ବିକ୍ରି କରାଯାଏ ତାହା ଉପରେ ୫ ପ୍ରତିଶତ ଆଦାୟ ହେବ। ପ୍ୟାକେଜିଂ ଏବଂ ଲେବେଲିଂ ହେଲେ ୧୨ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯିବ। ସୁଗାର କୋଟେଡ୍ ହେଲେ ତାହା ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯିବ। ଜିନ୍ ଥେରାପିକୁ ଜିଏସ୍‌ଟିମୁକ୍ତ କରାଯାଇଛି। ଋଣ ନେଇଥିବା ବ୍ୟକ୍ତିଙ୍କ ଉପରେ ବ୍ୟାଙ୍କ ଲଗାଉଥିବା ଜରିମାନା ରାଶି ଉପରେ କୌଣସି ଜିଏସ୍‌ଟି ଦେବାକୁ ହେବନାହିଁ। ବିମାନ ଇନ୍ଧନ (ଏଟିଏଫ୍)କୁ ଜିଏସ୍‌ଟି ପରିସରକୁ ଆଣିବା ଲାଗି ବୈଠକରେ କୌଣସି ସହମତି ପ୍ରକାଶ ପାଇନାହିଁ।

## ମହଙ୍ଗା ହେବ ପପକର୍ଣ୍ଣ

**ନୂଆଦିଲ୍ଲୀ,୨୨।୧୨:** ଥିଏଟର କିମ୍ବା ମଲଟିପ୍ଲେକ୍ସକୁ ଫିଲ୍ମ ଦେଖିବାକୁ ଗଲେ ମନେ ପଡ଼େ ପପକର୍ଣ୍ଣ କଥା। ସିଙ୍ଗଲ ସ୍କ୍ରିନ ଥିଏଟର ତୁଳନାରେ ମଲଟିପ୍ଲେକ୍ସରେ ପପକର୍ଣ୍ଣ ବେଶ ମହଙ୍ଗା ଥାଏ। କିନ୍ତୁ ଏବେ ପପକର୍ଣ୍ଣ ଦର ଆହୁରି ବଢିବାର ସମ୍ଭାବନା ରହିଛି। କାରଣ ପପକର୍ଣ୍ଣ ଉପରେ ଜିଏସଟି ହାର ବୃଦ୍ଧି ପାଇଛି। ଶନିବାର ରାଜସ୍ଥାନର ଜୟସେଲମେରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସଟି ପରିଷଦ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ



ୟୁଜଡ୍ ଇଲେକ୍ଟ୍ରିକ୍ ଯାନ ଉପରେ ଲାଗୁ ଜିଏସଟିକୁ ନେଇ ସଂଦେହ ଦୂର କରିଛନ୍ତି ଅର୍ଥମନ୍ତ୍ରୀ। ସେ କହିଛନ୍ତି ଯେ ଜଣେ ବ୍ୟକ୍ତି ନିଜର ଇଭିକୁ ଆଉ ଜଣେ ବ୍ୟକ୍ତିଙ୍କୁ ବିକିଲେ ତାହା ଉପରେ କୌଣସି ଜିଏସଟି ଲାଗୁ ହେବ ନାହିଁ। କିନ୍ତୁ ଯଦି କୌଣସି କମ୍ପାନି ୟୁଜଡ୍ ଇଭି ବିକ୍ରକରେ ତେବେ ତାହା ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ ହେବ । ଏହି ବୈଠକ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ସାଧାରଣ ଲୁଣ ଏବଂ ମସଲାରେ ପ୍ରସ୍ତୁତ ପପକର୍ଣ୍ଣ, ଯଦି ତାହାର ଲେବଲଯୁକ୍ତ ପ୍ୟାକିଂ ନଥାଏ, ତେବେ ତା'ଉପରେ ୫% ଜିଏସଟି ଆଦାୟ କରାଯିବ। ସେହିପରି ଏହାକୁ ପ୍ୟାକେଜ୍ ଓ ଲେବଲ୍ କଲେ ଏହି ହାର ୧୨% ରହିବ। ସେହିପରି କାରାମେଲରୁ ପ୍ରସ୍ତୁତ ହୋଇଥିବା ପପକର୍ଣ୍ଣକୁ ଚିନି ମିଠା ଶ୍ରେଣୀରେ ରଖାଯାଇଛି ଏବଂ ଏହା ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ ହେବ । ଅନ୍ୟପକ୍ଷରେ ଫୋର୍ଟିଫାଏଡ ରାଇସ ଉପରେ ଲାଗୁ ଜିଏସଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇଛି । ଅନ୍ୟପକ୍ଷରେ ୟୁଜଡ୍ ଇଲେକ୍ଟ୍ରିକ୍ ଯାନ ଉପରେ ଲାଗୁ ଜିଏସଟିକୁ ନେଇ ସଂଦେହ ଦୂର କରିଛନ୍ତି ଅର୍ଥମନ୍ତ୍ରୀ। ସେ କହିଛନ୍ତି ଯେ ଜଣେ ବ୍ୟକ୍ତି ନିଜର ଇଭିକୁ ଆଉ ଜଣେ ବ୍ୟକ୍ତିଙ୍କୁ ବିକିଲେ ତାହା ଉପରେ କୌଣସି ଜିଏସଟି ଲାଗୁ ହେବ ନାହିଁ। କିନ୍ତୁ ଯଦି କୌଣସି କମ୍ପାନି ୟୁଜଡ୍ ଇଭି ବିକ୍ରକରେ ତେବେ ତାହା ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ ହେବ ।

## ନୂଆବର୍ଷରୁ ଇଲେକ୍ଟ୍ରିକ ସ୍କୁଟରର ମୂଲ୍ୟ ବଢ଼ାଇବ ଆଥର୍



**ନୂଆଦିଲ୍ଲୀ,୨୨।୧୨:** ଦେଶର ଅଗ୍ରଣୀ ବୈଦ୍ୟୁତିକ ଦୁଇ ଚକିଆ କମ୍ପାନୀ ଆଥର୍ କିଣିବା ବର୍ତ୍ତମାନ ମହଙ୍ଗା ହେବ। ସୂତ୍ର ଅନୁଯାୟୀ କମ୍ପାନୀ ଏହାର ୪୫୦ଏସ୍, ୪୫୦ଏକ୍ସ ଏବଂ ୪୫୦ ଆପେକ୍ସ ମଡେଲର ମୂଲ୍ୟ ବୃଦ୍ଧି କରିବ । ଏହାର ମୂଲ୍ୟ ୩୦୦୦-୬,୦୦୦ ଟଙ୍କା ବୃଦ୍ଧି ପାଇବ । ଯଦି ଆପଣ ଏବେ ଏକ ନୂତନ ଇଲେକ୍ଟ୍ରିକ୍ ସ୍କୁଟର କିଣିବାକୁ ଯୋଜନା କରୁଛନ୍ତି, ତେବେ ଆପଣ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆଥରର ନୂତନ ସ୍କୁଟର କିଣି ପାରିବେ ଏବଂ ଅତିରିକ୍ତ ମୂଲ୍ୟ ଦେବାକୁ ଏଡ଼ାଇ ପାରିବେ । ଆଥର ୪୫୦ ମଡେଲରେ ଦୁଇଟି ବ୍ୟାଟେରୀ ପ୍ୟାକ୍ ଅଛି । ଯେଉଁଥିରେ ୨.୯ କିଲୋୱାଟ ଏବଂ ୩.୭କିଲୋୱାଟ ଅନ୍ତର୍ଭୁକ୍ତ ଏବଂ ସେମାନଙ୍କର ମୂଲ୍ୟ ୧.୪୧ ଲକ୍ଷ ଏବଂ ୧.୫୫ ଲକ୍ଷ ଟଙ୍କା ରହିଛି । ଆଥର୍ ୪୫୦ଏକ୍ସରେ ସିଟ୍ ଉଚ୍ଚତା ୭୮୦ ମିମି । ଏହି ସ୍କୁଟର ଫାଷ୍ଟ ଚାର୍ଜର ସହିତ ୪ ଘଣ୍ଟା ୩୦ ମିନିଟରେ ସମ୍ପୂର୍ଣ୍ଣ ଚାର୍ଜ ହୋଇଯାଏ । ସ୍କୁଟରର ମୂଳ ମଡେଲ ୧.୪୨ ଲକ୍ଷ ଏକ୍ସ-ଶୋ'ରୁମରେ ଉପଲବ୍ଧ । ଆଥରର ଏହି ସ୍କୁଟରର ଓଜନ ୧୦୮ କିଲୋଗ୍ରାମ, ଯେଉଁ କାରଣରୁ ଘରର ମହିଳା ଏବଂ ବୃଦ୍ଧ ଲୋକମାନେ ମଧ୍ୟ ଏହାକୁ ସହଜରେ ଚଲାଇ ପାରିବେ । ଏହି ସ୍କୁଟରଟି ୬୪୦୦ ୱାଟ ପାୱାର ମୋଟର ସହିତ ଆସିଥାଏ । ଏହାପୂର୍ବରୁ ଆଥର ଏହାର ସ୍କୁଟର ରିଜଟା ମୂଲ୍ୟ ବୃଦ୍ଧି କରିବାକୁ ଘୋଷଣା କରିଥିଲା । କମ୍ପାନୀ ଅନୁଯାୟୀ ଏହି ସ୍କୁଟରର ମୂଲ୍ୟ ୪୦୦୦ ରୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯିବ। ନୂତନ ମୂଲ୍ୟ ଜାନୁଆରୀ ୧, ୨୦୨୫ରୁ କାର୍ଯ୍ୟକାରୀ ହେବ । ଆଥର ରିଜଟା ମୂଲ୍ୟ ବେଙ୍ଗାଲୁରୁର ୧.୧୦ ଲକ୍ଷରୁ ଆରମ୍ଭ ହୋଇଛି । ୩ ପ୍ରକାର ଏବଂ ୭ ରଙ୍ଗ ବିକଳ୍ପ ସହିତ ରିଜଟା ସ୍କୁଟର ଉପଲବ୍ଧ । ୫୬ ଲିଟରର ସବୁଠାରୁ ବଡ ଷ୍ଟୋରେଜ୍ ଆଥର ରିଜଟା ଉପଲବ୍ଧ ।

## ଆଜିର ସୁନା ଦର



**ଭୁବନେଶ୍ୱର,୨୨।୧୨:** ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୦୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୪୫୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧,୦୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୪୫୦ ଟଙ୍କା ଥିଲା । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୦୦୦ ଟଙ୍କା ଓ ୭୭ ,୪୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୧୫୦ ଟଙ୍କା ଓ ୭୭ , ୬୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୦୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୪୫୦ ଟଙ୍କା ଥିବା ରେକର୍ଡ ହୋଇଛି ।

## କମୁଛି ଘରୋଇ ପ୍ରବାସ: ୨୦୧୧-୨୦୨୩ ଭିତରେ ୧୨% କମିଛି



**ନୂଆଦିଲ୍ଲୀ,୨୨।୧୨:** ଦେଶରେ ଡୋମେଷ୍ଟିକ୍ ମାଇଗ୍ରେସନ ବା ଘରୋଇ ପ୍ରବାସ (ଦେଶ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ କାମଧନ୍ଦା ଅନ୍ୱେଷଣରେ ଲୋକଙ୍କ ଯା'ଆସ) ହ୍ରାସ ପାଇଛି। ୨୦୧୧ରୁ ୨୦୨୩ ମଧ୍ୟରେ ଏଥିରେ ପ୍ରାୟ ୧୨ ପ୍ରତିଶତ ହ୍ରାସ ଘଟି ୪୦.୨୦ କୋଟିକୁ ଖସିଆସିଛି। ଏହାଦ୍ୱାରା ଦେଶରେ ଅର୍ଥନୈତିକ ସୁଯୋଗ ଲୋକଙ୍କ ଘର ନିକଟରେ ଉପଲବ୍ଧ ହେଉଥିବା ଆଭାସ ମିଳୁଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ (ଇଏସି-ପିଏମ୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଏହା ଜଣାଯାଇଛି। ଇଏସି-ପିଏମ୍‌ର ରିପୋର୍ଟ ଅନୁଯାୟୀ, ଦେଶରେ ଘରୋଇ ପ୍ରବାସୀଙ୍କ ସଂଖ୍ୟା ୨୦୨୩ ମସିହାରେ ୪୦, ୨୦,୯୦,୩୯୬ ରହିଛି। ୨୦୧୧ ଜନଗଣନା ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ସଂଖ୍ୟା ତୁଳନାରେ ଏହା ୧୧.୭୮ ପ୍ରତିଶତ କମ୍। ଇଏସି-ପିଏମ୍ ପକ୍ଷରୁ ଡିସେମ୍ବରରେ ପ୍ରକାଶିତ ଉକ୍ତ ସନ୍ଦର୍ଭରେ ୨୦୧୧ରେ ଘରୋଇ ପ୍ରବାସୀଙ୍କ ସଂଖ୍ୟା ୪୫,୫୭,୮୭,୬୨୧ ରହିଥିବା ଦର୍ଶାଯାଇଛି। ଦେଶରେ ସାମଗ୍ରିକ ଘରୋଇ ପ୍ରବାସୀଙ୍କ ସଂଖ୍ୟା କମୁଛି। ୨୦୧୧ ଜନଗଣନା ଅନୁସାରେ ଦେଶରେ ପ୍ରବାସ ହାର ୩୭.୬୪ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୨୮.୮୮ ପ୍ରତିଶତକୁ କମିଯାଇଛି। ଯେଉଁସବୁ ସ୍ଥାନରୁ ଲୋକମାନେ ଅଧିକ ସଂଖ୍ୟାରେ ବାହାରକୁ ଯାଉଥିଲେ ସେସବୁ ସ୍ଥାନରେ ଅଧିକ ମାତ୍ରାରେ ଅର୍ଥନୈତିକ ସୁବିଧାସୁଯୋଗ ଉପଲବ୍ଧ ହେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିବା କାରଣରୁ ଏହି ସଂଖ୍ୟା ହ୍ରାସ ପାଇଥିବା ଅନୁମାନ କରାଯାଇଛି। ସାମଗ୍ରିକ ଅର୍ଥନୈତିକ ଅଗ୍ରଗତିର ଏହା ଏକ ମାନଦଣ୍ଡ ବୋଲି ଇଏସି-ପିଏମ୍‌ର ପୂର୍ବତନ ଅଧ୍ୟକ୍ଷ ବିବେକ ଦେବରୟ ସେଥିରେ ଲେଖିଛନ୍ତି। ମୁଖ୍ୟତଃ ଭାରତୀୟ ରେଳର ଅସଂରକ୍ଷିତ ଟିକଟ ବ୍ୟବସ୍ଥା (ୟୁଟିଏସ୍) ତଥ୍ୟରେ ଯାତ୍ରୀଙ୍କ ସଂଖ୍ୟା, ଟ୍ରାଇର ମୋବାଇଲ ରୋମିଂ ତଥ୍ୟ ଏବଂ ଜିଲ୍ଲାସ୍ତରରେ ବ୍ୟାଙ୍କିଂ ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଯେଉଁସବୁ ସ୍ଥାନରୁ ଅଧିକ ଲୋକ ଦେଶର ବିଭିନ୍ନ ସ୍ଥାନକୁ ଆସିଥାନ୍ତି ସେଗୁଡ଼ିକ ମଧ୍ୟରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ ଏବଂ କୋଲକାତା ଆଦି ରହିଛି। ତେବେ ଯେଉଁ ପ୍ରମୁଖ ୫ଟି ରାଜ୍ୟକୁ ସବୁଠୁ ଅଧିକ ପ୍ରବାସୀ ଶ୍ରମିକ ଆସୁଥିଲେ ସେଥିରେ ପରିବର୍ତ୍ତନ ଆସିଛି। ଏହି ପାଞ୍ଚଟି ରାଜ୍ୟ ତାଲିକାରୁ ଆନ୍ଧ୍ରପ୍ରଦେଶ ଏବଂ ବିହାର ବାଦ୍ ପଡ଼ିଥିବାବେଳେ ପଶ୍ଚିମବଙ୍ଗ ଏବଂ ରାଜସ୍ଥାନ ଏଥିରେ ସାମିଲ ହୋଇଛନ୍ତି। ପ୍ରବାସୀ ଶ୍ରମିକ ଆସୁଥିବା ୫ଟି ରାଜ୍ୟ ମଧ୍ୟରୁ ପଶ୍ଚିମବଙ୍ଗ, ରାଜସ୍ଥାନ ଏବଂ କର୍ଣ୍ଣାଟକର ଅଂଶ ଅଧିକ ବଢ଼ିଥିବାବେଳେ ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶର ପ୍ରତିଶତ ହ୍ରାସ ପାଇଛି। ମୁମ୍ବାଇ, ବେଙ୍ଗାଲୁରୁ ଅର୍ବାନ, ହାଓଡ଼ା, ସେଣ୍ଟ୍ରାଲ ଦିଲ୍ଲୀ, ହାଇଦ୍ରାବାଦ ଜିଲ୍ଲାକୁ ସର୍ବାଧିକ ପ୍ରବାସୀଙ୍କ ଆଗମନ ହେଉଥିବାବେଳେ ଭଲସାଦ୍, ଚିତ୍ତୋର, ପଶ୍ଚିମ ବର୍ଦ୍ଧମାନ, ଆଗ୍ରା, ଗୁଣ୍ଟୁର, ଭିଲୁପୁରମ, ସହର୍ସା ଜିଲ୍ଲାରୁ ସବୁଠୁ ଅଧିକ ପ୍ରବାସୀ ଆସିଛନ୍ତି। ଟ୍ରାଇ ତଥ୍ୟକୁ ବିଶ୍ଳେଷଣ କରି ଏହା କୁହାଯାଇଛି ଯେ ଏପ୍ରିଲ-ଜୁନ ମଧ୍ୟରେ ସବୁଠୁ ଅଧିକ ପ୍ରବାସୀ ଯାତ୍ରା କରୁଥିବାବେଳେ ନଭେମ୍ବର-ଡିସେମ୍ବର ସମୟରେ ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ପ୍ରବାସୀ ଯାତ୍ରା କରୁଛନ୍ତି।

# ଲଞ୍ଚ ହୋଇଛି କିଆ ସିରୋସ୍




**ନୂଆଦିଲ୍ଲୀ,୨୨।୧୨:** କିଆ ଭାରତରେ ଅପଡେଟ୍ କମ୍ପାକ୍ଟ ଏସ୍‌ୟୁଭି କିଆ ସିରୋସ୍ ଲଞ୍ଚ କରିଛି । ବଡ଼ ହେଡଲ୍ୟାମ୍ପ ଏବଂ ବକ୍ସି ଡିଜାଇନ୍ ସହିତ ଏହି ଏସ୍‌ୟୁଭି ସୋନେଟ୍ ଉପରେ ଏବଂ ସେଲଟୋସ୍ ତଳେ ଏକ ମଡେଲ ଭାବରେ ଦେଖାଯାଏ । ଏହି ଡଜାଇନ୍ ବସ୍ତେବରେ ୟୁନିକ୍ ହୋଇଛି । ଭାରତରେ ଏହାର ବୁକିଂ ଜାନୁଆରୀ ୩ ରୁ ଆରମ୍ଭ ହେବ ଏବଂ ଏହାର ଡେଲିଭରୀ ଫେବୃଆରୀ ୨୫, ୨୦୨୫ ରୁ ଗ୍ରାହକଙ୍କ ନିକଟରେ ପହଞ୍ଚିବ । ନୂଆ ସିରୋସ୍ ନିଜ ପାଇଁ ଏକ ଖାସ୍ ଜାଗା ତିଆରି କରିବା ଏବଂ କ୍ରେତାମାନଙ୍କୁ ୟୁନିକ୍ ଡିଜାଇନ୍ ଲାଙ୍ଗୁଏଜ୍ ପ୍ରଦାନ କରିବାକୁ ଲକ୍ଷ ରଖିଛି । ଆପଣଙ୍କୁ କହିବୁ ଯେ ଏସ୍‌ୟୁଭି ର ପ୍ରାଇସ୍ ପ୍ରକାଶ ହୋଇନାହିଁ । ଏହା ପୂର୍ବରୁ ଭାରତରେ ସେଲ ହେଉଥିବା ଅନ୍ୟ ଠାରୁ ଭିନ୍ନ ହୋଇଛି । ସିରୋସ୍ ର ବେଟର ଡିଜାଇନ୍ ଏବଂ ଫିଚର-ଲୋଡେଡ୍ ଏକ୍ସପେରିଏନ୍ସ, ଟେକ୍-ଲୋଡେଡ୍ ପରସ୍ନାଲିଟି, ରିଡିଫାଇନ୍ ସେଫ୍ଟି ଏବଂ ଏକ ପ୍ରିମିୟମ ଅପିଲ୍ ଅଫର କରିବାକୁ ଲକ୍ଷ ରଖିଛି । ଏହି ନୂଆ କ୍ରସଓଭର ଏସ୍‌ୟୁଭି ବହୁତ ସୁନ୍ଦର ଦେଖାଯାଏ । ଏହା ଏକ ହରିଜେଣ୍ଟାଲ୍ ପ୍ଲେସ୍ ଏଲଇଡି ହେଡଲାଇଟ୍ ସେଟଅପ୍ ମଧ୍ୟ ଅଫର କରିଥାଏ ଯାହାକି ବଡ଼ ଏଲଇଡି ଡିଆରଏଲ୍‌ଏସ୍ ଦ୍ୱାରା ଘେରି ରହିଥାଏ । ନିମ୍ନ ଗ୍ରିଲରେ ଏଡିଏଏସ୍ ପାଇଁ ଏକ ରାଡାର୍ ମଡ୍ୟୁଲ୍ ମଧ୍ୟ ଅଫର କରାଯାଇଥାଏ । ପାୱାରଟ୍ରେନ୍ : ସୋନେଟ୍ ଏବଂ ସେଲଟୋସ୍ ପରି ସିରୋସ୍ ନ୍ୟାଚୁରାଲି ଏସ୍ପିରେଟେଡ୍ ପେଟ୍ରୋଲ ଇଞ୍ଜିନ୍ ସହିତ ଉପଲବ୍ଧ ନୁହେଁ । କମ୍ପାନୀ ୧-ଲିଟର ଟର୍ବୋ ପେଟ୍ରୋଲ ଇଞ୍ଜିନ୍ ,ବଂ ୧.୫ ଲିଟର ଡିଜେଲ ଇଞ୍ଜିନ୍ ଅଫର କରେ । ସିରୋସ୍ ଦ୍ୱାରା ପ୍ରଦାନ କରାଯାଇଥିବା ଦୁଇଟି ଇଞ୍ଜିନର ବିଷୟରେ ଜାଣନ୍ତୁ। ୧.୦ ଲିଟର ଟର୍ବୋ ପେଟ୍ରୋଲ ଇଞ୍ଜିନ୍ ଯାହା ୧୨୦ପିଏସ୍ ର ମ୍ୟାକ୍ସିମମ୍ ପାୱାର ୧୭୨ଏନ୍‌ଏମ୍ ର ପିକ୍ ଟର୍କ ଜେନେରେଟ୍ କରିଥାଏ । ଏହି ଇଞ୍ଜିନକୁ ୬-ସ୍ପିଡ୍ ମାନୁଆଲ୍ ଯଥା ୭-ସ୍ପିଡ୍ ଡିଟିସି ଟ୍ରାନ୍ସମିସନ୍ ସହିତ ଯୋଡା ଯାଇଛି । ୧.୫ ଲିଟର ଡିଜେଲ ଇଞ୍ଜିନ୍ ଯାହା ୧୧୬PS ର ସର୍ବାଧିକ ପାୱାର ଏବଂ ୨୫୦ଏନ୍‌ଏମ୍ ର ପିକ୍ ଟର୍କ ଜେନେରେଟ୍ କରିଥାଏ । ଏହି ଇଞ୍ଜିନକୁ ୬-ସ୍ପିଡ୍ ମାନୁଆଲ କିମ୍ବା ୬-ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ସହିତ ଯୋଡି ହୋଇଛି ।

## ନମୋ ଭାରତ ଟ୍ରେନ୍ ଯାତ୍ରା ହେବ ଶସ୍ତା, ମିଳିବ ୧୦% ରିହାତି

**ନୂଆଦିଲ୍ଲୀ,୨୨।୧୨:** ନମୋ ଭାରତ ଟ୍ରେନ୍‌ରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଖୁସି ଖବର । ଏବେ ଏ ଟ୍ରେନ୍‌ରେ ଶସ୍ତାରେ ଯାତ୍ରା କରିପାରିବେ ଯାତ୍ରୀ । ଏଥିପାଇଁ ଏନ୍‌ସିଆର୍‌ଟିସି ଏକ ଲୟାଲ୍‌ଟି ପଏଣ୍ଟ୍ ପ୍ରୋଗ୍ରାମ ଆରମ୍ଭ କରିଛି । ଏହାଦ୍ୱାରା ଯାତ୍ରୀମାନଙ୍କୁ ଭଡ଼ାରେ ୧୦% ରିହାତି ମିଳିବ । ଏହାର ଲାଭ ଉକ୍ତ ଯାତ୍ରୀଙ୍କୁ ମିଳିବ,ଯେଉଁମାନେ ନିୟମିତ ଭାବେ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି । ଏହି ନୂଆ ପ୍ରୋଗ୍ରାମ୍‌ର ଆରମ୍ଭ ଶନିବାର ଏନ୍‌ସିଆର୍‌ଟିସିର ଏମ୍‌ଡି ଶଲଭ ଗୋୟଲ ସାହିବାବାଦ ଆର୍‌ଆର୍‌ଟିଏସ୍ ଷ୍ଟେସନ୍‌ରେ କରିଛନ୍ତି। ଏ ପ୍ରୋଗ୍ରାମ ବ୍ୟତୀତ ଶନିବାର ଏନ୍‌ସିଆର୍‌ଟିସିର ଦ୍ୱିମାସିକ ନ୍ୟୁଜ୍‌ଲେଟର ବି ଲଞ୍ଚ୍ ହୋଇଛି । ଏହାର ନାଁ ନମୋ ଭାରତ ଟାଇମ୍ସ ରହିଛି। ଏହା ସମସ୍ତ ଡିଜିଟାଲ ପ୍ଲାଟ୍‌ଫର୍ମ ଯେପରି ଆର୍‌ଆର୍‌ଟିଏସ୍ କନେକ୍ଟ ଆପ୍, ଏନ୍‌ସିଆର୍‌ଟିସି ଡଟ୍ ଇନ୍, ଆର୍‌ଆର୍‌ଟିଏସ୍ ଡଟ୍ କୋ ଡଟ୍ ଇନ୍ ଆଦିରେ ମାଗଣାରେ ଡାଉନ୍‌ଲୋଡ୍ ହୋଇପାରିବ । ଏଥିରେ ନମୋ ଭାରତ ଯାତ୍ରୀମାନଙ୍କୁ ଏନ୍‌ସିଆର୍‌ଟିସି ପକ୍ଷରୁ ଲଞ୍ଚ କରାଯାଇଥିବା ନୂଆ ସ୍କିମ୍ ଏବଂ ଖବର ଉପରେ ସୂଚନା ମିଳିବ । ତେବେ ଲୟାଲ୍‌ଟି ପ୍ରୋଗ୍ରାମର ଫାଇଦା ଆର୍‌ଆର୍‌ଟିଏସ୍ କନେକ୍ଟ ମୋବାଇଲ ଆପ୍ଲିକେଶନ୍ ମାଧ୍ୟମରେ ଉଠାଯାଇପାରିବ । ଯାତ୍ରୀଙ୍କୁ ନମୋ ଭାରତ ଟ୍ରେନ୍ ଟିକଟରେ ଖର୍ଚ୍ଚ କରାଯାଇଥିବା ପ୍ରତ୍ୟକ ଟଙ୍କା ବଦଳରେ ଗୋଟିଏ ଅଙ୍କ ପ୍ରାପ୍ତ ହେବ ।

## ଚମଡା ଶିଳ୍ପରେ ଉତ୍ସାହ: ଆମେରିକାରୁ ଆସୁଛି ସର୍ବାଧିକ ଅର୍ଡର



**ନୂଆଦିଲ୍ଲୀ:** ବିଶ୍ୱ ବଜାରରେ ଚମଡ଼ାରୁ ନିର୍ମିତ ଉତ୍ପାଦଗୁଡ଼ିକର ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଉଛି, ତେଣୁ ଏହାର ରପ୍ତାନି ମଧ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି । ଚଳିତ ଆର୍ଥିକ ବର୍ଷରେ ଚମଡା ଏବଂ ଏଥିରୁ ପ୍ରସ୍ତୁତ ଚପଲ ରପ୍ତାନି ୧୨ ପ୍ରତିଶତ ବୃଦ୍ଧି ହୋଇ ୫.୩ ବିଲିୟନ ଡ଼ଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। କାଉନ୍ସିଲ ଫର ଲେଦର ଏକ୍ସପୋର୍ଟ (ସିଏଲ୍ଏ) ର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଜାଲାନ୍ କହିଛନ୍ତି ଯେ ଆମେରିକା ସମେତ ବିଶ୍ୱର ଅନେକ କମ୍ପାନୀ ଭାରତରେ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବାକୁ ଚିନ୍ତା କରୁଛନ୍ତି । ସେ କହିଛନ୍ତି ଯେ ୨୦୨୩-୨୪ ମସିହାରେ ଆମେ ୪.୬୯ ବିଲିୟନ ଆମେରିକୀୟ ଡଲାର ପର୍ଯ୍ୟନ୍ତ ରପ୍ତାନି କରିଥିଲୁ। ଏହି ବର୍ଷ ଆମେ ୫.୩ ବିଲିୟନ ଆମେରିକୀୟ ଡଲାର ପର୍ଯ୍ୟନ୍ତ ରପ୍ତାନି ଆଶା କରୁଛୁ। ଆମେରିକା ଏବଂ ବ୍ରିଟେନରୁ ଚମଡା ପାଇଁ ବହୁତ ଚାହିଦା ଅଛି । ଅନେକ ବଡ ଅର୍ଡର ମଧ୍ୟ ଗ୍ରହଣ କରାଯାଉଛି । ଭାରତୀୟ ଚମଡ଼ା ରପ୍ତାନିକାରୀମାନେ ମଧ୍ୟ ଆଫ୍ରିକାରେ ବ୍ୟବସାୟିକ ସୁଯୋଗ ଖୋଜୁଛନ୍ତି। ଏହା ଏକ ଶ୍ରମ ଭିତ୍ତିକ ଶିଳ୍ପ, ଯାହାକି ୪୨ ଲକ୍ଷ ଲୋକଙ୍କୁ ରୋଜଗାର ଯୋଗାଇଥାଏ ।

## ମହିନ୍ଦ୍ରାର ନୂଆ ଇଲେକ୍ଟ୍ରିକ୍ କାର ପାଇଁ ବୁକିଂ ଆରମ୍ଭ




**ନୂଆଦିଲ୍ଲୀ,୨୨।୧୨:** ମହିନ୍ଦ୍ରା ର ନୂଆ ଇଲେକ୍ଟ୍ରିକ୍ କାର ବିଇ ୬ ଏବଂ ଏକ୍ସଇଭି ୯ଇ, ଏହି ଦୁଇଟି ଗାଡି ଗତ ମାସରେ ୨୬ ନଭେମ୍ବର ୨୦୨୪ରେ ଭାରତୀୟ ବଜାରରେ ଲଞ୍ଚ କରାଯାଇଥିଲା। ଏହି ଗାଡିଗୁଡିକର ଲଞ୍ଚିଂ ସହିତ ଇଲେକ୍ଟ୍ରିକ୍ ସେଗମେଣ୍ଟରେ ଏକ ନୂଆ ଲୁକର ଏଣ୍ଟ୍ରି ହୋଇଛି । ବର୍ତ୍ତମାନ ଏହି କାରର ପ୍ରଶଂସକମାନେ ଏହି ଗାଡିଗୁଡିକର ବୁକିଂ ଆରମ୍ଭକୁ ଅପେକ୍ଷା କରିଛନ୍ତି । ମହିନ୍ଦ୍ରା ର ଇଲେକ୍ଟ୍ରିକ୍ ଗାଡି ଆଇଏନ୍‌ଜିଏଲ୍‌ଓ ଆର୍କିଟେକ୍ଚର ଉପରେ ବେସ୍ଡ, ଯାହାକି ବି-ସ୍ପୋକେଡ୍ ଇଲେକ୍ଟ୍ରିକ୍ ପ୍ଲାଟଫର୍ମ ଅଛି । ମହିନ୍ଦ୍ରା ଏକ୍ସଇଭି ୯ଇ ର ପ୍ରାରମ୍ଭିକ ମୂଲ୍ୟ ୨୧.୯୦ ଲକ୍ଷ ଟଙ୍କା ସହିତ ଅଣାଯାଇଛି । ଯେଉଁଠାରେ ବିଇ ୬ଇ ର ପ୍ରାରମ୍ଭିକ ମୂଲ୍ୟ ୧୮.୯ ଲକ୍ଷ ଟଙ୍କା ସହିତ ଆସିଛି । କମ୍ପାନୀ ଏହି ମଡେଲ ନାମରେ କିଛି ଚେଞ୍ଜ କରିପାରେ । ମହିନ୍ଦ୍ରା ର ଇଲେକ୍ଟ୍ରିକ୍ ଗାଡି ପାଇଁ ଜାନୁଆରୀ ୨୦୨୫ ରେ ଆରମ୍ଭ ହୋଇପାରେ । ଅଟୋମେକର୍ସମାନେ ମଧ୍ୟ ଫେବୃଆରୀ ୨୦୨୫ ର ପରବର୍ତ୍ତୀ ମାସରେ ଏହି ଗାଡିଗୁଡିକ ଡେଲିଭରୀ କରିବା ଆରମ୍ଭ କରିପାରିବେ । କମ୍ପାନୀ ଏପର୍ଯ୍ୟନ୍ତ କୈଣସି ଅଫିସିଆଲି ଆନାଉନ୍ସମେଣ୍ଟ କରିନାହିଁ । ଆଗାମୀ ସମୟରେ ଅଟୋମେକର୍ସମାନେ ବୁକିଂ ଡେଟ୍ ସହିତ ଗାଡିଗୁଡିକର ଆମାଉଣ୍ଟ ପ୍ରକାଶ କରିବାକୁ ଯାଉଛନ୍ତି । ମହିନ୍ଦ୍ରା ଏକ୍ସଇଭି ୯ଇ ଏକ ବଡ ଇଲେକ୍ଟ୍ରିକ୍ କାର୍ ହୋଇଛି ଏବଂ ବିଇ ୬ଇ ଏକ ଏସ୍‌ୟୁଭି ହୋଇଛି । ଏହି ଗାଡିଗୁଡିକରେ ୫୯ କେଡବ୍ଲ୍ୟୁଏଚ୍ ଏବଂ ୭୯କେଡବ୍ଲ୍ୟୁଏଚ୍‌ର ବ୍ୟାଟେରୀ ପ୍ୟାକ୍ ଅଫର ମିଳିଥାଏ । ଏହି ଗାଡିଗୁଡିକର ରେଞ୍ଜ ବିଷୟରେ କହିବାକୁ ଗଲେ ତେବେ ବିଇ ୬ଇ ସିଙ୍ଗଲ ଚାର୍ଜରେ ୬୮୨ କିଲୋମିଟରର ରେଞ୍ଜ ଦେବାକୁ ଦାବି କରେ । ବଡ଼ ଇଲେକ୍ଟ୍ରିକ୍ କାର୍ ଏକ୍ସଇଭି ୯ଇ ଗୋଟିଏ ଥା ଚାର୍ଜରେ ୬୫୬ କିଲୋମିଟର ଦୂରତା ଅତିକ୍ରମ କରିବାକୁ ଦାବି କରେ । ମହିନ୍ଦ୍ରା ର ଏହି ଦୁଇଟି ଇଲେକ୍ଟ୍ରିକ୍ ଗାଡିରେ ଫାଷ୍ଟ ଚାର୍ଜିଂର ଫିଚର ଦିଆଯାଇଛି । ଏହା ସହିତ ଓଟିଏ ଅପଡେଟ୍ସ, ସେଲଫି କ୍ୟାମେରା, ଏଡିଏଏସ୍ ଲେବଲ ୨, ୧୬-ସ୍ପିକର ସାଉଣ୍ଡ ସିଷ୍ଟମ ଏବଂ ହେଡ୍-ଅପ୍ ଡିସପ୍ଲେର ଫିଚର ମଧ୍ୟ ସାମିଲ ରହିଛି ।

# ଲଘୁଚାପଜନିତ ବର୍ଷାରେ ବ୍ୟାପକ ଫସଲ ନଷ୍ଟ



**କଣାସ, ୨୨।୧୨ (ସଂଚାର ବ୍ୟୁରୋ) :** ଦୁଇଦିନ ଧରି ଅଦିନିଆ ବର୍ଷା ହେବା ଦ୍ୱାରା ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ଶାରଦ ଧାନ ଫସଲ ଓ ପରିବା ଫସଲ ବ୍ୟାପକ ନଷ୍ଟ ହେବା ସହିତ ଚିଲିକା ଉପକୂଳର ଗୋପୀନାଥପୁର, କଦୁଆ, ଦୋଛିଆଁ, ବଡାଲ, ଗଡ଼ଖାରଦ, ଦେଇପୁର, ଗଡ଼ିଶାଗୋଡା, ଯାମଳଗୋଡା, ଆଳିବାଡ, ଖଣ୍ଡହତା, ସାହୁପଡ଼ା, ଚୁପୁରିଙ୍ଗି ଗ୍ରାମପଞ୍ଚାୟତର ଚାଷୀମାନେ ଖରାଟିଆ ଧାନ ଚାଷ ପାଇଁ ଜମିରେ ଆଛେରା ଧାନ ପକାଇଥିଲା ବର୍ଷା ଫଳରେ ଆଛେରା ଜମିରେ ପାଣି ଲହଡି ମାରୁଥିବାରୁ ଧାନ ମଞ୍ଜି ଗୁଡିକ ପଚି ନଷ୍ଟ ହୋଇଯିବାର ସମ୍ଭାବନା ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

# ଅଦିନିଆ ବର୍ଷା ଉଜାଡିଦେଲା ଧାନ, ଚିନ୍ତାରେ ଚାଷୀ

**ବ୍ରହ୍ମପୁର, ୨୨।୧୨ (ସଂଚାର ବ୍ୟୁରୋ):** ଅଦିନିଆ ବର୍ଷା ଯୋଗୁଁ ଉଜୁଡି ଯାଇଛି ଚାଷୀଙ୍କ ଧାନ। ଗଞ୍ଜାମ ଜିଲ୍ଲାର ଚାଷ ଜମିରେ ଏବେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି। ଯାହା ଚାଷୀଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଚାଷୀ କାଟି ଥିବା

### ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା

ଧାନ ଏବେ ପାଣିରେ ଭାସୁଛି । ତେବେ ଅଦିନିଆ ବର୍ଷା ଚାଷୀକୁଳର ଅଣ୍ଟା ଭାଙ୍ଗି ଦେଇଥିବା ବେଳେ ବିଭିନ୍ନ ଚାଷ ଜମି ବୁଲିବା ସହ ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କ ସହ ରାଜ୍ୟ ସଡକ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଲୋଚନା କରିଛନ୍ତି। ବର୍ତ୍ତମାନର ସମୟରେ ଚାଷୀ ତାର ଅମଳ ଧାନକୁ



କାଟି ମଣ୍ଡିରେ ନେଇ ବିକ୍ରି କରିବା ସହ ସରକାରୀ ଧାର୍ଯ୍ୟ ରାଶି ପାଇବା ଆଶାରେ ଥିବା ବେଳେ ଧାନ ବିଲରେ ବର୍ଷା ପାଣିରେ ଅମଳ ହୋଇଥିବା ଏକର ଏକର ଧାନ ବୁଡି ରହିଛି। ସାରା ଜିଲ୍ଲାର ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଗଞ୍ଜାମ ଜିଲ୍ଲାପାଳଙ୍କ ସୂଚନା ପ୍ରକାରେ, ଚଳିତ ମାସ ୨୩ ତାରିଖରୁ ଧାନ ମଣ୍ଡିରେ ବିକ୍ରି ହେବା ନେଇ ତାରିଖ ଧାର୍ଯ୍ୟ କରାଯାଇଥିଲା କିନ୍ତୁ ଏବେ ଏଥିରେ ପରିବର୍ତ୍ତନ ହୋଇ ଆସନ୍ତା ୩ ତାରିଖରେ ଧାନ ମଣ୍ଡି ଖୋଲାଯିବା ନେଇ ସୂଚନା ଦିଆଯାଇଛି। ଅନ୍ୟପଟେ ଚାଷୀ ଏବେ ଧାନ ଅମଳକୁ ନେଇ ଚିନ୍ତାରେ ପଡିଛନ୍ତି। ସେପଟେ ବର୍ଷା ପାଣିରେ ବୁଡି ରହିବା ଯୋଗୁଁ ଧାନର ଏଫଏକ୍ୟୁ ମାନରେ କମିପାରେ। ସରକାର ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ଘୋଷଣା କରିଥିବା ବେଳେ ଏଫଏକ୍ୟୁ ମାନ କମିଲେ ସେହି ମୂଲ୍ୟରେ ଧାନ ବିକ୍ରି ହେବ କି ନାହିଁ ସେନେଇ ମଧ୍ୟ ଚାଷୀ ଦ୍ୱନ୍ଦ୍ୱରେ ପଡିଛନ୍ତି। ମନ୍ତ୍ରୀ ନିଜେ ଜିଲ୍ଲାର ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲି ଧାନ ବିଲର ସ୍ଥିତି ପରଖିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ମନ୍ତ୍ରୀଙ୍କ ସହ ସ୍ଥାନୀୟ ଅଧିକାରୀ ମଧ୍ୟ ଉପସ୍ଥିତ ରହି ସ୍ଥିତି ପରଖିଥିଲେ। ତେବେ ଚାଷୀମାନଙ୍କର ହୋଇଥିବା କ୍ଷୟକ୍ଷତି ଆକଳନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏହାସହ ଚାଷୀମାନଙ୍କୁ ଉପଯୁକ୍ତ ମୂଲ୍ୟ ଯୋଗାଇ ଦେବାକୁ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

# ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ୨୪ରେ ଉଦ୍‌ଘୋଷକ ଚୟନ

**ସୁବର୍ଣ୍ଣପୁର, ୨୨।୧୨ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୫ ପାଇଁ ସାଂସ୍କୃତିକ କମିଟିର ଅଧ୍ୟକ୍ଷା ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ନିର୍ଦ୍ଦେଶ ଅନୁଯାୟୀ ସୁବର୍ଣ୍ଣ ଲୋକ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚଳିତ ବର୍ଷ ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଉଦଘୋଷକ ମାନଙ୍କୁ ସୁଯୋଗ ଦେବା ପାଇଁ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ । ଚଳିତ ଡିସେମ୍ବର ମାସ ୨୪ ତାରିଖ ରେ ସ୍ଥାନୀୟ ସଂସ୍କୃତି ଭବନରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ୧୫ ରୁ ୩୫ ବର୍ଷ ବୟସ୍କ ଯୁବକ ଏବଂ ଯୁବତୀ ସେହି ଦିନ ସକାଳ ୧୦ ଘଣ୍ଟା ସମୟ ରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ସିଧାସଳଖ ଯୋଗଦାନ କରି ନାମ ପଞ୍ଜୀକରଣ କରି ପାରିବେ । ପ୍ରତିଭାଗୀ ମାନେ ଉପଯୁକ୍ତ ବେଶ ପୋଷାକ ସହ ନିଜ ଦ୍ୱାରା ପ୍ରସ୍ତୁତ ଦୁଇଟି ଉଦଘୋଷଣାକୁ ସମ୍ବଲପୁରୀ, ହିନ୍ଦୀ,ଓଡିଆ ଭାଷାରେ ପ୍ରସ୍ତୁତ କରି ନିଜର କଳା ପ୍ରଦର୍ଶନ କରିବେ। ଆବଶ୍ୟକ ସ୍ଥଳେ ବିଚାରକ ମାନେ ପ୍ରତିଭାଗୀଙ୍କୁ ତତକ୍ଷଣାତ କିଛି କଳା ପ୍ରଦର୍ଶନ କରିବାକୁ ମଧ୍ୟ କହିପାରିବେ। ପ୍ରତିଯୋଗୀ ମାନେ ଅଧିକ ବିବରଣୀ ପାଇଁ କଳାକାର ପ୍ରଦ୍ୟୁମ୍ନ କୁମାର ସାହୁ, ମୋ ୯୪୩୭୬୩୭୯୧୬ ଏବଂ ଅବିନାଶ ହୋତା, ୯୪୩୭୯୮୪୮୩୨ଙ୍କ ସହ ଯୋଗାଯୋଗ କରି ପାରିବେ। ଏହି ଉଦଘୋଷକ ଚୟନ ପ୍ରକ୍ରିୟାରେ ଅଧିକ ପ୍ରତିଭାଗୀ ଭାଗ ନେବାକୁ ଜିଲ୍ଲା ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ତରଫରୁ ଅନୁରୋଧ କରାଯାଇଛି।

# ସ୍ୱପ୍ନେଶ୍ୱର ଦେବ ଟ୍ରଷ୍ଟର ଜରୁରୀ ବୈଠକ

**ବାଲିଅନ୍ତା, ୨୨।୧୨ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ବାଲକାଟି ଅଞ୍ଚଳର ଆରାଧ୍ୟ ଦେବ ସ୍ୱେପ୍ନେଶ୍ୱର ଦେବଙ୍କ ବିଭିନ୍ନ ଜାନିଯାତ୍ରା, ପର୍ବ ପାର୍ବଣ ପରିଚାଳନା ଏବଂ କେତେକ ସମସ୍ୟା ମନ୍ଦିରର ବିଭିନ୍ନ ବିକାଶ କାର୍ଯ୍ୟ ନେଇ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତାପଶାସନ ସରପଞ୍ଚ ରୀନାରାଣୀ ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସେଥିମଧ୍ୟରେ ପଞ୍ଚୁଦୋଳ ମେଳଣ ଆଉ ୨ ଦିନ ବୃଦ୍ଧି କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବାଲକାଟି ପଞ୍ଚୁଦୋଳ ମେଳଣରେ ଜନଗହଳିକୁ ନିୟନ୍ତ୍ରଣ କରିବା ଲାଗି ଆଉ ଗୋଟିଏ ପ୍ରବେଶ ଫାଟକ ଓ ପ୍ରସ୍ଥାନ ଫାଟକ କରାଯିବାକୁ ସ୍ଥିର ହୋଇଥିଲା। ପୂର୍ବରୁ ରାତି ସାରା ଆକର୍ଷଣୀୟ ଜମାଣ ଏବଂ ୨ ଦିନ ଯାତ୍ରା କରାଯାଉଥିଲା। ଏବର୍ଷଠୁ ୫ ଦିନ ଧରି ପଞ୍ଚୁଦୋଳ ମେଳଣ କରାଯିବ। ପ୍ରତିବର୍ଷ ଶତାଧିକ ବ୍ୟବସାୟୀଙ୍କ ଭିଡ଼ ଜମୁଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା କାରବାର ହୋଇଥାଏ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଗଙ୍ଗାଧର ମାହାରି, ସମାଜସେବୀ ପବିତ୍ର ମୋହନ ବେହେରା,ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, କପିଳ ମହାରଣା, ବସନ୍ତ ସାହୁ, ବେଣୁଧର ଭୋଇ, ଶତ୍ରୁଘ୍ନ ପୃଷ୍ଟି, ରବିନ୍ଦ୍ର ବାରିକ, ବିଜୟ ସାହୁଙ୍କ ସମେତ ୪ ଦେଶ ମୁରବି, ଟ୍ରଷ୍ଟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନିଆଁ ଲାଗି ପୋଡିଗଲା ଘରର ସମସ୍ତ ସାମଗ୍ରୀ



**କଳାହାଣ୍ଡି, ୨୨।୧୨ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ଫୋଇରିପାଣି ଗ୍ରାମର ଧନୁ ମାଝୀଙ୍କ ଘରେ ନିଆଁ ଲାଗି ଯାବତୀୟ ଜିନିଷ ପୋଡି ପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଧନୁ ମାଝୀ ଏକ କୁଲିମଜୁରିଆ ତଥା ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ଏକ ଚାଳ ଛପର ଘରେ ୭ ପରିବାର ବସବାସ କରି ରହି ଆସୁଥିଲେ। ପରିବାର ସମସ୍ତେ ବିଲ କାମରେ ଯାଇଥିବା ସମୟରେ ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡି ଯାଇଛି। ଧନୁ ମାଝୀଙ୍କ ସ୍ତ୍ରୀ ମାଳତୀ ମାଝୀଙ୍କ ପ୍ରତିକ୍ରିୟା ଅନୁସାରେ ତାଙ୍କର ଝିଅ ଚନ୍ଦ୍ର କାନ୍ତି ମାଝୀ ଗତ ବର୍ଷ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅର୍ଥର ଅଭାବରୁ ଉଚ୍ଚ ଶିକ୍ଷା ପାଇଁ ବଞ୍ଚିତ ରହିଗଲେ। ଆସନ୍ତା ବର୍ଷ କୌଣସି ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢିବା ପାଇଁ ଆଗ୍ରହୀ ଥିବାବେଳେ ଦୁର୍ଭାଗ୍ୟର କଥା ଯେ ସେହି ଝିଅର ସାର୍ଟିଫିକେଟ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ଧାନ, ଚାଉଳ ସମେତ ଘର ଚଳଣି ପଦାର୍ଥ ସହ ମୋବାଇଲ, ଟିଭି, ବାସନ କୁସନ ଶୀତ ବସ୍ତ୍ର ସମେତ ପରିଶ୍ରମ କରି ରଖିଥିବା ପାଞ୍ଚ ହଜାର ଟଙ୍କା ମଧ୍ୟ ସମ୍ପୂର୍ଣ୍ଣ ପୋଡି ଯାଇ ପାଉଁଶ ହୋଇ ଯାଇଛି। ଗରିବ ଶ୍ରେଣୀର ପରିବାର ଭାବରେ ଚିହ୍ନଟ ହୋଇ ପାଇଥିବା ରେସନ କାର୍ଡ ଏବଂ ଜବ କାର୍ଡ, ଆଧାର କାର୍ଡ ମଧ୍ୟ ପୋଡ଼ିଯାଇଥିବାରୁ ପରିବାରର ସମସ୍ତ ସଦସ୍ୟ ମୁଣ୍ଡରେ ହାତ ରଖି ଚିନ୍ତାରେ ବସିଛନ୍ତି। ଏ ଅସହାୟ ପରିବାରକୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମର ଲକ୍ଷ୍ମଣ ମାଝୀଙ୍କ ସହ ଗ୍ରାମର ଜନସାଧାରଣ ଅଭିଯୋଗ କରିଛନ୍ତି।

# ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ



**ବୋରିଗୁମ୍ମା, ୨୨।୧୨ (ସଂଚାର ବ୍ୟୁରୋ):** ଆଜି ବୋରିଗୁମ୍ମା ଜଳସମ୍ପଦ ବିଭାଗ ତରଫରୁ ବୋରିଗୁମ୍ମା ଠାରେ ବିଭାଜନ ସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ଉପରକୋଲାବ ଜଳସେଚନ ଡିଭିଜନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ କୋଟପାଡ଼, ବୋରିଗୁମ୍ମାଏବଂ କୁନ୍ଦ୍ରା ବ୍ଲକ ର ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ।

ପ୍ରତିବର୍ଷ ଜଳସମ୍ପଦ ବିଭାଗ ତରଫରୁ ଚାଷୀଙ୍କ ସଚେତନ ପାଇଁ ଏହି ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଏ। ଚଳିତ ବର୍ଷ ମଧ୍ୟ ଡିସେମ୍ବର ୨୨ଠାରୁ ଜାନୁୟାରୀ ୫ତାରିଖ ପର୍ଯ୍ୟନ୍ତ ଏହି ପାଣି ପଂଚାୟତ ପକ୍ଷ ପାଳନ ହେବ। ଆଜି କୋରାପୁଟ ଜିଲ୍ଲାପାଳ ଭି କୀର୍ତିଭାସନ ସଚେତନ ରଥର ଶୁଭାରମ୍ଭ କରିବା ପରେ ଜିଲ୍ଲା ବ୍ୟାପି ସଚେତନ ରଥ ଗ୍ରାମାଞ୍ଚଳରେ ବୁଲିବ ଓ ଚାଷୀଙ୍କୁ ସଚେତନ କରିବ। ଏହି ଅବସରେ ଜଳସମ୍ପଦ ବିଭାଗ ତରଫରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଳସମ୍ପଦ ବିଭାଗର ନୋଡାଲ ଅଧିକାରୀ ନରେନ୍ଦ୍ର କୁମାର ସିଠଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ମୁଖ୍ୟ ବକ୍ତା ରୂପେ ନିର୍ମଳ କୁମାର ଜେନା, ଯୋଗଦେଇ ପାଣିପାଞ୍ଚାୟତ ପକ୍ଷ ପାଳନ ର ଲକ୍ଷ୍ୟ ଉପରେ ଆଲୋକ ପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟ୍ୟର ଜୟପୁର ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ, ନବରଙ୍ଗପୁର ସାଂସଦ ଙ୍କ ପ୍ରତିନିଧି ରାମେଶ୍ୱର ଜେନା, ଉଦ୍ୟାନ ବିଭାଗ ର ଅଧିକାରୀ ବିଜୟ କୁମାର ମାହୁନ୍ତ, କୃଷି ଅଧିକାରୀ ସୁରଜ କୁମାର ବେହେରା, ପାଣିପଞ୍ଚାୟତ ଶୀର୍ଷ କମିଟି ସଭାପତି ବାଳକୃଷ୍ଣ ବିଶୋଇ, ସଭ୍ୟ କେଶବ ପଣ୍ଡା, ବିଜେପି ମଣ୍ଡଳ ସଭାପତି ରାଜ ସିଂ ପ୍ରମୁଖ ମଂଚାସୀନ ଥିଲେ।





# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପୁରୀ ଜିଲ୍ଲା ଶାଖାର ତ୍ରିବାର୍ଷିକ ସମ୍ମିଳନୀ

**କୋଣାର୍କ, ୨୨।୧୨ (ସଂଚାର ବ୍ୟୁରୋ):** କୋଣାର୍କ ଯାତ୍ରୀ ନିବାସ ବାଙ୍କୁଏଟ ହଲ ଠାରେ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପୁରୀ ଜିଲ୍ଲା ଶାଖାର ତ୍ରିବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପୁରୀ ଜିଲ୍ଲା ଶାଖାର ସଭାପତି ରାମଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶାଖାର ତ୍ରିବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ରାଜସ୍ୱ କ୍ଷେତ୍ର ଅଧିକାରୀ ମାନେ ସଠିକ କର୍ତ୍ତବ୍ୟ ସଂପାଦନ କରିବା ସହିତ ନିଷ୍ଠାପର ସେବା ମନୋଭାବ ପୋଷଣ କରି ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ରହି ସେମାନଙ୍କ ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ତ୍ୱରିତ ସମାଧାନ ପୂର୍ବକ ଉତ୍ତମ ସେବା ପ୍ରଦାନ ଦିଗରେ କାର୍ଯ୍ୟ କରିବା ଜରୁରୀ ବୋଲି ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ରାଜ୍ୟ ସଭାପତି ସୁଚେନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଆକ୍ତର, ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହାୟକ ଜିଲ୍ଲାପାଳ ସୁଜିତ କୁମାର ସ୍ୱାଇଁ, ରାଜ୍ୟ ଯୁଗ୍ମସଂପାଦକ ଶୁଭ୍ରଜିତ ମଦୁଆଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ମହନ୍ତ, ପୁରସ୍ତମ କଅଁର, ପୁରୀ ଜିଲ୍ଲା ନିର୍ବାଚନ ଅଧିକାରୀ ଅଜିତ କୁମାର ଡାକୁଆ ପ୍ରମୁଖ ଯୋଗଦେଇଥିଲେ।

# ବୈଶିଙ୍ଗାରେ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉ

**ବୈଶିଙ୍ଗା, ୨୨।୧୨ (ସଂଚାର ବ୍ୟୁରୋ):** ଚାରିଆଡେ ଚାଲିଛି ବିକାଶର ନାରା। ପୂର୍ବ ସରକାର ଯେମିତି ଚାଷୀଙ୍କୁ ଭଣ୍ଡେଇ ଚାଲିଥିଲେ, ନୂଆ ବିଜେପି ସରକାର ମଧ୍ୟ ସେଇ ଧାରାରେ ଚାଲିଥିବାର ଅଭିଯୋଗ ହେଉଛି। ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲି ବୁଲି ସମୟକୁ ବିତାଇ ଦେଉଛନ୍ତି। ଏଥିପାଇଁ କୃଷି ଉତ୍ପାଦନ କମୁଛି। ମାତ୍ର ଜନସଂଖ୍ୟା ବଢିବଢି ଚାଲିଛି। ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।



ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ । ମୁଖ୍ୟତଃ ଆଳୁ, ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଅଧିକ ଦାମରେ ବିକ୍ରି ହେଉଛି । ବୈଶିଙ୍ଗାଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ୍ୟ ବଳକା ପନି ପରିବା ସାଇତା ଯାଇ ପାରନ୍ତା । ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢି ନଷ୍ଟ ହୋଇଯାଉଛି। ଏଥି ପାଇଁ ଚାଷୀ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ବିଭିନ୍ନ ଯୋଜନାରେ ପୂର୍ବ ସରକାର କୋଟି କୋଟି ଟଙ୍କାର ଅଯଥା ଖର୍ଚ୍ଚ କରିଥିବା ବେଳେ ଚାଷୀଙ୍କ ସୁବିଧାକୁ ଭୁଲି ଯାଇଥିଲେ । ନୂଆ ସରକାର ଯେପରି ଏଫ୍ଏକ୍ୟୁ ଧାନ ଟ୩୧୦୦ଙ୍କାରେ କିଣିବେ ବୋଲି ଘୋଷଣା କରିଥିବା ବେଳେ ଧାନର ପ୍ରକୃତ ମାନ ନ ଥିବାରୁ ଧାନ କିଣା ହୋଇପାରୁ ନାହିଁ। ଆଶା କରାଯାଏ ନୂଆ ସରକାର ଚାଷୀଙ୍କ ହିତରେ କାମ କରିବେ ।

# ହିରାଦେଇପୁରରେ ଚୋରି ଫରେନସିକ ଟିମ୍‌ର ଯାଞ୍ଚ

**ଅସ୍ତରଙ୍ଗ, ୨୨।୧୨ (ସଂଚାର ବ୍ୟୁରୋ):** ଅସ୍ତରଙ୍ଗ ଥାନା ଅନ୍ତର୍ଗତ ପାଟଳଦା ପଞ୍ଚାୟତ ହିରାଦେଇପୁର ଗାଁରେ ଗତ ଶୁକ୍ରବାର ରାତିରେ ଏକ ଚୋରି ହୋଇଛି। ସେହି ଗ୍ରାମର ମଦନ ମଲ୍ଲିକ ଅବସରପ୍ରାପ୍ତ ସେନା କର୍ମଚାରୀ ସେ ରୁହନ୍ତି କଟକରେ । ମାଣ ବସାଇବା ପାଇଁ ଆସିଥିଲେ। ମାଣବସା କାମ ସାରି ଗତ ରବିବାର ଦିନ କଟକ ଫେରିଯାଇଥିଲେ। ନିଜ ପୁତୁରାବୋହୂକୁ ଘରର ଦେଖାଚାହାଁ କରିବା ପାଇଁ ଦେଇ ଯାଇଥିଲେ। ଶନିବାର ପୁତୁରାବୋହୁ ତାଙ୍କ ଘରକୁ ଆସି ଦେଖିଥିଲେ ସମସ୍ତ ଘରର ତାଲା ଭଙ୍ଗା ହୋଇ ପଡିଚି ଏବଂ ତାଙ୍କୁ ଖବର ଦେଇଥିଲେ। ଖବର ପାଇ କଟକରୁ ଆସି ଘର ଦେଖିବା ପରେ ଅସ୍ତରଙ୍ଗ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ରବିବାର ଦିନ ଅସ୍ତରଙ୍ଗ



ଥାନାର ଏସ ଆଇ ଦିପକ ସାମାନ୍ତସିଂହାର, ଏ ଏସ ଆଇ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସହିତ ଏକ ଟିମ ସହିତ ପୁରୀ ଡଗ ସ୍କ୍ୱାଡ଼ ସହିତ ଫରେନସିକ୍ ଟିମ୍ ପହଞ୍ଚି ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି। ସନ୍ଧାନି କୁକୁର ପହଞ୍ଚିବା ପରେ ବିଭିନ୍ନ ଆଡେ ସନ୍ଧାନ କରି କରି ବୁଲିଥିଲା। ଗ୍ରାମବାସୀଙ୍କ ମନରେ ଏକ ସନ୍ଦେହ ଘନୀଭୂତ ହେଉଚି । ପ୍ରଶ୍ନ ଉଠୁଛି ଚୋର ଜାଣିଥିଲା ସିସିଟିଭି କାମ କରୁ ନାହିଁ ବୋଲି। ଏହାକୁ ନେଇ ସମ୍ପୂର୍ଣ୍ଣ ଅଞ୍ଚଳ ରେ ଏକ ରୋଚକ ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ଅସ୍ତରଙ୍ଗ ପୋଲିସର ତଦନ୍ତ ଉପରେ ସବୁ କିଛି ନିର୍ଭର କରୁଛି ବୋଲି ଏତଲାକାରୀ କହିଛନ୍ତି।

# ବାଲିଆପାଳରେ ବେଧଡକ ଭାବେ ଚାଲିଛି ବେଆଇନ ମାଟି କାରବାର

**ବାଲିଆପାଳ, ୨୨।୧୨ (ସଂଚାର ବ୍ୟୁରୋ) :** ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ବେଆଇନ ମାଟି କାରବାର। ମାଫିଆମାନେ ସରକାରୀ ଏବଂ ବେସରକାରୀ ଜାଗାରୁ ମନଇଚ୍ଛା ମାଟି ତାଡ଼ି ଚଢା ଦରରେ ବିକ୍ରି କରି ମାଲେମାଲେ ହେଉଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ମାଟି ମାଫିଆମାନେ ପାଳଜାମକୁଣ୍ଡା, ବିଷ୍ଣୁପୁର ପ୍ରମୁଖ ସ୍ଥାନରେ ମାଟି ଉତ୍ତୋଳନ କରୁଥିବା ବେଳେ ଗ୍ରାମବାସୀ ବିରୋଧ କରିବାରୁ କିଛି ଅସାମାଜିକ ଯୁବକଙ୍କୁ ହାତ ବାରିସି କରି ଲୋକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହେଉଛି। ଫଳରେ ଜନସାଧାରଣଙ୍କର ବିରୁଦ୍ଧାଭାସ ପ୍ରଶାସନ ପାଖରେ ପହଞ୍ଚିବାରୁ ନାହିଁ। ମାଟି ଉତ୍ତୋଳନ ସ୍ଥାନ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବାରୁ ମାଫିଆ - ପ୍ରଶାସନର ମଧୁ ଚନ୍ଦ୍ରିକାରେ ବେଆଇନ କାମ ଚାଲିଛି ବୋଲି ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ତହସିଲଦାର ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠିଙ୍କୁ ଯୋଗାଯୋଗ କରିବାରୁ ପ୍ରତିକ୍ରିୟାରେ କହିଛନ୍ତି ସ୍ଥାନୀୟ ଆରଆଇମାନଙ୍କୁ ମାଫିଆ ମାନଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।





**କେବେ ମିଳିବ ବର୍ଦ୍ଧିତ ଭତ୍ତା ଟଙ୍କା**

# ଅପେକ୍ଷାରେ ୧୭୮୦ ହିତାଧିକାରୀ

**କାକଟପୁର/ଅସ୍ତରଙ୍ଗ, ୨୨।୧୨ (ସଂଚାର ବ୍ୟୁରୋ) :** ୨୫ବର୍ଷ ପରେ ଓଡ଼ିଶାରେ ପ୍ରଥମ ଥର ବିଜେପି ସଂଖ୍ୟା ଗରିଷ୍ଠତାରେ ସରକାର ଗଠନ କରିଛି। ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ଇସ୍ତାହାରରେ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ସରକାର ଗଠନ ହେବାର ଛଅ ମାସ ଅତିକ୍ରାନ୍ତ ହୋଇଗଲାଣି। ବିଜେପି ସରକାରକୁ ଆସିଲେ ହିତାଧିକାରୀ ମାନଙ୍କ ଭତ୍ତା ଟଙ୍କାକୁ ବୃଦ୍ଧି କରାଯିବ ବୋଲି କୁହାଯାଇଥିଲା। ଏହାକୁ ନେଇ ବିରୋଧୀ ଦଳ ବିଭିନ୍ନ ପ୍ରଶ୍ନ ଉଠାଇବା ପରେ ବର୍ଦ୍ଧିତ ଭତ୍ତା ଟଙ୍କା କେବଳ ୮୦ବର୍ଷରୁ ଉର୍ଦ୍ଧ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା।

ନୂତନ ସରକାରଙ୍କ ନୂତନ ବର୍ଦ୍ଧିତ ଭତ୍ତା ଟଙ୍କା କେବେ ଠାରୁ କାର୍ଯ୍ୟକାରୀ ହେବ ଏବଂ ବ୍ଲକ ସ୍ତରରେ ବୃଦ୍ଧ ବୃଦ୍ଧା,



ଭିନ୍ନକ୍ଷମ ବ୍ୟକ୍ତି ମାନେ କେବେ ଏହି ଟଙ୍କା ପାଇବେ ତାହାକୁ ନେଇ ଆଶା ଆଶଙ୍କା ଦେଖା ଦେଇଛି।ସରକାର ଘୋଷଣା ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୮୦ବର୍ଷରୁ ଉର୍ଦ୍ଧ ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ୧୭୮୦ଜଣ ଭତ୍ତା ହିତାଧିକାରୀ ଅପେକ୍ଷାରେ ଥିବାର ସୂଚନା ମିଳିଛି। ସୂଚନା ଅନୁଯାୟୀ ଅସ୍ତରଙ୍ଗ ବ୍ଲକରେ ୧୫ଗୋଟି ପଂଚାୟତ। ଏହି ସବୁ ପଂଚାୟତ ରେ ବିଭିନ୍ନ ଭତ୍ତା ଯୋଜନା ରେ ମୋଟ ୧୩ହଜାର ୮ଶହ ୧୪ଜଣ ଭତ୍ତା ହିତାଧିକାରୀ ଅଛନ୍ତି। ଏଥି ମଧ୍ୟରୁ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଏବଂ ସ୍ୱାମୀ ପରିତ୍ୟକ୍ତା ଭତ୍ତା ହିତାଧିକାରୀମାନେ ମାସକୁ ଏକ ହଜାର ଟଙ୍କା ପାଉଥିବା ବେଳେ ୮୦ବର୍ଷରୁ ଉର୍ଦ୍ଧ ହିତାଧିକାରୀ ମାନଙ୍କୁ ମାସକୁ ୧୨ଶହ ଟଙ୍କା ପ୍ରଦାନ କରାଯାଉଛି। ଏମାନଙ୍କ ମଧ୍ୟରୁ ମଧୁବାବୁ ଯୋଜନାରେ ୭୯୪ଜଣ ଓ ଇନ୍ଦିରା ଗାନ୍ଧୀ ଯୋଜନା ରେ ୯୮୬ଜଣ ଭତ୍ତା ପାଉଛନ୍ତି। ହେଲେ ସରକାରଙ୍କ ନୂତନ ନିୟମ ଅନୁଯାୟୀ ୮୦ବର୍ଷରୁ ଉର୍ଦ୍ଧ ମୋଟ ୧୭୮୦ଜଣଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ୩୫ଶହ ଟଙ୍କା ଲେଖାଏଁ କେବେ ଠାରୁ ମିଳିବ ସେ ନେଇ ପ୍ରଶ୍ନ ଉଠିଛି। ହେଲେ ଘୋଷଣା ବର୍ଦ୍ଧିତ ଟଙ୍କା ପ୍ରଦାନ କରିବା ପାଇଁ କୌଣସି ନିର୍ଦ୍ଦେଶ ଆସିନଥିବା ବ୍ଲକରୁ ସ୍ପଷ୍ଟ କରାଯାଇଛି।

ଚଳିତ ବିଧାନସଭା ଅଧିବେଶନ ସମୟରେ ନୂତନ ସରକାର ଏ ଦିଗରେ ଦୃଷ୍ଟିଦେଇ ଅର୍ଥ ଅନୁମୋଦନ ସମ୍ପର୍କରେ ପଦକ୍ଷେପ ନେଲେ ବ୍ଲକ ସମେତ ବିଭିନ୍ନ ସ୍ଥାନରୁ ହଜାର ହଜାର ଯୋଗ୍ୟ ହିତାଧିକାରୀ ବର୍ଦ୍ଧିତ ଭତ୍ତା ଟଙ୍କା ପାଇ ଉପକୃତ ହୋଇପାରନ୍ତେ।

# ପୁରୁଣା ହସ୍ପିଟାଲକୁ ଏଫ୍ଆରୟୁ ଘୋଷଣା କରାଯାଉ

**ବରଗଡ଼, ୨୨।୧୨ (ସଂଚାର ବ୍ୟୁରୋ):** ବରଗଡ଼ ସହରର ପୁରାତନ ଡାକ୍ତରଖାନା ଏବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାବେ କାର୍ଯ୍ୟ କରୁଅଛି ହେଲେ ନା ଏଠାରେ ଅଛନ୍ତି ବିଶେଷଜ୍ଞ ଡାକ୍ତର ନା ଅଛନ୍ତି ପୂର୍ଣ୍ଣମାତ୍ରାରେ ଷ୍ଟାଫ, ନର୍ସ ନା କାର୍ଯ୍ୟ କରୁଛି ଅସ୍ତ୍ରୋପ୍ରଚାର କକ୍ଷ। ତେଣୁ ଏଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପୂର୍ଣ୍ଣ ଭାବେ କାର୍ଯ୍ୟ କରିବାରେ ବିଫଳ ହୋଇଛି। ତେଣୁ ଏହାକୁ ପୂର୍ଣ୍ଣକ୍ଷମ କରିବା ପାଇଁ ଏଫ୍ଆରୟୁ ଘୋଷଣା କରିବାକୁ ଦାବି ହୋଇଛି। ଏହି ସମ୍ବନ୍ଧରେ ହସ୍ପିଟାଲ ବଞ୍ଚାଅ ଅଭିଯାନର ସଦସ୍ୟମାନେ ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କୁ ଏକ ଦାବୀପତ୍ର ଦେଇଛନ୍ତି। ସେହିପରି ଏହି ହସ୍ପିଟାଲରେ ଥିବା ରକ୍ତ ଭଣ୍ଡାର ମଧ୍ୟ ଅନ୍ୟତ୍ର ନ ଉଠା ଯାଉ ବୋଲି ସଦସ୍ୟ ମାନେ ଜଣାଇଛନ୍ତି। ଏଥିରେ ଦିନବନ୍ଧୁ ମେହେର, ସାରଥୀ ମେହେର,ରବୀନ୍ଦ୍ର କୁମ୍ଭାର,ସୁଶାନ୍ତ ପାଢ଼ୀ,ବିକାଶ ସିନ୍ଧିରିଆ, ଅଭୟ ସିନ୍ଦୁର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



# ପିକ୍ଅପ ଧକ୍କାରେ ବାଇକ ଚାଳକ ମୃତ

**ବରଗଡ଼, ୨୨।୧୨ (ସଂଚାର ବ୍ୟୁରୋ):** ଜତୀୟ ରାଜପଥ (୫୩)ର ଅତାବିରା ବସଷ୍ଟାଣ୍ଡ ଛକରେ ଏକ ପିକ୍ଅପ ଧକ୍କାରେ ଜଣେ ବାଇକ ଚାଳକର ମୃତ୍ୟୁ ଘଟିଛି। ଖବର ପାଇ ଅତାବିରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତକୁ ଉଦ୍ଧାର କରି ଅତାବିରା ହସ୍ପିଟାଲକୁ ନେଇଥିଲେ। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣକ ହେଲେ ଅତାବିରା ଥାନା ଲସ୍ତଲା ଗ୍ରାମର ରାମଚନ୍ଦ୍ର ମେହେର(୭୨) ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ସେ କୌଣସି କାମରେ ଅତାବିରା ଆସି ବସଷ୍ଟାଣ୍ଡ ଛକ ଦେଇ ବାଇକରେ ଅତିକ୍ରମ କରୁଥିବା ବେଳେ ବରଗଡ ପଟରୁ ଆସୁଥିବା ମାଲ ବୋଝେଇ ପିକ୍ଅପ ଭ୍ୟାନ ଓଡ଼ି-୧୭-ଏମ-୪୪୨୯ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ଗାଡି ଚକା ତଳେ ଚାପି ହୋଇ ଯାଇଥିଲେ। ଭ୍ୟାନ୍‌ଟିକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି ।